
ଜୟଗୁରୁ

# ପ୍ରତୀକ୍ଷା ଗୀତିକା

ସଂଯୋଜନା: ଗୁରୁଦାସ

ପ୍ରକାଶକାଳ: ୨୦୧୧, ଝୁଲଣପୂର୍ଣ୍ଣିମା



# ସୂଚୀପତ୍ର


| କ୍ରମ | କ'ଣ | କେତେବେଳେ | କେଉଁଠି |
|---|---|---|---|
| ୧ | ଅମାନିଶି ହେଲା ପରଭାତ | ଜାଗରଣ | ୧୩ |
| ୨ | ଅନାଅରେ ଅନାଅରେ ଅନାଅ | ଜାଗରଣ | ୧୪ |
| ୩ | ଅଳସେ ଶୁଅନା ଆଉ ଜାଗନିଦ୍ରା ପରିହର | ଜାଗରଣ | ୧୫ |
| ୪ | ଅବୋଧରେ ଆଖି ମେଲି ତୁ ଅନାଅଁ | ଜାଗରଣ | ୧୬ |
| ୫ | ଆଉ କେତେ କାଳ ଥିବୁ ଘୁମାଇରେ | ଜାଗରଣ | ୧୭ |
| ୬ | ଆଉ ଘୁମାଇଁ ରହନା ମନ | ଜାଗରଣ | ୧୮ |
| ୭ | ଆଜି ଏ ଶୁଭ ପ୍ରଭାତେ, କଣ୍ଠ ଭରି | ଜାଗରଣ | ୧୯ |
| ୮ | ଆସ ଭାଇ ଭଉଣୀଏ ମିଳି | ଜାଗରଣ | ୨୦ |
| ୯ | ଆସି ଅରୁଣ ପୂରୁବେ ଉଇଁଲା | ଜାଗରଣ | ୨୧ |
| ୧୦ | ଉଦିତ ଭାନୁ ତମସା ହରି ଗତ ଶର୍ବରୀ | ଜାଗରଣ | ୨୨ |
| ୧୧ | କେତେ ଘୁମାଉଛୁ ବାଉଳାରେ ଉଠ | ଜାଗରଣ | ୨୩ |
| ୧୨ | କେତେ ରହିଛୁ ଆଉ ଘୁମାଇଁ | ଜାଗରଣ | ୨୪ |
| ୧୩ | ଗାଅରେ ଗାଅରେ ସେ ନାମ କଣ୍ଠ ଭରି | ଜାଗରଣ | ୨୫ |
| ୧୪ | ଗୁରୁନାମ ଆନନ୍ଦରେ ଗାଅ ଅବିରାମ | ଜାଗରଣ | ୨୬ |
| ୧୫ | ଘନ ଅଂଧାରେ କେ' ସେ ଡାକେରେ | ଜାଗରଣ | ୨୭ |
| ୧୬ | ଘୁମାଇଁ ନ ରହ ଏଇ ମଧୁ ପରଭାତେ | ଜାଗରଣ | ୨୮ |
| ୧୭ | ଜୟଗୁରୁ ବୋଲି ନିଦ୍ରା ପରିହରି | ଜାଗରଣ | ୨୯ |
| ୧୮ | ଜୟଗୁରୁ ବୋଲି ଜାଗ ଜଗଜ୍ଜନ | ଜାଗରଣ | ୩୦ |
| ୧୯ | ଜୟଗୁରୁ ବୋଲି ଗାଅ କଣ୍ଠ ମେଲି | ଜାଗରଣ | ୩୧ |
| ୨୦ | ଜଗାଅରେ ଗଗନ ଭୁବନ ପବନ | ଜାଗରଣ | ୩୨ |
| ୨୧ | ଜାଗରେ, ଅମୃତ ସନ୍ତାନ ବେଗେ ଜାଗ | ଜାଗରଣ | ୩୩ |
| ୨୨ | ଜାଗରେ, ଜାଗରେ, ଜାଗରେ, | ଜାଗରଣ | ୩୪ |

# ସୂଚୀପତ୍ର


| କ୍ରମ | କ'ଣ | କେତେବେଳେ | କେଉଁଠି |
|---|---|---|---|
| ୨୩ | ଜାଗରେ ଜାଗ ଭାଙ୍ଗ ଘୁମ ଭାଙ୍ଗ | ଜାଗରଣ | ୩୫ |
| ୨୪ | ଜାଗରେ ଜାଗ ଶୁଭପ୍ରଭାତେ | ଜାଗରଣ | ୩୬ |
| ୨୫ | ଜାଗ ଜଗତ ଜନ ନିରେଖ ନବ ଅରୁଣ | ଜାଗରଣ | ୩୭ |
| ୨୬ | ଜାଗ ଜାଗ ନିଦ୍ରା ତେଜ ପବିତ୍ର ବେଳାରେ | ଜାଗରଣ | ୩୮ |
| ୨୭ | ଜାଗ ଜାଗ ଜାଗ ସକଳ ଦିବ୍ୟ ଅମର ବାସୀ | ଜାଗରଣ | ୩୯ |
| ୨୮ | ଜାଗ ଜଗବାସୀ ଆସି ନିଶି ପାହିଲାଣି | ଜାଗରଣ | ୪୦ |
| ୨୯ | ଜାଗ ନିଶି ପାହିଲାଣି ରାଜେ ରବି କରରେ | ଜାଗରଣ | ୪୧ |
| ୩୦ | ଜାଗ ହେ ସରବେ ମାତହେ ଗରବେ | ଜାଗରଣ | ୪୨ |
| ୩୧ | ଡାକମନ କରୁଣା ସାଗରେ | ଜାଗରଣ | ୪୩ |
| ୩୨ | ଦେଖରେ ଦେଖରେ ଉଦୟ ଅଚଳେ | ଜାଗରଣ | ୪୪ |
| ୩୩ | ଧରା ଥିଲା ତ ଚାହିଁ | ଜାଗରଣ | ୪୫ |
| ୩୪ | ନବ ରବି ଆସେ ଉଇଁ | ଜାଗରଣ | ୪୬ |
| ୩୫ | ନିଦ ଭାଙ୍ଗ ରାତିତ ହେଲା ପାହାନ୍ତି | ଜାଗରଣ | ୪୭ |
| ୩୬ | ନିଦ ଭାଙ୍ଗ ରାତିତ ଆସେ ପାହିରେ | ଜାଗରଣ | ୪୮ |
| ୩୭ | ନିଦ ଭାଙ୍ଗ କେତେ ରହିଛୁ ସତେ ଶୋଇରେ | ଜାଗରଣ | ୪୯ |
| ୩୮ | ନିଶି ହେଲାଣି ପାହାନ୍ତି ଜାଗ ଜଗବାସୀ | ଜାଗରଣ | ୫୦ |
| ୩୯ | ନିଶି ହେଲାଣି ପାହାନ୍ତି ଜାଗ ଶେଯ ତେଜ | ଜାଗରଣ | ୫୧ |
| ୪୦ | ପରଭାତ ବିଭାବରୀ | ଜାଗରଣ | ୫୨ |
| ୪୧ | ପାହିଲା ରଜନୀ ଜାଗ ଜାଗ ଶେଯ ତେଜ | ଜାଗରଣ | ୫୩ |
| ୪୨ | ବାଉଳା ଅଳସ ପହୁଡ଼ ତେଜ | ଜାଗରଣ | ୫୪ |
| ୪୩ | ଭିଖାରୀରେ ଜାଗ ଗଡ଼ିଯାଏ କାଳ | ଜାଗରଣ | ୫୫ |
| ୪୪ | ମନରେ ଅଳସ ବରଜି ବୋଲ ହରି | ଜାଗରଣ | ୫୬ |
| ୪୫ | ମିଛେ ନ ରହ ଆଉ ଘୁମାଇଁ | ଜାଗରଣ | ୫୭ |
| ୪୬ | ଶୁଭ ପରଭାତେ ନବରବି ପରକାଶ | ଜାଗରଣ | ୫୮ |

## ସୂଚୀପତ୍ର


| କ୍ରମ | କ'ଣ | କେତେବେଳେ | କେଉଁଠି |
|---|---|---|---|
| | **ପ୍ରତୀକ୍ଷା** | | |
| ୪୭ | ଅନାଇ ବସିଛି ଖାଲି ମୁଁ ଆସିବ କେବେ | ପ୍ରତୀକ୍ଷା | ୬୧ |
| ୪୮ | ଆଖି ପାଣି ଆଖି କୋଣରେ ମାରି ମୁଁ | ପ୍ରତୀକ୍ଷା | ୬୨ |
| ୪୯ | ଆନନ୍ଦମୟ ନିଗମାନନ୍ଦ ଜୟ | ପ୍ରତୀକ୍ଷା | ୬୩ |
| ୫୦ | ଏ ନବ ପ୍ରଭାତେ ଆଜି ଏ ନବ ଉଷାରେ | ପ୍ରତୀକ୍ଷା | ୬୪ |
| ୫୧ | ଏ ଶୁଭ ଲଗନେ ମୃଦୁ ବାତାୟନେ | ପ୍ରତୀକ୍ଷା | ୬୬ |
| ୫୨ | ଏ ମୋର ହୃଦୟ କୁଟୀରେ ନାଥ ! | ପ୍ରତୀକ୍ଷା | ୬୭ |
| ୫୩ | ଏତେ ଦିନେ ସତେ ଆଜି ପାରିଲି ବାରି | ପ୍ରତୀକ୍ଷା | ୬୮ |
| ୫୪ | କମ ଆଖିକି ସତେ ଆଉ ଥରେ | ଅଭିଳାଷ | ୬୯ |
| ୫୫ | କରୁଣା ଦୁଆରେ ଶରଣ ଭିଖାରି ମାଗୁଛି କର | ପ୍ରତୀକ୍ଷା | ୭୦ |
| ୫୬ | କାହିଁ ଅଛ ଦେବ କେଉଁ ଦୂର ଲୋକେ | ପ୍ରତୀକ୍ଷା | ୭୨ |
| ୫୭ | କେତେ ଆଉ ଖେଳ ଲୁଚକାଳି | ପ୍ରତୀକ୍ଷା | ୭୩ |
| ୫୮ | ଚରଣେ ତଳେ ଘେନ ପ୍ରଣତି ନାଥ | ପ୍ରତୀକ୍ଷା | ୭୪ |
| ୫୯ | ଚାହିଁ ରହିଛି ଚାହିଁ ରହିଛି ସେ ଦିନକୁ ପୋଡ଼ା | ପ୍ରତୀକ୍ଷା | ୭୫ |
| ୬୦ | ଚାହିଁ ରହିଛି ଏ ବେନି ନୟନ | ପ୍ରତୀକ୍ଷା | ୭୬ |
| ୬୧ | ଚାହିଁ ରହିଛି ହେ, କେବେ ଆସିବ ସେ ଦିନ | ପ୍ରତୀକ୍ଷା | ୭୭ |
| ୬୨ | ଚାକି ରହିଛିରେ ସେଦିନକୁ ପୋଡ଼ା ଆଖି | ଅଭିଳାଷ | ୭୮ |
| ୬୩ | ତୁମ ପଥ ଚାହିଁ ଚାହିଁ, ତୁମ ଗୁଣ ସଦା ଗାଇ | ପ୍ରତୀକ୍ଷା | ୭୯ |
| ୬୪ | ଦରଶନ ଦିଅ ଦେବ ଦରଶନ ଦିଅ | ପ୍ରତୀକ୍ଷା | ୮୦ |
| ୬୫ | ଦରଶନ ଦିଅ ପ୍ରଭୁ ! ଦରଶନ ଦିଅ | ପ୍ରତୀକ୍ଷା | ୮୧ |
| ୬୬ | ଦିବସ ନିଶି ଯେତେ ଖୋଜି ହେଲି | ପ୍ରତୀକ୍ଷା | ୮୨ |
| ୬୭ | ଦେବତା ! ତୁମରି ଚରଣ ତଳରେ | ପ୍ରତୀକ୍ଷା | ୮୩ |
| ୬୮ | ଦେବ ରହିଅଛ କାହିଁ, କେଉଁ ଅଜଣା | ପ୍ରତୀକ୍ଷା | ୮୪ |
| ୬୯ | ଧନଜନ ମାଗୁ ନାହିଁ, ଖାଲି ଦୁଆର ଦିଅ | ପ୍ରତୀକ୍ଷା | ୮୬ |

## ସୂଚୀପତ୍ର


| କ୍ରମ | କ'ଣ | କେତେବେଳେ | କେଉଁଠି |
|---|---|---|---|
| ୭୦ | ଧନ ମାଗୁ ନାହିଁ ଜନ ମାଗୁ ନାହିଁ | ପ୍ରତୀକ୍ଷା | ୮୭ |
| ୭୧ | ନାଥ ମନର ବାସନା ମୋର | ପ୍ରତୀକ୍ଷା | ୮୮ |
| ୭୨ | ନିଖିଳ ଭୁବନ ଅନ୍ଧାର ଘେରା | ପ୍ରତୀକ୍ଷା | ୮୯ |
| ୭୩ | ନିରବଧି ତନୁ ମାଜି ବସନ ଭୂଷଣ ସାଜି | ପ୍ରତୀକ୍ଷା | ୯୦ |
| ୭୪ | ନିରବ ନିଥର ଦେଉଳ ଦୁଆର ଫେରି ଆସ | ପ୍ରତୀକ୍ଷା | ୯୧ |
| ୭୫ | ନିରତ ନୟନ ଖୋଜେ ସେ ରତନ | ପ୍ରତୀକ୍ଷା | ୯୨ |
| ୭୬ | ନିତ୍ୟ ନବ ଭାବେ ତବ ପୂଜିବି ଚରଣ | ପ୍ରତୀକ୍ଷା | ୯୩ |
| ୭୭ | ନୂତନ ପ୍ରଭାତେ ନୂତନ ହୃଦୟେ | ପ୍ରତୀକ୍ଷା | ୯୪ |
| ୭୮ | ପଖାଳିବି ବୋଲି ଚରଣ ଯୁଗଳ | ପ୍ରତୀକ୍ଷା | ୯୫ |
| ୭୯ | ପ୍ରଭାତୀ ଆରତି କଲାଣି ପ୍ରକୃତି | ପ୍ରତୀକ୍ଷା | ୯୬ |
| ୮୦ | ପ୍ରିୟତମ ହେ ! ଆଖିର ଅଦେଖା ମୋର | ପ୍ରତୀକ୍ଷା | ୯୮ |
| ୮୧ | ପ୍ରେମର ଠାକୁର ! ମନ ବୃନ୍ଦାବନେ | ପ୍ରତୀକ୍ଷା | ୯୯ |
| ୮୨ | ପ୍ରାଣଠାକୁର ! ସେହି ରୂପେ ଦିଅ ଦର୍ଶନ | ପ୍ରତୀକ୍ଷା | ୧୦୦ |
| ୮୩ | ପ୍ରେମ କଳପତରୁ ଚରଣେ ପ୍ରଣମେ ଗୁରୁ | ପ୍ରତୀକ୍ଷା | ୧୦୧ |
| ୮୪ | ବହୁଭାଗ୍ୟ ଫଳେ ଯେବେ ଦେଇଗଲ | ଅଭିଳାଷ | ୧୦୨ |
| ୮୫ | ବସ ହୃଦ ସିଂହାସନେ ଦେବତା ମୋର | ପ୍ରତୀକ୍ଷା | ୧୦୪ |
| ୮୬ | ବିଜେ ପଥ ଚାହିଁ ରହିଛି ଅନାଇ | ପ୍ରତୀକ୍ଷା | ୧୦୫ |
| ୮୭ | ବିଜେ କର କରୁଣା ନିଧାନ | ପ୍ରତୀକ୍ଷା | ୧୦୬ |
| ୮୮ | ବିଜେ କର ଆଜି ଠାକୁର | ପ୍ରତୀକ୍ଷା | ୧୦୭ |
| ୮୯ | ବୃନ୍ଦାବନେ ଯିବି କାହିଁକି | ପ୍ରତୀକ୍ଷା | ୧୦୮ |
| ୯୦ | ଭାଙ୍ଗିଲା ନିଦ ଡାକିଲ ତୁମେ | ପ୍ରତୀକ୍ଷା | ୧୦୯ |
| ୯୧ | ମନ କୁସୁମରେ ଭକତି ସୂତାରେ | ପ୍ରତୀକ୍ଷା | ୧୧୦ |
| ୯୨ | ମନପୂଜା ତୋର ବିଫଳେ ନ ଯିବ | ପ୍ରତୀକ୍ଷା | ୧୧୧ |
| ୯୩ | ମନ ମନ୍ଦିର ମୋର, ସାନ ବୋଲି କି | ପ୍ରତୀକ୍ଷା | ୧୧୨ |

## ସୂଚୀପତ୍ର


| କ୍ରମ | କ'ଣ | କେତେବେଳେ | କେଉଁଠି |
|---|---|---|---|
| ୯୪ | ମନ ଆକାଶରେ ଧୂପ ଛାଇ ତଳେ | ପ୍ରତୀକ୍ଷା | ୧୧୩ |
| ୯୫ | ମନ ସିଂହାସନେ ବିଜେ କରିବାକୁ | ପ୍ରତୀକ୍ଷା | ୧୧୪ |
| ୯୬ | ମନୁଆଁ ! ଜୀବ ପଛେ ଗଲେ ଯିବ | ପ୍ରତୀକ୍ଷା | ୧୧୫ |
| ୯୭ | ମରମ ମଝିରେ ମାଜି ଘଷି ମୁଁ ଯେ | ପ୍ରତୀକ୍ଷା | ୧୧୬ |
| ୯୮ | ମହା ମନ୍ଦିର ଚାରୁ ତୋରଣରେ ପ୍ରିୟ | ପ୍ରତୀକ୍ଷା | ୧୧୭ |
| ୯୯ | ମିଳନ ମନ୍ଦିରେ ମୋର | ପ୍ରତୀକ୍ଷା | ୧୧୮ |
| ୧୦୦ | ମୁଁ ଯେ ଖୋଜି ବୁଲେ ନିଶିଦିନ | ପ୍ରତୀକ୍ଷା | ୧୧୯ |
| ୧୦୧ | ମୁଁ ଯେ ଆଶାରେ ଗଣୁଛି ଦିନ | ପ୍ରତୀକ୍ଷା | ୧୨୦ |
| ୧୦୨ | ମୋତେ ସେହି ରୂପେ ଦିଅ ଦରଶନ | ପ୍ରତୀକ୍ଷା | ୧୨୧ |
| ୧୦୩ | ରତନ ପଲଙ୍କ ଶେଯାଇ ମନ, ତୁ | ପ୍ରତୀକ୍ଷା | ୧୨୨ |
| ୧୦୪ | ରହ ତାର ବାଟ ଚାହିଁ | ପ୍ରତୀକ୍ଷା | ୧୨୩ |
| ୧୦୫ | ରହିଛି ମୁଁ ବାଟ ଅନାଇ | ପ୍ରତୀକ୍ଷା | ୧୨୪ |
| ୧୦୬ | ସଜାଡ଼ ଯତନେ ମରମ ଆସନ କମଳ | ପ୍ରତୀକ୍ଷା | ୧୨୫ |
| ୧୦୭ | ସରାଗେ ଆଜ ସଜାଅ ଶେଯ | ପ୍ରତୀକ୍ଷା | ୧୨୬ |
| ୧୦୮ | ସାଜିଅଛି ହୃଦ ସିଂହାସନ | ପ୍ରତୀକ୍ଷା | ୧୨୭ |
| ୧୦୯ | ସୁମନେ ସଜାଇ ଶେଯ ଚାହେଁ ଆତୁରେ | ପ୍ରତୀକ୍ଷା | ୧୨୮ |
| ୧୧୦ | ସେ ଦିନକୁ ଆଶାକରି ବସିଛି ମୁଁ ଅନୁସରି | ପ୍ରତୀକ୍ଷା | ୧୨୯ |
| ୧୧୧ | ସେ ମୋର ପରାଣ ସାଥୀ ଗୋ | ପ୍ରତୀକ୍ଷା | ୧୩୦ |
| ୧୧୨ | ଶୁଭ ମିଳନ ବାସରେ | ପ୍ରତୀକ୍ଷା | ୧୩୧ |
| ୧୧୩ | ହୃଦୟର ସ୍ୱାମୀ ମୋର | ପ୍ରତୀକ୍ଷା | ୧୩୨ |
| ୧୧୪ | ହୃଦୟ ମନ୍ଦିର ଦୁଆର ଫିଟାଇ | ପ୍ରତୀକ୍ଷା | ୧୩୩ |
| ୧୧୫ | ହୃଦୟ ମନ୍ଦିରେ ପତାଇ ଆସନ | ପ୍ରତୀକ୍ଷା | ୧୩୪ |
| ୧୧୬ | ହୃଦ ପଦ୍ମାସନେ ପ୍ରାଣପ୍ରିୟ ଧନେ ବସାଅ | ପ୍ରତୀକ୍ଷା | ୧୩୫ |
| ୧୧୭ | ଲିଭିଲିଭି ଆସେ ଯେବେ ଜୀବନର | ପ୍ରତୀକ୍ଷା | ୧୩୬ |

## ସୂଚୀପତ୍ର


| କ୍ରମ | କ'ଣ | କେତେବେଳେ | କେଉଁଠି |
|---|---|---|---|
| | **ଆବାହନ** | | |
| ୧୧୮ | ଅରୁଣ ରଥରେ ବିଜେ କର ହେ ମହାନ | ଆବାହନ | ୧୩୯ |
| ୧୧୯ | ଅନ୍ଧାର ଏ ମୋ କୁଟୀର ଦୁଆର | ଆବାହନ | ୧୪୦ |
| ୧୨୦ | ଅନ୍ଧାର ଏଇ କୁଟୀର କର | ଆବାହନ | ୧୪୧ |
| ୧୨୧ | ଅବତର ଅବତର ଅନ୍ତର ଦେବତା ମୋର | ଆବାହନ | ୧୪୨ |
| ୧୨୨ | ଅବୋଲର ବୋଲ ନ ଶୁଣିବୁ ତୁ କି ମାଆ | ଆବାହନ | ୧୪୩ |
| ୧୨୩ | ଅମା ଘେରା ଏ ମୋ କୁଟୀର ଦୁଆରେ | ଆବାହନ | ୧୪୪ |
| ୧୨୪ | ଆସ ଆସ ଆସ ପ୍ରେମର ଦେବତା | ଆବାହନ | ୧୪୫ |
| ୧୨୫ | ଆସ ଆନନ୍ଦ ସ୍ୱରୂପ ପ୍ରେମପସରା | ଆବାହନ | ୧୪୬ |
| ୧୨୬ | ଆସ ଆସ ପ୍ରଭୁ ଏ ମୋ ଦୀନ କୁଟୀରେ | ଆବାହନ | ୧୪୭ |
| ୧୨୭ | ଆସ ସୁନ୍ଦର ଆସ ମଧୁର ପ୍ରେମିକକାନ୍ତ ହେ | ଆବାହନ | ୧୪୮ |
| ୧୨୮ | ଆସିଛନ୍ତି ଆମ ପ୍ରାଣର ଠାକୁର | ଆବାହନ | ୧୪୯ |
| ୧୨୯ | ଏ ପୁଣ୍ୟବାସରେ ସମବେତ ସ୍ୱରେ | ଆବାହନ | ୧୫୦ |
| ୧୩୦ | କରୁଣା ନିଧାନ ଆସ | ଆବାହନ | ୧୫୨ |
| ୧୩୧ | କାତର ପରାଣେ ସନ୍ତାନ ଡାକେ | ଆବାହନ | ୧୫୩ |
| ୧୩୨ | କାହାର ଆଦର ସରାଗ ବୋଲା ସେ | ଆବାହନ | ୧୫୪ |
| ୧୩୩ | ଗୁରୁନାରାୟଣ କୃପାକରି | ଆବାହନ | ୧୫୫ |
| ୧୩୪ | ଜଣାଏଁ ପଦେ ଯୋଡ଼ି କର ହେ କରୁଣାକର | ଆବାହନ | ୧୫୬ |
| ୧୩୫ | ତୁମେ ନା ସେଦିନ କହିଥିଲ ମୋତେ | ଆବାହନ | ୧୫୭ |
| ୧୩୬ | ପ୍ରଣତି ଚରଣେ ଘେନ ଜଗତବନ୍ଦନ ! | ଆବାହନ | ୧୫୮ |
| ୧୩୭ | ପ୍ରେମମୟ ଜୟ ନିଗମାନନ୍ଦ କାନ୍ତି କୀର୍ତ୍ତି | ଆବାହନ | ୧୬୦ |
| ୧୩୮ | ସପନୁ ଚେତିମୁଁ ଖୋଜିଲି ସେଦିନ | ଆବାହନ | ୧୬୧ |
| ୧୩୯ | ହେ ନର ଦେବତା ଆସ | ଆବାହନ | ୧୬୨ |

| କ୍ରମ | କ'ଣ | କେତେବେଳେ | କେଉଁଠି |
|---|---|---|---|
| | **ଉଦ୍‌ବୋଧନ** | | |
| ୧୪୦ | ଅକ୍ଷୟ ଆନନ୍ଦ ଧାମେ ଚାଲରେ ପଥିକ ମନ | ଉଦ୍‌ବୋଧନ | ୧୬୫ |
| ୧୪୧ | ଅନା ଫେରିରେ ଲୁଚି ଆସେ ରବି | ଉଦ୍‌ବୋଧନ | ୧୬୬ |
| ୧୪୨ | ଆମେ ସବୁ ଆଜି ଏକାଠି ହୋଇଛେ | ଉଦ୍‌ବୋଧନ | ୧୬୭ |
| ୧୪୩ | ଆସ ଯେତେ ଯହିଁ ଭକତମଣ୍ଡଳୀ | ଉଦ୍‌ବୋଧନ | ୧୬୮ |
| ୧୪୪ | ଆସ ଆସ ଉଚ୍ଛୁର ନ କରି ଆସରେ | ଉଦ୍‌ବୋଧନ | ୧୬୯ |
| ୧୪୫ | ଆସ ଭକତ ଭଉଣୀ ଭାଇ | ଉଦ୍‌ବୋଧନ | ୧୭୦ |
| ୧୪୬ | ଆସରେ ସରବେ କଣ୍ଠ ମିଳାଇ | ଉଦ୍‌ବୋଧନ | ୧୭୧ |
| ୧୪୭ | ଆସ ଆସ ଆସରେ ଭାଇ | ଉଦ୍‌ବୋଧନ | ୧୭୨ |
| ୧୪୮ | କଣ୍ଠ ମିଳାଇ ଆସରେ ସରବେ | ଉଦ୍‌ବୋଧନ | ୧୭୩ |
| ୧୪୯ | ଚାଲ ଯିବା ସଭିଏଁ ଗୁରୁ ଦୁଆରେ | ଉଦ୍‌ବୋଧନ | ୧୭୪ |
| ୧୫୦ | ଡର କାହିଁକିରେ ? ଚାଲ ପିତାର ଦୁଆରେ | ଉଦ୍‌ବୋଧନ | ୧୭୫ |
| ୧୫୧ | ପ୍ରିୟତମ ଡାକ ଶୁଭେ ତ ଆଜିରେ | ଉଦ୍‌ବୋଧନ | ୧୭୬ |
| ୧୫୨ | ବାଧିଲା ମରମେ ସ୍ୱାର୍ଥର ହୀନ ରାଜୁତି | ଉଦ୍‌ବୋଧନ | ୧୭୭ |
| ୧୫୩ | ଶୁଭ ପରଭାତେ ନବ ରବି ପରକାଶ | ଉଦ୍‌ବୋଧନ | ୧୭୮ |
| | **ସନ୍ଧ୍ୟାପ୍ରତୀକ୍ଷା** | | |
| ୧୫୪ | ମୁହଁସଞ୍ଜେ ହସି ଘାଟେ ଡାକେତ | ସନ୍ଧ୍ୟା ପ୍ରତୀକ୍ଷା | ୧୮୦ |
| ୧୫୫ | ସଂଜ ଆସୁଛିରେ ଦୂର ପଥ ଯାତ୍ରୀ | ସନ୍ଧ୍ୟା ପ୍ରତୀକ୍ଷା | ୧୮୧ |
| ୧୫୬ | ସଂଜ ସମୀରଣେ ମୃଦୁଳ କମ୍ପନେ | ସନ୍ଧ୍ୟା ପ୍ରତୀକ୍ଷା | ୧୮୨ |
| ୧୫୭ | ଫୁଲ ସଂଜବେଳେ ଶ୍ରୀଚରଣ ତଳେ | ସନ୍ଧ୍ୟା ପ୍ରତୀକ୍ଷା | ୧୮୩ |
| ୧୫୮ | ଥାପିଛି ଦେବତା ! ତୁମରି ମନ୍ଦିରେ ସେ | ଅଭିଳାଷ | ୧୮୪ |

| କ୍ରମ | କ'ଣ | କେତେବେଳେ | କେଉଁଠି |
|---|---|---|---|
| | **ଆରତି** | | |
| ୧୫୯ | ଜୟଜୟ ଗୁରୁଦେବ ମଙ୍ଗଳ ଆରତି | ମଙ୍ଗଳ ଆରତି | ୧୮୭ |
| ୧୬୦ | ନିତ୍ୟସ୍ଥଳୀ ମନୋହର ମନୋରମ | ମଙ୍ଗଳ ଆରତି | ୧୮୮ |
| ୧୬୧ | ଦିଏ ମୁଁ ଆରତି ତୁମରି ମନ୍ଦିରେ | ସନ୍ଧ୍ୟା ଆରତି | ୧୯୦ |
| ୧୬୨ | ଦିଅ କୋଟି ହୃଦେ ଢ଼ାଳି ପ୍ରେମବିନ୍ଦୁ, | ସନ୍ଧ୍ୟା ଆରତି | ୧୯୧ |
| ୧୬୩ | ମହୀରୁହ ରସୋତ୍ପନ୍ନ ସୁମନୋହର | ମଙ୍ଗଳ ଆରତି | ୧୯୨ |
| | **ପୂଜାର୍ଚ୍ଚନା** | | |
| ୧୬୪ | ଆଜି ସଜାଡ଼ ଦେବ ପୂଜାର ହେ ଉପଚାର | ପୂଜାର୍ଚ୍ଚନା | ୧୯୪ |
| ୧୬୫ | ଆସିଛନ୍ତି ଅବତରି ଚିନ୍ମୟ ରୂପଧରି | ପୂଜାର୍ଚ୍ଚନା | ୧୯୬ |
| | **ବନ୍ଦନା** | | |
| ୧୬୬ | ବନ୍ଦଇ ଗୁରୁ ଚରଣ କମଳ ଯୁଗଳ | ପ୍ରାତଃ ବନ୍ଦନା | ୧୯୮ |
| ୧୬୭ | ବନ୍ଦେ ଶ୍ରୀଗୁରୁ ପ୍ରେମ କଳ୍ପତରୁ | ପ୍ରାତଃ ବନ୍ଦନା | ୨୦୦ |
| ୧୬୮ | ଗୁରୁ ନାରାୟଣ କରି ନିବେଦନ | ସନ୍ଧ୍ୟା ବନ୍ଦନା | ୨୦୨ |
| | **ସ୍ତୋତ୍ରବନ୍ଦନା** | | |
| ୧୬୯ | **ଶ୍ରୀଶ୍ରୀ ଗୁରୁ ପ୍ରଣାମଃ, ଗୁର୍ବଷ୍ଟକମ୍** | ସ୍ତୋତ୍ର ବନ୍ଦନା | ୨୦୪ |
| ୧୭୦ | **ଅଥଃ ଗୁରୁ ପ୍ରଣାମଃ, ଶାନ୍ତି ପାଠଃ** | ସ୍ତୋତ୍ର ବନ୍ଦନା | ୨୦୬ |

# ଜାଗରଣ

ନିଦ ତେଜି ଏବେ ଜାଗରେ ମନୁଆଁ ଜାଗରଣ ତୋର ଲୋଡ଼ା
ଜାଗି ପାରିଲେ ତୁ ହେବୁ ନାହିଁ କେବେ ଗୁରୁଙ୍କର ପାଦ-ଛଡ଼ା

# ଜାଗରଣ

ଅମାନିଶି ହେଲା ପରଭାତ
ଧରାସାରା ଆନନ୍ଦରେ ଏବେ ପୁଲକିତରେ ॥ ୦ ॥

ଫୁଲ ମୁଖେ ହସ ଖେଳେ
ଧୀର ସମୀରେ ଦୋହଲେ
ବିହଗ କଣ୍ଠରେ ଶୁଭେ ପ୍ରଭାତୀ ସଂଗୀତରେ ॥ ୧ ॥

ନୟନ ପଲକ ମେଲ
ହୃଦୟ ଦୁଆର ଖୋଲ
ଅନାଅଁ ଜଗତ ଜନ ଜ୍ୟୋତି ବିରାଜିତରେ ॥ ୨ ॥

ଅମଳିନ ତେଜ ଭରା
ହେର ସାରା ସମଗରା
କାଳିମା ଲୁଚିଲା ଏବେ ଗାଅ ଜୟଗୀତରେ ॥ ୩ ॥

ଆଉ ନରହ ଘୁମାଇ
ନବୀନ ଆଲୋକ ପାଇ
'ଜୟଗୁରୁ' ନାମ ଘୋଷି, ହୁଅ ତୁ ଉଷତରେ ॥ ୪ ॥

# ଜାଗରଣ

ଅନାଅରେ ଅନାଅରେ ଅନାଅ, ଅନାଅରେ ହସି ଅରୁଣ ଆସିଲା
ଡାକିଲା ବିହଗ ଶେଯ ତେଜ ବେଗରେ, ଶେଯ ତେଜ ବେଗ
ଅନ୍ଧାର ନିଶି ପାହିଲା ॥ ୦ ॥
ରାତିରେ ଶୋଇଲୁ ଦିନରେ ଚେଇଁଲୁରେ ଦିନରେ ଚେଇଁଲୁ
ଏ କଥା କେ ଶିଖାଇଲା ?
ଦୁଃଖରେ କାନ୍ଦୁଛୁ ସୁଖରେ ହସୁଛୁ
ସବୁ ତ ଜଣକ ଲୀଳା, ନ ହୁଅ ବାଉଳା ॥ ୧ ॥
ଅଦେଖାରେ ଥାଇ ସବୁ କରୁଥାଇ ସେ, ସବୁ କରୁଥାଇ
ମନ ଘରେ କରେ ଖେଳା
ଡାକ ତାକୁ ତୁହି ଧିଆନ ଲଗାଇରେ, ଧିଆନ ଲଗାଇ
ନାମ କରି ଜପାମାଳା, କରନାରେ ହେଳା ॥ ୨ ॥
ପରାଣ ତୋହର ହେବର ଶୀତଳରେ, ହେବରେ ଶୀତଳ
ଯେବେ ତା' କରୁଣା ହେଲା
ଭବ ଜଳଧିରେ ପହଁର ସୁଖରେ ରେ, ପହଁର ସୁଖରେ
ହୋଇବ ସେ ତୋର ଭେଳା, ନକର ପସରା ॥ ୩ ॥
ସାରା ଜଗତରେ ବଡ଼ ଲୋକ ସେ'ରେ, ବଡ଼ ଲୋକ ସେ'ରେ
ଆମେ ଭିଖ ମଗା ବାଲା
ପାତି ଦୁଇ ହାତ ମାଗିବା ଛଡ଼ାତରେ, ମାଗିବା ଛଡ଼ାତ
ଦେବାର ବୁଦ୍ଧି ନୋହିଲା, ମୋହ ଭୁଲାଇଲା ॥ ୪ ॥
ଦୂରରେ ନାହିଁ ସେ ଅଛି ଆସେପାଶେରେ, ଅଛି ଆସେପାଶେ
ଏତ ପରଭାତ ବେଳା
ଗୁରୁ ଦାସ ହୋଇ ତା'ର ପଦ ଛାଇରେ, ତା'ର ପଦଛାଇ
ମାଗ ଭୁଲି ମାୟା ଖେଳା, କାଳତ ବିତିଲା ॥ ୫ ॥

# ଜାଗରଣ

ଅଳସେ ଶୁଅନା ଆଉ ଜାଗ ନିଦ୍ରା ପରିହର
ଦେଖ ଉଭା ଦ୍ୱାରେ ତୋର ସିଦ୍ଧିଦାତା ସିଦ୍ଧେଶ୍ୱର ॥ ୦ ॥

ତାଙ୍କ କାର୍ଯ୍ୟେ ପ୍ରାଣମନ, କର ବେଗେ ସମର୍ପଣ
ସ୍ୱର୍ଗୁ ଦିବ୍ୟ ଆବାହନ (ଶୁଣ) ବହୁଛି ହୃଦୟେ ତୋର ॥ ୧ ॥

ଶୁଣିଛି ପୁରାଣ ଗାଏ, ବିଶ୍ୱାସର ସଦା ଜୟେ
ସର୍ଷପ ଆଘାତେ ଗିରି କମ୍ପୁଅଛି ଥରହର ॥ ୨ ॥

ପ୍ରାଣ ମନ କରି ପଣ, ଆସ ସର୍ବ ଜନଗଣ
ଅବିଶ୍ରାନ୍ତ ତାଙ୍କ କାର୍ଯ୍ୟେ ରତ ହୁଅ ନିରନ୍ତର ॥ ୩ ॥

ରଣ କ୍ଷେତ୍ରେ ଆସି ଭାଇ, କିପରି ପଡୁଛ ଶୋଇ
ବାଜୁଛି ସତ୍ୟର ଭେରୀ ସୁଗମ୍ଭୀରେ ବାରମ୍ବାର ॥ ୪ ॥

ମୋହ ନିଦ୍ରା ପରିହର, ଉଠ ଜାଗ ଜାଗ ବୀର
ଉଡେ ବିଜୟ କେତନ ଦେଖ ନଭେ ଫରଫର ॥ ୫ ॥

ଜୟ ସର୍ବ ଶକ୍ତିମାନ, ଜୟ କରୁଣା ନିଧାନ
ଦିଅ ଶକ୍ତି, ସିଦ୍ଧିଦାତା ଦୁର୍ବଳ ଏ ଦୀନ ନର ॥ ୬ ॥

(କେବେ) ଏପରି ସୌଭାଗ୍ୟ ହେବ, ତୁମ କାର୍ଯ୍ୟେ ପ୍ରାଣଯିବ

## ଜାଗରଣ

ଅବୋଧରେ ଆଖି ମେଲି ତୁ ଅନାଁ
ପୂରୁବେ ଅରୁଣ ରାଜେ
ଗଗନେ, କାନନେ ମଙ୍ଗଳଗୀତି
ଭରିଲେ ପକ୍ଷୀ-ସମାଜେ ॥ ୦ ॥

ଏଇତ'ରେ ସେଇ ବେଳ
ନବ ପରଭାତ କାଳ
ଜାଗ, ତୁ କରୁଣା ମାଗରେ ତାହାର
ଶୁଣ ତା' ମୁରଲୀ ବାଜେ ॥ ୧ ॥

ଘୁମାଇଁ ନ ରହ ଆଉ
ଅମା ଘୋର ତୁଟିଯାଉ
ହେର ଏ ବିଶ୍ୱ ସରଜନା, ମେଲି
ନୟନ, କି ଛବି ସାଜେ ॥ ୨ ॥

ସୁମରି ବିପୁଳ ଦାନ
କି ବିରାଟ ମହୀୟାନ !
ଜଗାଇ ମନରେ ଭକତି, ଦେଖରେ
ଚଉଦିଗେ ସେ ବିରାଜେ ॥ ୩ ॥

# ଜାଗରଣ

ଆଉ କେତେ କାଳ ଥିବୁ ଘୁମାଇଁରେ ?
ପୂରୁବ ଗଗନେ ଅନା ରବି ଆସେ ଉଇଁ ॥ ୦ ॥

ମୋହ ନିଦ ତୁଟୁ ନାହିଁ
ମୁଦା ଆଖି ଫିଟୁ ନାହିଁ
ମାୟାର ସପନ ତେଜି ଜାଗ ବେଗ ହୋଇ ॥ ୧ ॥
ଆଖି ମେଲି ଦେଖ ଚାହିଁ
କାହାର ମୂରତି ସେହି
ନିଖିଳ ଭୁବନେ ଯା'ର ହସ ଝଲସଇ ॥ ୨ ॥
ସକଳ ମଙ୍ଗଳଦାତା
ସେହିରେ ବିଶ୍ୱକରତା
ସବୁରି ଶୁଭ ମନାସି ସେ ଯେ ବିଳସଇ ॥ ୩ ॥
ସେ ତ ଅଗତିର ଗତି
ତା' ପୟରେ ଢାଳି ମତି
ଜୀବର ସେବାରେ ଦିଅ ଜୀବନ ବିତାଇ ॥ ୪ ॥
ଜାଗି ତୁ ଜଗାଅ ଭବ
ବିତର ପ୍ରେମ ବିଭବ
ଜଗତର ହିତ ସାଧି ହୁଅ କାଳଜୟୀ ॥ ୫ ॥
ମାନସ ସୁମନ ତୋଳି
ଭକତିରେ ଗୁନ୍ଥି ମାଳି
ଅରପତୁ ନିଉଛାଳି ବିଭୁପଦ ଧ୍ୟାୟୀ ॥ ୬ ॥

# ଜାଗରଣ

ଆଉ ଘୁମାଇ ରହନା ମନ !
(ଦେଖ) ଉଦିତ ନବ ଅରୁଣ
ପରଭାତୀ ପକ୍ଷୀ କରେ ଶୁଭ ଆବାହନ ॥ ୦ ॥

ଗାଅରେ କଣ୍ଠ ଭରି ଗୁରୁନାମ
ପୁଲକି ଉଠିବ ଅଙ୍ଗ
ଷଡ଼-ଅଇରି ତୋ ସୁରତାନ ଶୁଣି
ଦେବେରେ ଛତ୍ର ଭଙ୍ଗ
ଭାଙ୍ଗିଯିବରେ ବଇରୀ ଟାଣ ॥ ୧ ॥

ଭବ କାରାଗାରେ ବନ୍ଦୀ ସମାନ
ମଥାରେ ଲଗାଇ କର
ଭାଳି ମରୁ ମିଛେ ଦିବସ ରଜନୀ
ଘୋଷି ତୁ ପଞ୍ଚାକ୍ଷର
କିଏ ଫେଡ଼ିବ ବୋଲି ବନ୍ଧନ ॥ ୨ ॥

ମନ ଭରି ଥରେ ଆଖି ମୁଦି ତା'ରେ
ନକରି ମତି ଚଞ୍ଚଳ
ଡାକଦିଅ ତୁରେ ଏଇ ପ୍ରଭାତରେ
ପତାଇ ଆଶା-ଅଞ୍ଚଳ
ଢାଳି ଦେବେ ସେ ଆଶିଷ-ଧନ ॥ ୩ ॥

# ଜାଗରଣ

ଆଜି ଏ ଶୁଭ ପ୍ରଭାତେ, କଣ୍ଠ ଭରି
ଗାଅରେ ସରବେ ମିଳି, ସୁଧା ନାମଟି ତାହାରି ॥ ୦ ॥

କାମନା-ବାସନା ଯେତେ
ଭସାଇ ସଲିଳ ସ୍ରୋତେ
ଡାକ ତୁ ଅନ୍ତରଗତେ, ସେ ନାମ ସୁମରି ॥ ୧ ॥

ତୋଳି ମାନସ-କୁସୁମ
ଗୁନ୍ଥି ହାର ଅନୁପମ
କଞ୍ଜ ନିନ୍ଦି ପଦେ ତା'ର ଭେଟ ମାୟା ଭୁଲି ॥ ୨ ॥

ଶୁଣ କାନ, ମନ ଦେଇ
ଏ କି ଶବଦ ଶୁଭଇ
ଗଗନ, ପବନ, ଜଳ, କାନନ ସଞ୍ଚରି ॥ ୩ ॥

ରବିରେ ତେଜ ଝଲସେ
ଶଶିରେ କର ବିଳସେ
ଚଉଦିଗେ ଛବି ତା'ର ରହିଛି ତ ପୂରି ॥ ୪ ॥

ତା' ବିନା ନାହିଁ କେ ଗତି
ତା' ବିନେ ନାହିଁ ମୁକତି
ପଲକେ ହେଲେ ମନରୁ, ନଦିଅ ପାସୋରି ॥ ୫ ॥

# ଜାଗରଣ

ଆସ ଭାଇ ଭଉଣୀଏ ମିଳି
ଆଣ ପ୍ରଭାତୀ କୁସୁମ ତୋଳି ॥ ୦ ॥

ଅଦେଖା ଦେଶରେ ଥାଇ
କିଏ, ଡାକେ ତୁହାଇ ତୁହାଇ
ମାୟା ଜଞ୍ଜାଳ ଠେଲି ଦେଇ ଦୂରେ
'ଆସ' ଆସ କୋଳେ ବୋଲି ॥ ୧ ॥

ଆସ ଭେଟିବା ଫୁଲ ଅଞ୍ଜଳି
ତା'ର ଚରଣରେ ନିଉଛାଳି
ସେ'ତ ଜନମ-ମରଣ ସାଥୀ ଜୀବନର
ମନରୁ ନଯିବା ଭୁଲି ॥ ୨ ॥

ବାଟ ସେହି ଦେଖାଇବେ
ଅନ୍ଧ ଆଖି ଫିଟାଇବେ
କରୁଣା କରି ସେ ନୟନରେ ଦେବେ
ଜ୍ଞାନ-ଅଞ୍ଜନ ବୋଳି ॥ ୩ ॥

ଚଞ୍ଚଳ ମତି ନୋହି
ମୁଖେ 'ଜୟଗୁରୁ' ଗାଇ
ପସରା ନକରି ଦୁଃଖ ଶୋକ ଯେତେ
ଗୁରୁପଦେ ଦିଅ ଢାଳି ॥ ୪ ॥

## ଜାଗରଣ

ଆସି ଅରୁଣ ପୂରୁବେ ଉଇଁଲା
ବିହଗ ଡାକରେ ନିଶି ଶେଷ ହେଲା ॥ ୦ ॥

ସୁମନେ ତୋଳି ସୁବାସ ସୁମନ
ଶୁଭ ଦିନେ ଆଜି ଗୁରୁ ଚରଣ
ସେବିବା ସରବେ ସମରପି ମାଳା ॥ ୧ ॥

ଜୟଗୁରୁ ଜୟ ଗୁରୁ ରଟରେ
ସରଜି ସରାଗ ପ୍ରୀତି ଚିତ୍ତରେ
ଗୁରୁ ଏକା ଭବ ଜଳଧିର ଭେଳା ॥ ୨ ॥

ଏ ଜୀବନେ ଗୁରୁ କୃପା କେବଳ
ଜନମେ ମରଣେ ସେହି ସମ୍ବଳ
ନହୁଅ ମାୟାରେ ଭରମି ବାଉଳା ॥ ୩ ॥

# ଜାଗରଣ

ଉଦିତ ଭାନୁ ତମସା ହରି, ଗତ ଶର୍ବରୀ
ଜାଗ ଜଗତ ନର ନାରୀ
ଗାଅ ଗୁରୁଦେବ ଜୟ ॥ ୧ ॥

ଗୁରୁ ଭବ ତାପ ନିବାରଣ, ଭୟ ତାରଣ
ଅନ୍ଧନୟନ ଜ୍ଞାନାଞ୍ଜନ
ଗାଅ ଗୁରୁଦେବ ଜୟ ॥ ୨ ॥

ଗୁରୁ ହରି ଶଙ୍କର ବ୍ରହ୍ମା, ଅଦ୍‌ଭୁତ କର୍ମା
ପ୍ରଣତ-ଜନର ଶୁଭ-ଧର୍ମା
ଜୟ ଗୁରୁଦେବ ଜୟ ॥ ୩ ॥

ଚଞ୍ଚଳ ଚିତ୍ତ ନହୋଇ, ରେ ମନବାଇ !
ନିଶିଦିନ ରଟ ପଦ ଧ୍ୟାୟୀ
ଜୟ ଗୁରୁଦେବ ଜୟ ॥ ୪ ॥

ବରଜ ମନରୁ ଭେଦ ଜ୍ଞାନ, ସର୍ବେ ସମାନ
ସୃଷ୍ଟି ନମଣ ଆନ ଆନ
ଜୟଗୁରୁ ଦେବ ଜୟ ॥ ୫ ॥

ମଙ୍ଗଳମୟ ଗୁରୁ ଇଚ୍ଛା, ଶୁଭ ବାଞ୍ଛା
ଶ୍ରୀପଦେ ଭକତି ପହୁଞ୍ଚା
ଗାଇ ଗୁରୁଦେବ ଜୟ ॥ ୬ ॥

# ଜାଗରଣ

କେତେ ଘୁମାଉଛୁ ବାଉଳାରେ ଉଠ
ପାହିତ ଗଲାଣି ରାତି
କୁସୁମ ବଦନେ ବିହଗ କୂଜନେ
ଫୁଟେ ତା'ର ଗୁଣ ଗୀତି ॥ ୦ ॥

ସ୍ୱର ମିଳାଇ ତୁ ଗାଅରେ ବାଉଳା !
ସେ ନାମ କଲ୍ୟାଣଦାୟୀ
ଦୁଃଖ ତାପ ହାରୀ ସେ ଏକା ସବୁରି
ତା' ବିନୁ କେ ସାହା ନାହିଁ ॥ ୧ ॥

ମାରେ ସେ ତାରେ ସେ ସେ ହସେ ସେ ରୁଷେ
ଆଖି ମେଲି ଥରେ ଚାହାଁ
ଅଥଳ ଅକୂଳ ଭବ ପାରାବାରେ
ନାଉରି ସେ ବାହେ ନାଆ ॥ ୨ ॥

କରି କରାଏ ସେ' ବିଚାରି ମନେ ତୁ
ମୋହ ନିଦରେ ନଭୁଲ
ଇଚ୍ଛାର ଠାକୁର ସେ'ତ ଜଗତର
ମିଛେ ମୁଁ-କାର ନ ବୋଲ ॥ ୩ ॥

ଜୀବନ, ଜନମ, କରମ, ମନନ
ସବୁ ପଦେ ସଁପି ଦେଇ
ଦି'ଦିନର ଭବ ପରବାସୀ ଜୀବ
ରହ ତୁ ନିହଲ ହୋଇ ॥ ୪ ॥

# ଜାଗରଣ

କେତେ ରହିଛୁ ଆଉ ଘୁମାଇଁ
ଜାଗ, ନିଶି ଆସିଲାଣି ପାହି ॥ ୦ ॥

ତରୁଣ ଅରୁଣ ବିଜୟ କଲେଣି
ଆଲୋକେ ମଣ୍ଡି ମହୀ
କଣ୍ଠେ କଣ୍ଠେ ନୀରାଜନା ଗୀତି
ଶୁଭେ, ଶୁଣ କାନ ଦେଇ ॥ ୧ ॥

ଜାଗିବା ବେଳରେ ନ ଜାଗି ଯେବେ ତୁ
ପଡ଼ିବୁ ନିଦରେ ଶୋଇ
ଗଡ଼ିଯିବ ଦାନ ବେଳାରେ ବାଉଳା !
ପଛେ ଝୁରୁଥିବୁ ତୁହି ॥ ୨ ॥

ଜାଗି, ତୁ ଜଗାଅ ମନ-ଚେତନା ତୋ
ଭକତି ପ୍ରଣତି ପାଇଁ
ଡାକ ତରାଇରେ ଭବ-ନଦୀ ପାରି
କରିବେରେ ଏକା ସେହି ॥ ୩ ॥

# ଜାଗରଣ

ଗାଅରେ, ଗାଅରେ, ସେ ନାମ କଣ୍ଠ ଭରି
ଗଗନ, ପବନ, ଜଳ, ଥଳ, ବନ
ସେ ନାମରେ ଅଛି ଭରି ॥ ୦ ॥

ବିହଗ କଣ୍ଠେ ମଧୁ ପରଭାତେ ସେ ନାମଟି ଶୁଣ ଶୁଣ
କୁଳୁ କୁଳୁ ଗାନେ ନଦୀ ନିରିଝର ଗାଏ ନାମ ନିଶିଦିନ
ମାୟା ମୋହ ଭରା ଏ ଜଗତ ସାରା
ଚହଲ ଦିଅ ପାସୋରି ॥ ୧ ॥

ନୟନ ମୁଦି ତୁ ଦେଖ ମନବାଇ !
ଚଉଦିଗେ ସେହି ଛାଇ
କାନେ ଶୁଣ ସେହି ମଧୁର ମୁରଲୀ
ଶବଦ ସଦା ବାଜଇ
ମନ ଟାଣ କରି ସେ ନାମ ସୁମରି
ହୁଅ ଭବ ନଦୀ ପାରି ॥ ୨ ॥

ହୃଦୟ ମନ୍ଦିରେ ଆସନ ସଜାଡ଼ି
ସେ ଛବି ବିଜେ କରାଅ
କଣ୍ଠ ଭରି ତା'ର ଗୁଣ ଗଣ ଗାଇ
ମାତି ଜଗତ ମତାଅ
ଯିଏ ଯହିଁ ଅଛ ଭାଇ ଭଉଣୀଏ
ଆସ ଗୁରୁ ନାମ ଧରି ॥ ୩ ॥

# ଜାଗରଣ

ଗୁରୁନାମ ଆନନ୍ଦରେ ଗାଅ ଅବିରାମ
ସଂପଦେ ବିପଦେ ସର୍ବେ କର ନାମ ଗାନ ॥ ୦ ॥

ନାମ ଗାନେ ମତ୍ତ ଆଜି ବିଶ୍ୱ ଚରାଚର ରାଜି
ସାଗର ଭୂଧର ଘୋଷୁଛନ୍ତି ବିଭୁ ନାମ
ଚାହିଁ ଦେଖ ପଶୁ ପକ୍ଷୀ ଯେତେ ତୃଣ ଲତା ସାକ୍ଷୀ
ଦିବା ନିଶି କରୁଛନ୍ତି ସେ ମହିମାଗାନ ॥ ୧ ॥

ଆସ ଆସ ନର, ନାରୀ, ଯୁବକ, ବୃଦ୍ଧ, କିଶୋରୀ
ଅନ୍ତରରେ ଚିନ୍ତାକର ଜୟ ପ୍ରାଣାରାମ
ସେ ଗୁରୁ ପରମାନନ୍ଦ ସକଳ ସୁଖ ସଂପଦ
ତା' କୃପାରେ ହେବ ଧନ୍ୟ ମାନବ ଜନମ ॥ ୨ ॥

ସୁଖ ସପନରେ ଶୋଇ ରଜନୀ ଦେଲୁ ବିତାଇ
ପ୍ରଭାତରୁ ଲାଭ କଲୁ ନବୀନ ଜୀବନ
ଗୁରୁକୃପା କରି ଧ୍ୟାନ କରିଗଲେ ସବୁ କର୍ମ
ଅନ୍ତିମେ ଲଭିବୁ ସେହି ପୁଣ୍ୟ ଶାନ୍ତିଧାମ ॥ ୩ ॥

# ଜାଗରଣ

ଘନ ଅନ୍ଧାରେ, କେ' ସେ ଡାକେରେ ॥ ୦ ॥

କା'ର ମଧୁ ବୀଣା ସେ'ରେ
ସୁରେ ସୁରେ ଝଙ୍କାରେ
ଘୁମ ଘେରା ନୟନ ଦୁଆରେ
ଡାକ ଦିଏ ଜାଗରେ ଜାଗରେ॥ ୧ ॥

ଆଖି ମେଲି ଦେଲି ଚାହିଁ
ପୁଲକି ଉଠିଲା ଦେହୀ
ଖୋଜି ହେଲି ତା'ରେ ଚଉଧାରେ ॥ ୨ ॥

ନମାନେ ବାରଣ ମୋର
ଝରେ ଆଖି ନୀର ଧାର
ଭେଟ ତା'ର ଅବିରତ ଝୁରେ ॥ ୩ ॥

# ଜାଗରଣ

ଘୁମାଇଁ ନରହ ଏଇ ମଧୁ ପରଭାତେ
ମହା ସଙ୍ଗୀତ ଗାଅରେ ଭକତ ଯେତେ ॥ ୦ ॥

ବିହଗ କଣ୍ଠେ ସଂଗୀତ ତା'ର
ପବନ ଲହରେ ଇଙ୍ଗିତ ତା'ର
ଡାକଇ ସେ ପାଶେ ଆସ ସନ୍ତାନ
ଝରଣାର କୁଲୁ ଗୀତେ ॥ ୧ ॥

ଏ ଜୀବନ ଯା'ର ଆଶିଷର ଦାନ
ତାହାରି ଚରଣେ କର ଅରପଣ
ସେ ଚାହେଁନା ଧନ ଚାହେଁ ଖାଲି ମନ
ପୂଜା ଅନ୍ତର ଗତେ ॥ ୨ ॥

ଆନ କାମନା ତୁ ନକର ବାତୁଳ
ପାସୋରି ଦୁନିଆଁ ଦି'ଦିନ ଜଞ୍ଜାଳ
ନୁଆଁଇ ମଥା ତୁ ମାଗ କରପାତି
ଭକତି ଭରି ତୋ' ଚିତ୍ତେ ॥ ୩ ॥

ଠାବ ମାଗ ତା'ର ଚରଣ ତଳରେ
ନ ଘେନୁ ପଛେ ସେ ଆଦର କୋଳରେ
ଜନମେ ଜନମେ ସେବକ ରୂପରେ
ଘେନା କରୁଥାଉ ତୋତେ ॥ ୪ ॥

# ଜାଗରଣ

ଜୟଗୁରୁ ବୋଲି ନିଦ୍ରା ପରିହରି
ଉଠ ନରନାରୀ ସକଳେ
ପାପ ତାପ ତେଜ ଗୁରୁ ନାମ ଭଜ
ମଜ ଗୁରୁପଦ କମଳେ ॥ ୦ ॥

ମୋକ୍ଷ ଫଳ ଫଳେ ଗୁରୁ ନାମ ବଳେ
ମୁକତି ଲଭନ୍ତି ଦୁର୍ବଳେ ସବଳେ
ଆସକ୍ତି ବିନାଶେ ଜାଗି ପ୍ରେମ ଭକ୍ତି
ଭାସିବ ଆନନ୍ଦ ସଲିଳେ ॥ ୧ ॥

ଗୁରୁ ବିନା ଆଉ କେବା କରେ ପାର
ଦୁସ୍ତର ଅଗାଧ ଭବ ପାରାବାର
ତାଙ୍କ ନାମ ନିଅ, ତାଙ୍କ ଗୁଣ ଗାଅ
ରହିବ ପରମ ମଙ୍ଗଳେ ॥ ୨ ॥

ଦୁର୍ବଳର ବଳ ଶରଣ ବତ୍ସଳ
ଜୀବନେ ମରଣେ ଶ୍ରୀଗୁରୁ ସମ୍ବଳ
ଗୁରୁ ବୁଦ୍ଧି ବଳ ଆଶ୍ରୟର ସ୍ଥଳ
ପ୍ରଣମ ସେ ପଦ କମଳେ ॥ ୩ ॥

# ଜାଗରଣ

'ଜୟଗୁରୁ' ବୋଲି ଜାଗ ଜଗଜ୍ଜନ
ଶୁଭ ପରଭାତେ ଆଜି ॥ ୦ ॥

ପ୍ରକୃତି କରେ ମିନତି କୁଞ୍ଜେ କୁଞ୍ଜେ
ବନ-ଫୁଲେ ଫୁଲେ ଅଳି ଓଁ କାରେ ଗୁଞ୍ଜେ
ଗାଧୋଇ ଶିଶିରେ ବନମାଳା କରେ
ବନ୍ଦେ ଲତିକା ରାଜି ॥ ୧ ॥

ଚନ୍ଦନ ବନ ନନ୍ଦନ କରି ଗନ୍ଧ ସମୀର ନାଚେ
ମନ୍ଦେ ଦୋହଲି ଛନ୍ଦେ ମତାଇ ଗିରିବନେ ପ୍ରୀତି ରଚେ
ଓଢ଼ଣା ଉହାଡୁ ଦରହସି ଉଷା
ନମେ ବରତନୁ ମାଜି ॥ ୨ ॥

ନୀରାଜନା-ରତ ପୂରୁବେ ଅରୁଣ ନବ
ବିହଗ କଣ୍ଠେ ଶୁଭେ ମଙ୍ଗଳ ରବ
କମଳିନୀ ବାଳୀ ଘେନି ମଧୁଥାଳି
ଭେଟିବାକୁ ହେଲା ସାଜି ॥ ୩ ॥

ବିଶ୍ୱଗୁରୁଙ୍କ ପଦ ବନ୍ଦନ ଲାଗି
କୁଳୁ ଗୀତ ଗାଏ ଗିରି ନଦୀ ନିଦ ଭାଙ୍ଗି
'ଜୟଗୁରୁ' ରବେ ମୁଖର ସରବେ ଗଗନ ପଡ଼ଇ ଭାଜି
ପଦ ଦରଶନ ଆଶାୟୀ ସରବେ କଣ୍ଠେ ସେ ନାମ ଭଜି ॥ ୪ ॥

# ଜାଗରଣ

'ଜୟଗୁରୁ' ବୋଲି ଗାଅ କଣ୍ଠ ମେଲି
ପାହିଛି ଅନ୍ଧାର ରାତି,
ଅଙ୍କରେ ଯାହାର ନିଶି ଘୁମ ଘୋର
ବିତାଇଛ ସୁଖେ ମାତି ॥ ୦ ॥

ଦେଇଛି ଯେ ଏବେ ତନୁ-ମନ ଛୁଇଁ
ଅଚେତ-ଅଙ୍ଗରେ ଚେତନା ଜଗାଇ
ଦିଅରେ ହୃଦୟ-ମନ୍ଦିରେ ତା' ଲାଗି
କମଳ ଆସନ ପାତି,
ଚରଣରେ ତା'ର ନୁଆଁଇ ମଥାକୁ
ଜଣାଅ କୋଟି ପ୍ରଣତି ॥ ୧ ॥

ମାଗ ବରାଭୟ କରୁଣା ନିଧାନେ
ମତ୍ତ ହୁଅ ନାମ-ସୁଧାରସ ପାନେ
ଅକଳନ ଯା'ର ଆଶିଷର ଧାର
ଝରେ କିବା ଦିନ-ରାତି
ଅରପ ଭକତି ତାହାରି ଚରଣେ
ସେହି ଏକା ଜୀବ-ଗତି ॥ ୨ ॥

# ଜାଗରଣ

ଜଗାଅରେ ଗଗନ, ଭୁବନ, ପବନ
କରି 'ଜୟଗୁରୁ' 'ଜୟଗୁରୁ' ନାମ ଗାନରେ ॥ ୦ ॥

ଅମା ଅନ୍ଧାରିଆ ରାତି ଫସର ଫାଟିଲା
କୁଆଁତାରା ନୂଆ ହସ ମାଖି ଝଟକିଲା
ନୂଆ ନୂଆ ଫୁଲ ଫୁଟି ଛାଇଲା କାନନରେ ॥ ୧ ॥

ମଠ କର ନାହିଁ ଆଉ ଉଠରେ ସହଳ
ଦୁନିଆଁ ଦୁଆରେ ବେଗେ ପକାଅ ଚହଲ
ଅଳସ ବରଜି, କର କରମ ସାଧନରେ ॥ ୨ ॥

ଶେଯରୁ ଉଠ ତୁ କର ଗୁରୁରେ ପ୍ରଣାମ
ଅପସରି ଯିବେ କାହିଁ ଷଡ଼ ରିପୁଗଣ
ଘୁଞ୍ଚିବରେ ଅନ୍ଧକାର ହେବ ନବ ଦିନରେ ॥ ୩ ॥

# ଜାଗରଣ

ଜାଗରେ ! ଅମୃତ ସନ୍ତାନ ବେଗେ ଜାଗ ॥ ୦ ॥

ଚେଇଁ ଥାଇ ତୁ ଯେ ନିଦରେ ବିଭୋର
ତଳ ମୁଖ ଗାମୀ ଚେତନା ତୋହର
ଏଥିଲାଗି ସିନା ହରାଇ ବସିଛୁ
ଊର୍ଦ୍ଧ୍ୱର ଅନୁରାଗ ॥ ୧ ॥

ଚେତନା ଦୀପ୍ତିରେ ହୁଅ ଜାଗରିତ
ଅମୂଲ୍ୟ ଜୀବନ ହେଜରେ ସନ୍ତତ
ଘୁମରେ ନ ଭୁଲି ଚେତନା ଧିଆନେ
ଲକ୍ଷ୍ୟ ସାଧନେ ଲାଗ ॥ ୨ ॥

ସକଳ କରମେ ହୁଅ ଏକ ମୁଖୀ
ଶତ୍ରୁରୂପୀ ମୋହ ନିଦ୍ରା ଦୂରେ ରଖି
ଦୁର୍ଲ୍ଲଭ ତେବେରେ ନ ହୋଇବ କେବେ
(ତୋର) ସେ ପଦ ପରଶ ସଙ୍ଗ ॥ ୩ ॥

# ଜାଗରଣ

ଜାଗରେ, ଜାଗରେ, ଜାଗରେ !
ଜାଗ୍ରତ ଧରଣୀ ଶ୍ୟାମଳ ବରଣୀ
ଉଠ ମର ମାନବ ଜାଗ ॥ ୦ ॥

ଆଉ କି ସାଜେ ପଲଙ୍କର ସୁଖ ଶୟନ
ଚେତ ଚେତ ଫେଡ଼ି ଜ୍ଞାନର ନୟନ
କାଳ ବିତେ, ଗତ ଆୟୁ ଦିନ ଦିନ
ପ୍ରଣମି ଗୁରୁ ଶରଣ ମାଗ ॥ ୧ ॥

ମାୟା, ମୋହ, ମଦ ମୂର୍ଚ୍ଛିତ ବିଶ୍ୱ
ସଙ୍କଟମୟ ପଥ, ପାନ୍ଥ ତୁ ନିଃସ୍ୱ
ନିସ୍ତରଣେ କର ଗୁରୁ ସର୍ବସ୍ୱ
ଡାକ ତୁ ଭରି ଅନୁରାଗ ॥ ୨ ॥

# ଜାଗରଣ

ଜାଗରେ ଜାଗ, ଭାଙ୍ଗ ଘୁମ ଭାଙ୍ଗ
ଡାକେ ପ୍ରଭାତୀ ବିହଗ, ଭାଙ୍ଗ ଘୁମ ଭାଙ୍ଗ ॥ ୦ ॥

ଅଚେତା ନିଦରେ ଆଉ କେତେ ଘୁମାଇ ରହିବ
ମାୟା ମୋହ ଘେରା ଏଇ ଭବେ କେତେ ଭରମିବ
ଉଠ ଉଠ ମୁଖ ଧୁଅ, ରଟ ବିଭୁ ପରସଙ୍ଗ ॥ ୧ ॥

ମାଗରେ ମାଗ ଶରଣ ଅଞ୍ଜଳି ପାତି
ଜଗତ ପିତାର ପଦେ ଥିର ରଖି ତୋ ମତି
ଭବସାଗରୁ ତରିବୁ, କର ମନ ସାଧୁସଙ୍ଗ ॥ ୨ ॥

# ଜାଗରଣ

ଜାଗରେ ଜାଗ ଶୁଭପ୍ରଭାତେ
ମାଗରେ ମାଗ ଚରଣ ପ୍ରାନ୍ତେ ॥ ୦ ॥

ପାନ କରି ଶୁଭ୍ର ପୁତ କରି ମନ
ଆସ ଆସ ପୂଜ ଶ୍ରୀଗୁରୁଚରଣ
ମନ ଫୁଲ ଢାଳି ପଦେ ସେବ ନିରତେ ॥ ୧ ॥

କେତେ କାଳ ଆଉ ରହିବୁ ଘୁମାଇଁ
ଜାଗି ଦେଖ ଥରେ ବିଜୟ ଗୋସାଇଁ
କେତେ କାଳ ଗଲା ବିତି ଭାବ ତୁ ଚିତ୍ତେ ॥ ୨ ॥

ଭ୍ରାନ୍ତ ମନ ତୁ'ରେ ସବୁଠୁ ସଂସାରେ
ମୋହ ମାୟା ତେଜି ଭଜ ଶ୍ରୀପୟରେ
ଆଶିଷ ତାହାର ବାୟା ହେରି ତୁ ମାଥେ ॥ ୩ ॥

ଅମା ଅନ୍ଧକାର ଅପସରି ଯାଏ
ପୂରୁବ ଆକାଶେ ଜ୍ୟୋତି ଝଲସାଏ
(ଆଜ)ଶ୍ରୀଚରଣ ବନ୍ଦିବାକୁ ମନ ଉଲ୍ଲସେ ॥ ୪ ॥

# ଜାଗରଣ

ଜାଗ ଜଗତ ଜନ ନିରେଖ ନବ ଅରୁଣ
ପୂରୁବ ଗଗନେ ହସେ ଆସି
କିଏ କରୁଣା ବରଷି ଘୁଞ୍ଚାଇ ଦେଲାରେ ଆସି
ମରଣ ଅନ୍ଧାର ଘେରା ନିଶି ॥ ୦ ॥

ଶେଯ ତେଜି ଉଠ ଉଠ
ଆଉ ନକରରେ ମଠ
ମଥା ନୁଆଁଇ ଜୁହାର 'ଜୟଗୁରୁ' ଭାଷି ॥ ୧ ॥

ଯହିଁ ଦେଖ ତହିଁ ହସ
ସରବେ ଆଜି ହରଷ
ବିଚାର ତୁ କିଏ ଦେଲା ଆଶିଷ ବରଷି ॥ ୨ ॥

କାହା କରୁଣାରେ ଭାଳ
ମୁଖରେ ହସର ରୋଳ
ଖେଳିଯାଏ ତୋର କହ ସରଗ ପରଶି ॥ ୩ ॥

ମାୟା ମୋହ ଦୂର କରି
ସବୁରି ହିତ ବିଚାରି
ଜୟଗୁରୁ ଘୋଷ ମନ; କି ଦିବସ ନିଶି ॥ ୪ ॥

# ଜାଗରଣ

ଜାଗ ଜାଗ ନିଦ୍ରା ତେଜ ପବିତ୍ର ବେଳାରେ
ସମାସୀନ ଗୁରୁଦେବ ପୂଜା ବେଦୀ ପରେ ॥ ୦ ॥
ଧୀରେ ଧୀରେ ପାହୁଅଛି ମଧୁର ରଜନୀ
ବିହଗର କଳକଣ୍ଠେ ଉଷାର ରାଗିଣୀ ॥ ୧ ॥
ଚକ୍ରବାଳ ରକ୍ତରାଗେ ହୋଇବ ରଞ୍ଜିତ
ନବ ସୂର୍ଯ୍ୟ ପୂର୍ବଦିଗେ ହୋଇବେ ଉଦିତ ॥ ୨ ॥
ପୂଜିବା ସକଳେ ବସି ସୁବର୍ଣ୍ଣ କିରଣେ
ମଧୁ ସମୀରଣ ବହେ ମୃଦୁଳ କମ୍ପନେ ॥ ୩ ॥
ସମ୍ମିଳନୀ ପରିପାଟୀ ଅତି ମନୋହର
ଝରୁଅଛି ଚଉଧାରେ ଅମୃତ ନିର୍ଝର ॥ ୪ ॥
କିଏ ଗାଏ ସୁଲଳିତ ପ୍ରତୀକ୍ଷାର ଗାନ
କିଏ ବାଏ ବୀଣାଯନ୍ତ୍ର ଉଠେ ମଞ୍ଜୁ ତାନ ॥ ୫ ॥
କିଏ ଚାଲେ ପୁଷ୍ପ ଧରି ପୁଲକିତ ମନେ
ଦେବ ବୋଲି ପ୍ରୀତି-ଅର୍ଘ୍ୟ ଶ୍ରୀଗୁରୁ ଚରଣେ ॥ ୬ ॥
ତେଣୁ କରି ଆସ ଭାଇ ! ବିଳମ୍ବ ନକର
ନିଦ୍ରାଦେବୀ କୋଳ ଛାଡ଼ ଉଠ ହେ ସତ୍ୱର ॥ ୭ ॥
ସ୍ନାନ କରି ଶୁଦ୍ଧପୂତ ହୁଅ ହେ ସକଳେ
ବସ ଆସି ଶୁଚି-ଶୁଭ୍ର ପୂଜା ମଣ୍ଡପରେ ॥ ୮ ॥
ନିଗମ ଜ୍ୟୋତିରେ ଆଜି ହୁଅ ଉଦ୍‌ଭାସିତ
ପୁଲକିତ, ସୁରଭିତ ହୁଅ ଉଦ୍‌ବେଳିତ ॥ ୯ ॥
ଭାରତ ମାତାର କୁଞ୍ଜ ସାଧନାର ଫଳ
ଭୁକ୍ତି-ମୁକ୍ତି ପ୍ରଦାୟକ 'ନିଗମ ଈଶ୍ୱର' ॥ ୧୦ ॥

# ଜାଗରଣ

ଜାଗ ଜଗବାସୀ ଆସି ନିଶି ପାହିଲାଣି
ପୂରୁବ ଗଗନେ ଉଷା ଦର ହସିଲାଣି ॥ ୦ ॥

କାଉ କୋଇଲିର ସ୍ୱନ ଶୁଭିଲାଣି ଘନଘନ
ନିଶି ପ୍ରହରୀ ସମାନ ଥିଲା ତ ଜନନୀ ॥ ୧ ॥

କାଳିଆ ଅବଗୁଣ୍ଠନ ତେଜିଲା ମାଆ ବହନ
ଦୁଆର ମେଲାଇ ଉଠ ବୋଲି ଡାକିଲାଣି ॥ ୨ ॥

ମାଆ କୋଳରେ ନିଶାରେ ଘୁମାଇ ଥିଲ ନିଦରେ
ଅବଗୁଣ୍ଠନ ବରଜି ମାଆ ଆସିଲାଣି ॥ ୩ ॥

ଉଠ ଉଠ ଜଗବାସୀ ପାହାନ୍ତା ହେଲାଣି ଆସି
ଆଦରେ ମାଆ ମଥାରେ ଆଶିଷ ଦେଲାଣି ॥ ୪ ॥

ମାଆର ନାମ ସୁମର ଦୁଃଖ ତାପ ହେବ ଦୂର
କରୁଣା ମାଗରେ ତା'ର ଧରି ପାଦ ବେନି ॥ ୫ ॥

ସୁଖରେ ଦୁଃଖରେ ଆହା ମାଆ ବିନେ କିଏ ସାହା
ମାଆ ଏକା ସନ୍ତାନରେ ସକଳ ଦୁଃଖ ହାରିଣୀ ॥ ୬ ॥

ମାଆ ପଦ ଗୋଟି ସାର ସେ ଏକା କରିବ ପାର
ଭବ ସାଗର ଦୁସ୍ତର ଝଡ଼ ଝଞ୍ଜା ନିବାରିଣୀ ॥ ୭ ॥

# ଜାଗରଣ

ଜାଗ ଜାଗ ଜାଗ ସକଳ ଦିବ୍ୟ ଅମରବାସୀ
ନୟନ ଫିଟାଇ ଦେଖ ହେ ଘୋର ତନ୍ଦ୍ରା ବିନାଶି ॥ ୧ ॥

ପୂରୁବ ଅରୁଣ କିରଣ ଯାର ଜ୍ୟୋତି ପ୍ରକାଶେ
ବିହଙ୍ଗମଗଣ ଗାଆନ୍ତି ଯାର ଗୀତ ହରଷେ ॥ ୨ ॥

ଖୋଲି ତୋ ହୃଦୟ କବାଟ ରଖ ଅତି ଯତନେ
ଆସିବେ ଦେବତା ପୂଜିବୁ ପୂତ ପ୍ରେମ ରତନେ ॥ ୩ ॥

ହୃଦ ସିଂହାସନେ ବସାଇ ତୋର ପରାଣ ଧନ
ପୂଜା କରି ଧନ୍ୟ ମଣିବୁ ଏହି ମାନବ ଜନ୍ମ ॥ ୪ ॥

ଅପରୂପ ସେହି ଆଲୋକେ ଯିବ ଲୁଚି ଅନ୍ଧାର
ଅମୂଲ୍ୟ ରତନେ ପୂରିବ ତୋର ହୃଦ ଭଣ୍ଡାର ॥ ୫ ॥

*୨୫/୩/୨୬୮*

# ଜାଗରଣ

ଜାଗ ନିଶି ପାହିଲାଣି ରାଜେ ରବି କରରେ
ଶେଯ ତେଜ ଜଗତର ନାଥରେ ସୁମରରେ ॥ ୦ ॥

ଅମାନିଶି ପ୍ରଭାତିଲା ପକ୍ଷୀ ମଙ୍ଗଳ ଗାଇଲା
ଦିଅଁ ଦେଉଳରେ ଶୁଭେ ଶୁଭ ଶଙ୍ଖ ସ୍ୱରରେ ॥ ୧ ॥

ଶୟନେ ଅବା ସ୍ୱପନେ ଅଛ ଯାହାର ନୟନେ
ଜୀବନ ଜନମ ଦାତା ଗୁଣ ଗାନ କରରେ ॥ ୨ ॥

ସୁଖର ଦୁଃଖର ସାଥୀ ତା' ବିନେ କେହି ନାହାନ୍ତି
ଏ ଭବ ତାରଣ ତରୀ ସେ ଯେ ଜୀବନରରେ ॥ ୩ ॥

ଇହକାଳ ପରକାଳ ଗୁରୁ ନାମଟି ସମ୍ବଳ
ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁ ଆଦି ମୂଳରେ ॥ ୪ ॥

ଶ୍ରୀଗୁରୁ ଚରଣେ ମତି ରଖ ମନ ଦିବା ରାତି
ଅଳସ ବରଜି ଗୁରୁ ପଦରେ ଜୁହାରରେ ॥ ୫ ॥

# ଜାଗରଣ

ଜାଗହେ ସରବେ ମାତ ହେ ଗରବେ ଗାଅ ଠାକୁରଙ୍କ ଜୟଗାନ ॥ ୦ ॥
ପ୍ରାଚୀ ସୀମନ୍ତିନୀ ଅର୍ଘ୍ୟ ଥାଳି ଘେନି
କୁଙ୍କୁମ ବରଣେ ରଂଜାଇ ଅବନୀ
ପ୍ରାଚୀ ଶୈଳ ନଭୁଁ ଘେନିଣ ମେଲାଣି
ବନ୍ଦିଲାଣି ଗୁରୁ ଶ୍ରୀଚରଣ ॥ ୧ ॥
ମୃଦଙ୍ଗ, ପଟ୍ଟହ, ଭେରୀ, ତୂରୀ, ସ୍ୱନ
ସାଗର ଗରଭୁ ଉଠେ ଘନ ଘନ
ଜଳଦେବୀ କୂଳ ସର୍ବେ ହୋଇ ଠୁଳ
ରଚିଲେଣି ଗୁରୁ ସଂକୀର୍ତ୍ତନ ॥ ୨ ॥
ଧୂପାରତି ଛନ୍ଦେ ବୋଲି ଦିଏ ତା'ର
ସ୍ୱଚ୍ଛ ପ୍ରେମ ଭକ୍ତି ମନ୍ଦାକିନୀ ଧାର
ପୁଷ୍ପୁ ପୁଷ୍ପୁ ଗନ୍ଧ କରି ଆହରଣ
ଉର୍ମିସିକ୍ତ ମନ୍ଦ ସମୀରଣ ॥ ୩ ॥
କେକୀ, କୁମ୍ଭାଟୁଆ, ବକ, ଚକ୍ରବାକ
ହଳଦୀବସନ୍ତ, ଶାରୀ, ଶୁକ, ପିକ
ଯୂଥେ ଯୂଥେ ହୁଳହୁଳୀ ଦେଇଯା'ନ୍ତି
ପ୍ରେମେ ଲଭି ଗୁରୁ ଦରଶନ ॥ ୪ ॥
ନଶ୍ୱରତା ମାୟା ମୋହ ପାଶେ ଛନ୍ଦି
ଆଶା ମରୀଚିକା କାରାଗାରେ ବନ୍ଦି
ପାପ ତାପ ଦଗ୍ଧ ସନ୍ତପ୍ତ ପରାଣେ
ବସି କାଟୁଥିବା କେତେ ଦିନ ? ॥ ୫ ॥
ଶୁଦ୍ଧପୂତ ଭାବେ ଆସ ହୋଇ ମିଳି
ଗୁରୁ ପଦ ଅବ୍‌ଜେ ଦେବା ପୁଷ୍ପାଞ୍ଜଳି
ଗୁରୁ ପରାତ୍ପର ବ୍ରହ୍ମାଣ୍ଡ ଠାକୁର
ନାଶିବେଟି ହେଲେ ଘୋରତମ ॥ ୬ ॥

# ଜାଗରଣ

ଡାକମନ କରୁଣା ସାଗରେ
ପାସୋରି ନଦିଅ ମନ କୃପା ପାରାବାରେ ॥ ୦ ॥

ଦୁଃଖ ତାପ ଯେବେ ଆସେ
ରହି ତୋର ଆସେ ପାଶେ
ନିରନ୍ତର ସେ ଯେ ତୋତେ ହେରେ ॥ ୧ ॥

ହୃଦୟ କପାଟ ମେଲି, ଡାକ ଗୁରୁ ଆସ ବୋଲି
ସେହି ଏକା ସାହା ତୋ ସଂସାରେ ॥ ୨ ॥

କରି ତା' କରମ ସାର, ଆନ କର୍ମ ତୁଚ୍ଛ କର
ଆଦେଶ ତା' ଘେନ ତୁ ମଥାରେ ॥ ୩ ॥

ତାପିତ ପରାଣ ତୋର, ହୋଇବରେ ସୁଶୀତଳ
ଗୁରୁନାମ ଜପ ବାଉଳାରେ ॥ ୪ ॥

ଅଭୟ ଚରଣେ ତା'ର, ନମି ତୁହି ବାରବାର
ପ୍ରେମ ଭିକ୍ଷା ମାଗ ତା' ପୟରେ ॥ ୫ ॥

# ଜାଗରଣ

ଦେଖରେ ଦେଖରେ ଉଦୟ ଅଚଳେ ନବରବି ପରକାଶ
ଅମୃତର ଅଧିକାରୀ ନରନାରୀ ଜାଗ, ଜାଗ ଆସ ଆସ ॥ ୦ ॥

ନୟନ ପୂରାଇ ଦେଖ କମନୀୟ ରୂପରେଖ
ପାପ ତାପହାରୀ ଚରଣେ ଜୁହାରି 'ଜୟଗୁରୁ' ଜୟ ଭାଷ ॥ ୧ ॥

ନୟନ କବାଟି ଖୋଲି ମାୟା ମରୀଚିକା ଠେଲି
ମନ ସିଂହାସନେ ବିଜୟ କରାଅ ଯିବରେ ମନ ପରାଶ ॥ ୨ ॥

ମାନ ଅଭିମାନ ତେଜ, ଗୁରୁ ଶ୍ରୀଚରଣ ହେଜ
ପାତି ଅଞ୍ଜଳି କରୁଣାର ବାରି ବିନ୍ଦୁରେ କର ଆଶ ॥ ୩ ॥

# ଜାଗରଣ

ଧରା ଥିଲା ତ ଚାହିଁ
ଯାବତ କଲମଷ ଯିବାକୁ ଧୋଇ ॥ ୦ ॥

ଧାରା ଶ୍ରାବଣ ନୀର-ଧାରା ଝରାଇ
ଧୋଇଲା ଧରାବୁକୁ କରୁଣା ବହି ॥ ୧ ॥

ଅନ୍ଧାର ଲୁଚେ ଉଷା ଯୋଷା ହସଇ
ସରେ ନଳିନୀ ମୁଖେ ହାସ ଫୁଟଇ ॥ ୨ ॥

ନଳିନୀକାନ୍ତ ଉଦେ ପରାଚୀ ଛୁଇଁ
ଜଗତ ଆଲୋକିଲା କିରଣ ପାଇ ॥ ୩ ॥

ଆସ ସରସ ମନେ ଭଉଣୀ ଭାଇ
ନଳିନୀକାନ୍ତ ପଦେ ମଥା ନୁଆଁଇ ॥ ୪ ॥

ଗୁରୁ ବନ୍ଦନା ଗାଅ କଣ୍ଠ ମିଳାଇ
ମାଗ ସରବେ ତାଙ୍କ ଚରଣେ ଛାଇ ॥ ୫ ॥

ସେ ଗୁରୁ ସେହି ବିଷ୍ଣୁ ବ୍ରହ୍ମାଟି ସେହି
ଭଜିଲେ ତାଙ୍କୁ ଭବୁଁ ଲଭିବା ତ୍ରାହି ॥ ୬ ॥

# ଜାଗରଣ

ନବ ରବି ଆସେ ଉଇଁ
ଏଇ ପରଭାତେ ପ୍ରଣତି ଜଣାଅ
ତାହାରି ଚରଣ ଛୁଇଁ ॥ ୦ ॥

ନବୀନ ଆଲୋକେ ନବୀନ ଭୁବନ
ନବ ଉପବନେ ନବୀନ ସୁମନ
ନବମାଳା ଗୁନ୍ଥି ନୁଆଁଅରେ ଶିର
ନବୀନ ପରାଣ ଦେଇ ॥ ୧ ॥

ମାଗି ଶିଖ ନାହିଁ ତାହାରେ ମୁକତି
ମାଗ ଶ୍ରୀଚରଣେ ଅତୁଟ ଭକତି
ଯେଉଁ ଡୋରେ ବନ୍ଧା ହେବେ ଦିନରାତି
ଅଖିଳ ଜଗତ ସାଇଁ ॥ ୨ ॥

ଧୂଳି ଧରା ଘରେ ଦି'ଦିନ କୁଣିଆ
ଶେଷ ସାଥୀ ଯା'ର ଶମଶାନ ନିଆଁ
କି ଲୋଡ଼ା ତାହାର ଧନ, ଜନ, ମାନ
ଗଣ୍ଠିଧନ ଏକା ସେହି ॥ ୩ ॥

ଭକତି ପୀରତି ମନରେ ଭରାଇ
ଆଶିଷ ମାତର ମାଗ ପଦେ ଯାଇ
ପ୍ରଣତି କେବଳ ତୋହରି ସମ୍ବଳ
ଭେଟ ତା' ଚରଣେ ନେଇ ॥ ୪ ॥

# ଜାଗରଣ

ନିଦ ଭାଙ୍ଗ ରାତି ତ ହେଲା ପାହାନ୍ତି ॥ ୦ ॥

ଫସର ଫାଟିଲା ନିଶା
ରବି ମାରେ ଦରହସା
ବସା ଛାଡ଼ି ଡାକ ଦେଇ ପକ୍ଷୀ ଉଡ଼ି ଯାଆନ୍ତି ॥ ୧ ॥

ପୂରୁବ ମେଘ କାନ୍ଥିରେ
ରଙ୍ଗ କିଏ ବୋଳିଛିରେ
ସୁଲୁ ସୁଲୁ ଚୋରା ବାଆ ଦେହ ସାରା ଛୁଅଁନ୍ତି ॥ ୨ ॥

ଆଉ ତୁ ମଠ ନକର
ଶେଯରୁ ଉଠି ଜୁହାର
ତିନି ଭୁବନ ଯାହାର ପାଆତଳେ ଲୋଟନ୍ତି ॥ ୩ ॥

ପର ଆପଣା ବିଚାର
ମନରୁ ତୋର ପାସୋର
ସୁରରେ ସୁର ମିଶାଇ ଗାଅ ଶୁଭ ପ୍ରଭାତୀ ॥ ୪ ॥

ଆଣ ସଜ ଫୁଲ ତୋଳି
ମନ ଦେଇ ଗୁନ୍ଥି ମାଳି
ଠାକୁରଙ୍କୁ ଭେଟିଦେଇ ଜଣାଅରେ ପ୍ରଣତି ॥ ୫ ॥

# ଜାଗରଣ

ନିଦ ଭାଙ୍ଗ ରାତିତ ଆସେ ପାହିରେ
ମାୟା ମୋହ ଘୁମରେ ତୁ କେତେ ଥିବୁ ଶୋଇରେ ॥ ୦ ॥

ଭଗାରି ସଭିଏଁ ମିଳି
ଦୁନିଆଁର ନିଶା ଗୋଳି
ପିଆଇ ଦିଅନ୍ତି ଜାଗିବାର ବଳ ନାହିଁରେ ॥ ୧ ॥

ଅଛି ଜଣେ ତୋର ସାହା
ସେ ଏକା କରିବ ଆହା
ଶୟନେ, ସପନେ ତାକୁ ଡାକ ତୁ ନିଠାଇରେ ॥ ୨ ॥

ଜାଗ ତା' ଶରଣ ମାଗ
ଭରି ମନେ ଅନୁରାଗ
ଷଡରିପୁ ଯିବେ ଦୂରେ ତୋ ପାଖୁଁ ପଳାଇରେ ॥ ୩ ॥

ସେ ତ କରୁଣା ସାଗର
ତାକୁ କରି ଆପଣାର
ଆଖି ମେଲି ରହ ମନ, ତା' ପଥ ଅନାଇଁରେ ॥ ୪ ॥

# ଜାଗରଣ

ନିଦ ଭାଙ୍ଗ, କେତେ ରହିଛୁ ସତେ ଶୋଇରେ ?
କେତେ ଶୋଇଥିବୁ ମୋହ ନିଦ ଭାଙ୍ଗୁ ନାହିଁରେ ? ॥ ୦ ॥
ନାନା ସୁଖ ଆଶା କରି
ଦୁଃଖରେ ହେଉ ତୁ ଘାରି
ପତଙ୍ଗ ଅନଳ ହେରି
ଧାଇଁ ଜଳି ମଲା ପରି
ବିଚାର କର ମନେ ତୁହିରେ ॥ ୧ ॥
ନାଭି କସ୍ତୁରୀ ବାସରେ
ଲୋଭୀ ମୃଗ ବନେ ଘୂରେ
ତିଳେ ବିଚାରି ନପାରେ
ଶେଷେ ନିଜ ଜୀବ ହାରେ
ମରୁ ତେସନ ସୁଖ ପାଇଁରେ ॥ ୨ ॥
ମତ୍ତ ବାରଣ ସମାନ
ଇନ୍ଦ୍ରିୟ ବଶ ତୋ ମନ
ହୋଇବୁ ଅତି ଅଜ୍ଞାନ
ହଜାଇ ବସି ଚେତନ
ସୁଖ ଆଶାରେ ମରୁ ଧାଇଁରେ ॥ ୩ ॥
ଅସାର ଏ ସଂସାର
କର ତୁ ଗୁରୁ ସାର
ଛଳ ଛନ୍ଦ ବେଭାର
ମନରୁ ଦୂର କର
ଭଜ ତୁ ଶ୍ରୀଗୁରୁ ଗୋସାଇଁରେ ॥ ୪ ॥

# ଜାଗରଣ

ନିଶି ହେଲାଣି ପାହାନ୍ତି ଜାଗ ଜଗବାସୀ
ଶେଯ ତେଜ ନଭେ ରବି ଚାହିଁଲାଣି ହସି ॥ ୦ ॥

ନୀଡ଼ ତେଜି ବିହଙ୍ଗମ
ରଟେ ପ୍ରଭାତ ଆଗମ
ପୂଜେ ନବ ରବି, ସରେ କମଳ ବିକଶି ॥ ୧ ॥

ଧିଆନ ନୟନେ ହେର
ଅପରୂପ ତେଜ ସାର
ସେଯେ ଗୁରୁବ୍ରହ୍ମ ବିଜେ କଲ୍ୟାଣ ବରଷି ॥ ୨ ॥

ଗୁରୁ ଏକା ଜୀବ ଗତି
ରଖ ସେ ଚରଣେ ମତି
କର ଗୁରୁ ଦରଶନ 'ଜୟଗୁରୁ' ଘୋଷି ॥ ୩ ॥

# ଜାଗରଣ

ନିଶି ହେଲାଣି ପାହାନ୍ତି ଜାଗ ଶେଯ ତେଜ
ପୂରୁବ ଗଗନ କୋଣେ ହସେ ରବି ତେଜ ॥ ୦ ॥

ପବନ ବହଇ ମନ୍ଦ ବିସାରେ ସୁମନ ଗନ୍ଧ
କାସାରେ ହସେ କମଳ ତେଜି ମନୁ ଲାଜ ॥ ୧ ॥

ଶୁଭେ ବିହଗ କାକଳି, ଦିଏ ସତେ ହୁଳହୁଳୀ
ନବୀନ ପରଭାତରେ ବନ୍ଦିବାକୁ ଆଜ ॥ ୨ ॥

ଯେତେ ସବୁ ନାରୀ ନର, ଶେଯେ ମୃତ ପରକାର
ଥିଲେ ଶୋଇ ଜାଗିଲେଣି ଉଠ ତନୁ ମାଜ ॥ ୩ ॥

ଚଉଦିଗ ପ୍ରେମେ ହସେ, ସରାଗେ ତରଙ୍ଗେ ଭାସେ
ନିତ୍ୟବ୍ରତ ଲାଗି ବେଗେ ଶଯ୍ୟା ତୁ ବରଜ ॥ ୪ ॥

ପ୍ରଣମି ପିତା ପାଦରେ, ଲାଗ ଶୁଭ କରମରେ
ସେହି ସତ୍ୟ ସେହି ନିତ୍ୟ, ଆନ ସବୁ ବ୍ୟାଜ ॥ ୫ ॥

ଭୁଲ ମନୁ ଭେଦ ଭାବ, ଭାଇ ଭଉଣୀ ସରବ
ଆମ ଜନମ କରତା ଏକ ବୋଲି ହେଜ ॥ ୬ ॥

ସୁଖ ବୋଲ ଦୁଃଖ ବୋଲ, ସବୁତ ତାଙ୍କରି ଖେଳ
ମାତି ଭକତି ପ୍ରେମରେ 'ଜୟଗୁରୁ' ଭଜ ॥ ୭ ॥

# ଜାଗରଣ

ପରଭାତ ବିଭାବରୀ
ଆସରେ ସରବେ ଚରଣରେ ଦେବା
ଭକତି ସୁମନ ଢାଳି ॥ ୦ ॥

ସରାଗେ ପ୍ରୀତି ଚନ୍ଦନ
କରରେ ପଦେ ରଞ୍ଜନ
ଗାଅ ଗାଅ ମୁଖେ 'ଜୟଗୁରୁ' ଜୟ
ସକଳ ମାୟା ପାସୋରି ॥ ୧ ॥

ଅନ୍ତରରେ ପ୍ରେମ ଘେନି
ସଜାଅ ଚରଣ ବେନି
ଆରତି କରରେ ଅତି ପ୍ରମୋଦରେ
ବିଶ୍ୱାସ ପ୍ରଦୀପ ଜାଳି ॥ ୨ ॥

ମନର ସକଳ ଚିନ୍ତା
ବରଜି ଜଣାଅ ବ୍ୟଥା
ଭକତି ମନର ରହିଥାଉ ଚିର
ଜଣାକର ନିଉଛାଳି ॥ ୩ ॥

ମୋର ବୋଲି ବୋଲ ଯାହା
ଭେଟି ଚରଣରେ ତାହା
ମଥା ନତ କରି ମନ ପ୍ରାଣ ଭରି
ମାଗରେ କରୁଣା ଖାଲି ॥ ୪ ॥

# ଜାଗରଣ

ପାହିଲା ରଜନୀ ଜାଗ ଜାଗ ତେଜ ଶେଯ ହେ
ସରସ ମନେ ଯତନେ ଶ୍ରୀଗୁରୁଙ୍କୁ ଭଜ ହେ ॥ ୦ ॥

ସିନ୍ଦୂରା ଫାଟେ ଆକାଶେ ଚହଟିଲା ଦିଗ
ବିଭୁ ମହିମା ସୁମରି ଜାଗିଲେ ବିହଗ
କରୁଣା କିରଣ ଢାଳି ଉଇଁଲେ ସୂରୁଯ ହେ ॥ ୧ ॥

ଏ ଶୁଭ ପ୍ରଭାତେ ଆସ ଆସହେ ସକଳେ
ନମିବା ଗୁରୁ ପୟରେ ପ୍ରେମ ଭକ୍ତି ଭୋଳେ
ଧନ୍ୟ ହୋଇବା ଲଭିଣ ଗୁରୁ ପଦ ରଜ ହେ ॥ ୨ ॥

ଆପଣା ମନରେ ଅଛି ଯେତେ ଅମା ମଳ
ଶ୍ରୀଗୁରୁ କୃପା ବାରିରେ ହେଉ ତା' ବିମଳ
ଭକତି ପ୍ରୀତି ସୁମନେ ଗୁରୁପଦେ ପୂଜ ହେ ॥ ୩ ॥

# ଜାଗରଣ

ବାଉଳା ! ଅଳସ ପହୁଡ଼ ତେଜ
ଘୁମ ଘେରା ଆଖି ମେଲି ତୁ ଏ ଥର
ନିଜ ଗନ୍ତାଘର ଖୋଜ ॥ ୦ ॥

ତୋ ଘର ତ୍ରିବେଣୀ ଜଳେ ନ ସ୍ନାହାନି
ତୁଚ୍ଛାରେ ମୂରୁଖ ମନ
ମିଛେ ସିନା ଭୁଲି ନାନା ତୀର୍ଥ ବୁଲି
ଖୋଜି ହେଉଛୁ ରତନ
ବିଚାରି ଲାଗଇ ଲାଜ ॥ ୧ ॥

ହଠବାଜୀମାନ ଦେଖି ତୁ ଅଜ୍ଞାନ !
ଖୋଜୁ ବାଜିକର କାହିଁ ?
ଅନ୍ତର ମଝିରେ ଲୁଚି ରହିଛିରେ
ଛାଇ ପଛରେ ନ ଧାଇଁ
ଆଖି ମୁଦି ଥରେ ହେଜ ॥ ୨ ॥

ପରଶମଣି ତୁ ପରଘରେ ଖୋଜୁ
ବୁଲି ବୁଲି ରାତି ଦିନ
ଖୋଜ ତୁ ଅନ୍ତର ଗନ୍ତାଘର ତୋର
ମିଳିବ ତା' ଦରଶନ
(ତା'ର) କୋଟିଏ ରତନ ତେଜ ॥ ୩ ॥

# ଜାଗରଣ

ଭିଖାରୀରେ ଜାଗ ! ଗଡ଼ିଯାଏ କାଳ
ହେଳା ଆଉ କର ନାହିଁ
ଦେଖରେ, ଦେଖରେ ପୂରୁବ ଗଗନେ
ଅରୁଣ ଦେଲେଣି ଚାହିଁ ॥ ୦ ॥
କାମନା, ବାସନା ଯାହା ଅଛି ତୋର
ବିରାଟ ଚରଣେ ଏବେ ଜଣାକର
ଏଇତରେ ସେଇ ଶୁଭ ବେଳା ଦେଖ
ଚଉଦିଗେ ତୁ ଅନାଇଁ
ବନର ବିହଗ ମନକଥା ତା'ର
ଜଣାଏଁରେ ଗୀତ ଗାଇ ॥ ୧ ॥
କୁସୁମ ଅରପେ ବନ୍ଦନା ଥାଳି
ସରାଗ ପରାଗ ଅଙ୍ଗରେ ବୋଳି
ଅଳସ ବରଜି ଗୁଞ୍ଜରେ ଅଳି
ତାହାରି ଚରଣ ଧ୍ୟାୟୀ
ଆଉ କି ସାଜେରେ ନିଦ ତୋ ନୟନେ
ନିଶି ଆସେ ପାହି ପାହି ॥ ୨ ॥
ଜାଗ ଏ ମଧୁର ପରଭାତ କାଳେ
ବରଜି ମନରୁ ଅବସାଦ ହେଳେ
ଡାକରେ କରୁଣା ସାଗରେ, ତୋ ଶିରେ
କୃପା ବରଷଣ ପାଇଁ
ଡାକିଲା ପରି ତୁ ଡାକିଲେ ସେ ଡ଼ାକ
ଶୁଣିବେ ଜଗତ ସାଇଁ ॥ ୩ ॥

# ଜାଗରଣ

ମନରେ, ଅଳସ ବରଜି ବୋଲ ହରି
ନୟନ ମେଲି ତୁ ହେର ପାହିଲା ଶର୍ବରୀରେ ॥ ୦ ॥

ଜାଗି ଜଗତ ଜଗାଅ ହରିନାମ ଗାଇ
ସେ ନାମୁଁ ବଳି ମଧୁର ଆଉ କିଛି ନାହିଁ
ରଖାଅ ତୋ ବନ୍ଧୁଜନେ ନାମାମୃତ-ବାରିରେ ॥ ୧ ॥

ଶୁଭ ଜନ୍ମଦିନ ହେଲା, ରଜନୀ ପାହିଲା,
ନ ପାସୋର ହରିନାମ ନହୁଅ ବାଉଳା
ଜୀବନେ ମରଣେ ବନ୍ଧୁ ଏକା ସେ ତୋହରିରେ ॥ ୨ ॥

ଅଢ଼ାଇ ଦିନ ସଂସାର, ହରିନାମ ଏକା ସାର
ମୋର ମୋର ବୋଲୁ ଯାହା ତାରେ ତୁ ପାସୋର
ମାୟା, ମୋହ ତେଜି ଘେନ ଶରଣ ତାହାରି ରେ ॥ ୩ ॥

# ଜାଗରଣ

ମିଛେ ନରହ ଆଉ ଘୁମାଇଁ
ମାୟା ନିଶାରେ ବିଭୋର ହୋଇ ॥ ୦ ॥

ଅନାଅଁରେ ଉଷା ପୂରୁବ ଗଗନେ
ଜାଗି, ଜଗାଇଲା ଜଗତ ଜନେ
ରବି ପରକାଶି ତମସା ବିନାଶେ
ଉଠିଲେଣି ପକ୍ଷୀ ମଙ୍ଗଳ ଗାଇ ॥ ୧ ॥

କୁସୁମ ବଦନେ ହସ ବିକାଶ
ଅଳି ଗାଏ କରି ମଧୁରେ ଆଶ
ଶୁଣ କାନ ଡେରି, କଣ୍ଠରୁ ସବୁରି
ଶୁଭେ ଜୟ ଗୀତି, ଦିଗ ନଚାଇ ॥ ୨ ॥

ଏ କାଳେ ନ ଶୁଅ ଆଉ ବାଉଳା
ମନ ଦୁଆର ତୋ କରି ମୁକୁଳା
ସଜାଅ ବହନ ଚିତ୍ତ-ସିଂହାସନ
ଡାକ 'ଜୟଗୁରୁ' କଣ୍ଠ ଭରାଇ ॥ ୩ ॥

ସେହି ଏକା ସାଥୀ ଜୀବନେ ତୋର
ଘୁଞ୍ଚାଇବେ ମାୟା ମୋହ ଅନ୍ଧାର
ଗୁରୁ ଦାସ ପଣେ ତାଙ୍କ ଶ୍ରୀଚରଣେ
କର ଯୋଡ଼ି ମାଗ, କରୁଣା ତୁହି ॥ ୪ ॥

# ଜାଗରଣ

ଶୁଭ ପରଭାତେ ନବ ରବି ପରକାଶ
ମନ-ଫୁଲଭରା ଅଞ୍ଜଳି ଘେନି ଆସ
    ଚରଣରେ ଭେଟି ଦିଅ
    ଭକତି-ନତି ଜଣାଅଁ
କଣ୍ଠ ଭରି କହ 'ଜୟଗୁରୁ' ଅବିନାଶ ॥ ୧ ॥

ଆସ ହେ ସରବ ଭକତମଣ୍ଡଳୀ ଆସ
ଶୁଣ ଶୁଣ କାନେ ଶ୍ରୀଗୁରୁ ଅମିୟ ଭାଷ
    ଗୁରୁ-ପାଦ ତଳେ ମିଳି
    କରିବାରେ ଆଜି ଅଳି
ଜଗତର ମାୟା-ମୋହ କରହେ ବିନାଶ ॥ ୨ ॥

ଏ ଜୀବନ ଗୁରୁ କରୁଣାର ଦାନ
କର କର ତାଙ୍କ ପଦେ ସମର୍ପଣ
    ପୂରିବ ମନ-ବାସନା
    ଘୁଞ୍ଚିବ ପାପ-କାମନା
ଅନ୍ତିମେ ହେବ ଶାନ୍ତିଧାମେ ନିବାସ ॥ ୩ ॥

# ପ୍ରତୀକ୍ଷା

ହୃଦ ଆସନକୁ ଯତନେ ସଜାଇ ଚାହିଁ ରହ ଦୀପ ଜାଳି
ପ୍ରତୀକ୍ଷାର ବଳେ ଲଭିବୁ ଅଚିରେ ଗୁରୁଙ୍କ ଚରଣ ଧୂଳି

## ପ୍ରତୀକ୍ଷା

ଅନାଇ ବସିଛି ଖାଲି ମୁଁ ଆସିବ କେବେ ସେ ଦିନ ହେ
ଯେବେ ହୋଇବ ମୋ ମାଥେ ତା' ଆଶିଷ ବରଷଣ ହେ ॥ ୦ ॥

ହରି ପ୍ରେମେ ମତ୍ତ ରହି ପାଗଳ ହୋଇବି ମୁହିଁ
ନିଶି ଦିବସ ପାସୋରି କରୁଥିବି ନାମ ଗାନ ହେ ॥ ୧ ॥

ସଜାଇ ହୃଦ ଆସନ ତୁମ୍ଭ ଲାଗି ଜୀବଧନ
ଭେଟିବାକୁ ଚରଣରେ ଗୁନ୍ଥିବି ବାସ ସୁମନ ହେ ॥ ୨ ॥

ଭାଇ ବନ୍ଧୁ ପର କରି ଗାଉଥିବି ହରିହରି
ଡାକଦେବି ନାଉରୀରେ ଏ ଭବ ତାରଣ ପାଇଁ ହେ ॥ ୩ ॥

ଚଞ୍ଚଳ ନୋହିବ ଚିତ୍ତ ଦିବା ନିଶି ଅବିରତ
ଶୟନେ ସ୍ୱପନେ କରୁଥିବି ଗୁରୁ ସୁମରଣ ହେ ॥ ୪ ॥

ମାନ ଅଭିମାନ ଭୁଲି ମଥା ନୁଆଁଇବି ଖାଲି
ଆଶ ନାହିଁ ଆନରେ ମୋ ଆହେ କରୁଣାନିଧାନ ହେ ॥ ୫ ॥

ମୁଦିଲେ ନୟନ ମୋର ଦିଶିବ ରୂପ ତୁମ୍ଭର
ଷଡ଼ରିପୁ ମୋ ଭଗାରୀ କରୁଥିବି ପରଜ୍ଞାନ ହେ ॥ ୬ ॥

ଧନଜନ ଗଉରବ ମାଗୁନାହିଁ ବଇଭବ
ସେବାଲାଗି ପଦତଳେ ଦିଅ ଖାଲି ଲବେ ଥାନ ହେ ॥ ୭ ॥

# ପ୍ରତୀକ୍ଷା

ଆଖି ପାଣି ଆଖି କୋଣରେ ମାରି ମୁଁ
ତୁମ ବାଟ ଚାହିଁ ବସିଛି
ଆଶାରେ ଆଶାରେ କେତେ ସତେ ପ୍ରିୟ !
ମିଛେ ବାଲିବନ୍ଧ ଦେଇଛି ॥ ୦ ॥

ତନୁ ଛୁଇଁ ଯାଏ ଚୋର ବସନ୍ତ
ମହକାଇ ଦିଏ ଦିଗ ଦିଗନ୍ତ
ଗଛରୁ ପତର ଖସିଲେ ସତରେ
ଚମକି କେତେ ମୁଁ ଚାହିଁଛି ॥ ୧ ॥

ପାହି ଯାଏ ମୋର ଉଦୁଆଁ ରାତିଟା
ଡାକଦିଏ ଆସି କଜଳପାତୀଟା
ଦେଖେ ମୁଁ ଫୁକିଆ ତାରାଟା ମୋ ଆଡ଼େ
ଆଖିମାରି ପରା ହସୁଛି ॥ ୨ ॥

ଅସରା ହେଲା ମୋ ଦିନ କାନ୍ଦୁ କାନ୍ଦୁ
କାନି ପସାରି ମୁଁ ଭିଖ ମାଗେ ବନ୍ଧୁ
ଲୋକ ହସା ସହି ଜୀବନ ବିତୁଛି
ଥରେ ହେଲେ ଆସ ଡାକୁଛି ॥ ୩ ॥

ଅପରାଧ ଯେବେ ହେଲା ସତେ ମୋର
ତୁମେ ପରା ବନ୍ଧୁ କ୍ଷମାରସାଗର
ପଥର ପାଲଟି ଗଲ କି ମୋ ଲାଗି
ନିଶିଦିନ ମନେ ଭାଳୁଛି ॥ ୪ ॥

## ଆରତି ପ୍ରତୀକ୍ଷା

ଆନନ୍ଦମୟ ନିଗମାନନ୍ଦ ଜୟ
ଏ ଶୁଭ ଲଗନେ ଆରତି ପ୍ରଣତି ନିଅ ॥ ୦ ॥

ଜଳାଇ ଜ୍ଞାନ ବତି ବିଶୁଦ୍ଧ କର ମତି
ଆହେ ଋଷିବର ! ଜଗତେ ତୁମର
କେ କଳିବ ଗୁଣ ଚୟ॥ ୧ ॥

ଜୀବର ବେଦନା ହାରୀ ଜଗ ମଙ୍ଗଳ କାରୀ
ଅନ୍ଧ ନୟନେ ଜ୍ଞାନ ଅଞ୍ଜନ
ତୁମେ ହେ ଘେନାଇ ଦିଅ ॥ ୨ ॥

ଅଜ୍ଞତା ଦୋଷେ ବୁଡ଼ି ପଥ ଯେବେ ଯାଏ ହୁଡ଼ି
ଆଲୋକ ଦେଖାଇ ଆଶିଷ ବରଷି
କୋଳେ ଦିଅ ଆଶ୍ରୟ ॥ ୩ ॥

ତୁମେ ତ ଚିର ଅମର ମୁକ୍ତ ପୁରୁଷ ବର
ଲଲାଟେ ବିରାଜେ ମୁକ୍ତି ତିଳକ
ନାହିଁ ତୁମ ପରାଜୟ ॥ ୪ ॥

ଘେନ କୋଟି ପ୍ରଣିପାତ ଦିଅ ମୁକତିର ମନ୍ତ୍ର
ଆଶ୍ରିତ ଜନରେ ଉଦ୍ଧାର କର
ଘୁଞ୍ଚୁ ମରଣ ଭୟ ॥ ୫ ॥

# ପ୍ରତୀକ୍ଷା

ଏ ନବ ପ୍ରଭାତେ ଆଜି  ଏ ନବ ଉଷାରେ
ସାଜିବି ନବ କିଶୋରେ ନବୀନ ଭୂଷାରେ
ନବ ନବ ପୁଷ୍ପରାଜି ଖଞ୍ଜି ବନମାଳେ
ନବ ପ୍ରେମେ ଲମ୍ବାଇବି ପ୍ରିୟତମ ଗଳେ;
ସାଜିବି ନବ କିଶୋରେ   ଆଜି ଏ ନବ ଉଷାରେ
ଗୁନ୍ଥି ନବ ପୁଷ୍ପମାଳେ   ଲମ୍ବାଇବି ପ୍ରିୟଗଳେ
ନବୀନ ଭୂଷଣ ଦେଇ   ମଣ୍ଡିବି ପରାଣ ସାଇଁ   ॥ ୧ ॥

ନବ ପଲ୍ଲବରେ ଶୋହେ ଶିଶିର କଣିକା
ଶୁଭ ଆଗମନୀ ଗାଏ କୋକିଳ ଗଣିକା
ମୋ ବନ୍ଧୁ ମସ୍ତକେ ଦେଖି କୁସୁମ ମୁକୁଟ
ଶାରିକା କରଇ ନବ ମାଙ୍ଗଳିକ ପାଠ
କିଶଳୟେ ଢଳଢଳ   ଶିଶିର କଣିକା ମାଳ
ତବ ଶୁଭ ଆଗମନୀ   କୋକିଳର କୁହୁଧ୍ୱନି
ଶିରେ କୁସୁମ ମୁକୁଟ   ଅଧରେ ହାସ ପ୍ରକଟ
ଶାରିକା ମାଗଧ ପାଟ   କରେ ମାଙ୍ଗଳିକ ପାଠ ॥ ୨ ॥

ଅରୁଣ ଆଲୋକ ଧୀରେ ପ୍ଲାବଇ ଧରଣୀ
ଆଲୋକ ରୂପେ ଏ ତବ ପ୍ରେମ ତରଙ୍ଗିଣୀ
ବିହଙ୍ଗର କଳକଣ୍ଠ ସୁମଧୁର ତାନ
ମୋ ନବ ପରାଣେ ତୋଳେ ମୂର୍ଚ୍ଛନା ମହାନ
ଜାଗଇ ନବୀନ ପ୍ରାଣେ ନବ ନବ ଆଶା

ନବୀନ ହୃଦୟ ମୋର ଖୋଜେ ନବ ଭାଷା

ଆଶା ଜାଗେ ମୋର ମନେ ଭାବ ଜାଗେ ହୃଦକୋଣେ
ବିହଙ୍ଗର କଳତାନ ତୋଳେ ମୂର୍ଚ୍ଛନା ମହାନ
ଅରୁଣ କିରଣ ସ୍ରୋତ ତୁମରି ପ୍ରେମ ସରିତ ॥ ୩ ॥

ନବୀନ ରାଗରେ ଆଜି ନବବିଶ୍ୱ ଭରା
ନବ ପ୍ରେମେ ହେ କିଶୋର ସର୍ବେ ଆତ୍ମହରା
ଏତିକି ପ୍ରାର୍ଥନା ଆଜି ଏ ଶୁଭ ଲଗନେ
ମତି ରତି ରହୁ ସଦା ତବ ଶ୍ରୀଚରଣେ
ନବରାଗେ ବିଶ୍ୱଭରା ପ୍ରେମେ ସର୍ବେ ଆତ୍ମହରା
ଆଜି ଏ ଶୁଭ ଲଗନେ ପ୍ରାର୍ଥନା ତବ ଚରଣେ
ସଦା ମୋର ମତି ରତି ତବ ପଦେ ରହୁ ମାତି ॥ ୪ ॥

# ପ୍ରତୀକ୍ଷା

ଏ ଶୁଭ ଲଗନେ ମୃଦୁ ବାତାୟନେ ଭକ୍ତି ଉଦ୍‌ବେଳିତ ପ୍ରାଣେ
ଶୁଦ୍ଧ ଗବ୍ୟ ଘୃତ ବର୍ତ୍ତିକା ସଂଯୁକ୍ତ ପ୍ରଦୀପ ଜାଳି ଯତନେ
ନାଚି ନାଚି ଆସ ଗୃହୀ ସନ୍ନ୍ୟାସୀ
ଗୁରୁ ପାଦ ପଦ୍ମେ ମନ ନିବେଶି ॥ ୧ ॥

ପୂଜିବା ଚରଣ ହୃଦ ପ୍ରେମ ରତ୍ନ ହୃଦ ସରସିଜାସନେ
ଗଣ୍ଠିଧନ କରି ସାଇତି ରଖିବା ହୃଦୟ ନିଭୃତ କୋଣେ
(ସେ ଯେ) ଶରେଣ୍ୟ ବରେଣ୍ୟ ସିଦ୍ଧ ଶଙ୍କର
ଅଗତିର ଗତି କ୍ଷମା-ସାଗର ॥ ୨ ॥

ଦିଅ କରତାଳି ଉଚ୍ଚେ ହୁଳହୁଳି ବୋଲି 'ଜୟଗୁରୁ' ଗାନେ
ଭୂ, ବ୍ୟୋମ, ପାତାଳ ପ୍ରକମ୍ପିତ ହେଉ ମହୋଲ୍ଲାସ ସେ ନିଃସ୍ୱନେ
ବୀଣା ବାଜୁ ଏବେ ସପତ ସ୍ୱରେ
ଛତିଶ ରାଗିଣୀ ଛଅ ରାଗରେ ॥ ୩ ॥

ସାରସ, ଋଷଭ, ଗାନ୍ଧାର, ମଧ୍ୟମ, ପଞ୍ଚମ, ଧୈବତ ତାନେ
ନିଷାଦର ଗୁରୁ ଗମ୍ଭୀର ନିଃସ୍ୱନେ ମିଶିଯାଉ ସେହି ସ୍ୱନେ
ଝଲମଲ ଦିଶେ ପ୍ରଦୀପ ତାର
ଝଳି ଫୁଟେ ଦିବ୍ୟ ସୁତନୁ ବର ॥ ୪ ॥

ପଞ୍ଚ ଜ୍ଞାନେନ୍ଦ୍ରିୟ ସହ ମନ ଠୁଳ କର ତାଙ୍କ ଶ୍ରୀ ଚରଣେ
ପାପ ତାପ ଅସ୍ତମିତ ହେଉ ତବ କରୁଣା କଟାକ୍ଷ ଦାନେ
ଜୟଗୁରୁ, ଜୟଗୁରୁ : ଜୟ ହେ ଜୟ ହେ ଜୟ ଶ୍ରୀଗୁରୁ
ଜୟ ହେ ନିଗମ ସୁରତରୁ
ଭକତ ଶିଷ୍ୟଙ୍କ କଳ୍ପତରୁ
ବିବେକବନ୍ତର ଜ୍ଞାନୀ ଗୁରୁ

# ପ୍ରତୀକ୍ଷା

ଏ ମୋର ହୃଦୟ କୁଟୀରେ ନାଥ ! ରଚ ତବ ଆଶ୍ରମ
ଦିବସ, ଯାମିନୀ ନିରବଧି ତହିଁ କର ସୁଖେ ବିଶ୍ରାମ ॥ ୦ ॥

ମନ-ଉପବନୁଁ ଜ୍ଞାନ, ଧ୍ୟାନଫୁଲ
ତୋଳି ଗୁନ୍ଥିବି ମୁଁ ତୁମ ଲାଗି ମାଳ
ପ୍ରୀତି ଭକତିରେ ସଞ୍ଜ-ସକାଳରେ କରୁଥିବି ଅରଚନ ॥ ୧ ॥

ତୁମ ପରିବାରେ ଜଣେ ବୋଲି ମୁହିଁ
ଗଣା କର, ଆଉ କିଛି ମାଗୁ ନାହିଁ
ତୁମ ନାମ ଗୁଣ ଘୋଷୁଥିବି, ହୁଡ଼ିଗଲେ କରିବି ଶାସନ ॥ ୨ ॥

ପରିଚାରକ ମୋ ରିପୁଗଣ ନିତି
ସାଧୁଥିବେ ତବ ସେବା ପୂଜାନୀତି
ତୁମ ଇଚ୍ଛା ଯାହା, ହେବ ତା' ମୋ ଇଚ୍ଛା,
ପାଲଟିବ ଘର ମୋର ସ୍ୱର୍ଗଧାମ ॥ ୩ ॥

# ପ୍ରତୀକ୍ଷା

ଏତେ ଦିନେ ସତେ ଆଜି ପାରିଲି ବାରି
କୂଳରେ ଲାଗିଲା ମୋର ନୟନ ବାରି ॥ ୦ ॥

କାହିଁକି ଏ ଆଖି ଭରା
ଝରୁଥିଲା ନୀର ଧାରା
ଜାଣିଲି ସେ ଗୁନ୍ଥା ହେଲା ହାର ତୁମରି
ଦୋଳୁଛି ସେ ହୋଇ ତୁମ ଗଳାର ମାଳି ॥ ୧ ॥

ସଞ୍ଜର ଖଚୁଆ ତାରା
ଠାରି ମୋତେ କହିଦେଲା
ଜାଳିବାକୁ ବେଳହେଲା ସଞ୍ଜ ଦୀପାଳି
ଟାକିବାକୁ ଘରେ ତୁମେ ଆସିବ ବୋଲି ॥ ୨ ॥

ସହୁ ନାହିଁ ଆଉ ତର
ମନ ମୋର ତର ତର
ପୂଜିବାକୁ ସଜାଡ଼ିଛି ବନ୍ଦାଣ ଥାଳି
ପ୍ରିୟାଦପି ପ୍ରିୟ ଆସ କରୁଣା କରି ॥ ୩ ॥

# ପ୍ରତୀକ୍ଷା

କରୁଣା ଦୁଆରେ ଶରଣ ଭିଖାରି ମାଗୁଛି କର ପସାରି
କଣିକା ମାତର କୃପା ସରିତରୁ ଦେଲେ ଯିବ କି ହେ ସରି ? ॥ ୦ ॥

ବଡ଼ ଆଶା କରି ଘେନି ଆସିଛି ମୁଁ ନୟନର ନୀରଧାର
ଧୋଇ ଦେବି ଖାଲି ଚରଣ ଯୁଗଳବାରଣ ମୋରେ ନ କର
ଏତିକିରେ ମନ ପିଆସ ମେଣ୍ଟିବ ମିନତି ଘେନ ମୋହରି ॥ ୧ ॥

ଜନ କହେ ତୁମେ ଦୟାର ସାଗର ନ କର ମୋରେ ନିରାଶ
ନାହିଁ କର ନାହିଁ, କ୍ଷମାକର ମୋର ଜୀବନର ସବୁ ଦୋଷ
ଧୋଇ ପଦଯୁଗ ହୃଦୟ ମନ୍ଦିରେ ବସାଇବି ପୂଜା କରି ॥ ୨ ॥

ଗାଇ ଶୁଣାଇବି ତୁମ ଗୁଣଗୀତି ବିସୋରି ଜଗତ ମାୟା
ସେଇ ଗୀତ ସୁରେ ଦିବସ-ରଜନୀ କରି ରଖ ମୋତେ ବାୟା
ବଡ଼ ଆଶା କରି ଆସିଛି ପ୍ରଭୁ ହେ ! ଘେନ ଅଧମ ଗୁହାରି ॥ ୩ ॥

*୧୯/୩/୨୨୭*

# ପ୍ରତୀକ୍ଷା

କାହିଁ ଅଛ ଦେବ କେଉଁ ଦୂର ଲୋକେ ନୟନ ମନର ଅଗୋଚରେ
ସଂସାର ଦଗଧ ଆଲୋକ ବିହୀନ ହୋଇ ମୁଁ ପଡ଼ିଛି ଧରା ପରେ
କଳପନା ପଥେ,
ନିତି ଦେଖେଁ ମରୀଚିକା କେତେ ॥ ୧ ॥

ପ୍ରଭାତୁଁ ପ୍ରଦୋଷ ପରେ ପୁଣି ଉଷା ଏହି କ୍ରମେ ଦିନ ଯାଏ ଚାଲି
ଗୋଟି ଗୋଟି କେତେ ବରଷ ଗଲାଣି ହୃଦୟ ଆସନ ଅଛି ଖାଲି
ଅବତର ଆସି,
ସର୍ବଗାମୀ ନିତ୍ୟ ଲୋକବାସୀ ॥ ୨ ॥

ବଦ୍ଧ ଜୀବ ସିନା ପାରେ ନାହିଁ ଆସି ଯେଣୁ ସେ କରମ-ଜାଲେ ଛନ୍ଦା
ବାରେ ଆସ ସର୍ବଗାମୀ ଭୟ କିହେ ପଡ଼ିବାକୁ ଭକ୍ତ-ହୃଦେ ବନ୍ଧା
ସଦା ସଞ୍ଜ ପ୍ରାତେଃ,
ଚାହିଁଥାଏ ଅପଲକ ନେତ୍ରେ ॥ ୩ ॥

ମନ୍ଦିରେ ମନ୍ଦିରେ ତବ ଧ୍ୟାନ କରେ ଦରଶନ ପାଇଁ ଧାଏଁ ମତି
ହୃଦୟ-କନ୍ଦରେ ଫୁଟିଉଠ ବାରେ ରେଖିବି ଯତନେ ସେ ମୂରତି
ନୟନରେ ଭାତି,
ରାଜୁଥିବ ସଦା ଦିନ ରାତି ॥ ୪ ॥

ଦେଖେ ଯେବେ ଖେଳେ ପରବତ ଚୂଳେ କନକ କିରଣ ମେଘ ସଙ୍ଗେ
ମନେ ହୁଏ ଅବା ସେ ମାଧୁରୀ କିବା ଫୁଟିବ ଦିଗ-ଅଙ୍ଗନା ଅଙ୍ଗେ
ଆଶା ମରେ ନାହିଁ,
ନୟନରୁ ଝରେ ବାରି ହୋଇ ॥ ୫ ॥

ଜ୍ୟୋତିର ଜ୍ୟୋତି ହେ ପ୍ରାଣ ସମ୍ପତ୍ତି ହେ ମୁକତି ପସରା ତୁମେ ପରା
ଅନ୍ତର ମନ୍ଦିରେ ଭକତି ବେଦିରେ ଆପେ ଆସି ଦେବନି କି ଧରା
କ୍ରନ୍ଦନର ଧ୍ୱନି,
ବଧିର ହେଲ କି ଶୁଣି ଶୁଣି ॥ ୬ ॥

ବାରେ କୃପା କରି ଆସ ଅବତରି ନିତି ଦିନ କର୍ମ ଜୀବନରେ
ପଲକେ ପଲକେ ଅନ୍ଧାରେ ଆଲୋକେ ପାଇବି ପରଶ ସବୁଠାରେ
ତବ ଆଶା ବାଣୀ,
ଝଙ୍କାରୁ ଅନ୍ତରେ ପ୍ରତିଧ୍ୱନି ॥ ୭ ॥

## ଅଭିଳାଷ

କମ ଆଖିକି ସତେ ଆଉ ଥରେ ଭେଟିବି କି ?  ॥ ୦ ॥

ମୁନି ଋଷି ଗଣ କରନ୍ତି ଧିଆନ
ଯେଉଁ ଚରଣ  ବେନି କି ?
ତା'ର ଦରଶନ ପାଇଁ କି ଭାଜନ
ଏ ଅଧମ ହେବନି କି ?  ॥ ୧ ॥

ପତିତ ପାବନ ବୋଲି ତ୍ରିଭୁବନ
ନାଗରା ବାଜୁଛି ଡାକି
ଶୁଣି ମୁଁ ପତିତ ଧାଇଁ ଆସିଛି ତ
ନଦେବ ହେ ମୋତେ ଠକି  ॥ ୨ ॥

କହ ମୋ ବେଳକୁ ଗଲାକି ଗୋସାଇଁ
କରୁଣା ଝରଣା ସୁଖି
ନ ଦେଲେ ନ ଦିଅ ଦରଶନ ଦିଅଁ
ରହିଲି ଦୁଆରେ ଟାକି  ॥ ୩ ॥

❀❀❀

# ପ୍ରତୀକ୍ଷା

କେତେ ଆଉ ଖେଳ ଲୁଚକାଳି
ମୁଁ ଯେ ଦିନରାତି ମିଛେ ଖୋଜି ମଲି ॥ ୦ ॥
ମୋହରି ଭିତରେ ମୋହର ଓଢ଼ଣା ଦେଇ
ମୋହରି ରୂପରେ ତୁମେ ମିଶିଅଛ ରହି
ଆଖି ଥାଇ ଅନ୍ଧ ସାରା ଦୁନିଆଁ ମୁଁ
ଖୋଜେ ସିନା ବୁଲି ବୁଲି ॥ ୧ ॥
ଅନ୍ତରର ନିଧି ଅଛ ଅନ୍ତରତଳେ
ମୂରୁଖ ମୁଁ ଖାଲି ଚଉଦିଗେ ଆଖି ଟାଳେଁ
କାହିଁ କାହିଁ ବୋଲି ଆକୁଳ ପରାଣେ
ମରେଁ ଦିନରାତି ଭାଳି ॥ ୨ ॥
ଲୁଚକାଳି ତୁମେ ଖେଳୁଥାଅ ଚିରକାଳ
ସୁଖ ପାଅ କି ହେ ଦେଖି ମୋ ନୟନ-ଜଳ
ଭିତର ଘରେ ମୋ ଲୁଚି ହସୁଥିବ
ପତିତ ଜନ ମୁଁ ବୋଲି ॥ ୩ ॥
କେବେ ନିମୀଳିତ ହେବ ମୋ ନୟନ
ବଧିର ହୋଇବ ଏ ବେନି ଶ୍ରବଣ
ମୋତେ ପାଶୋରି ମୁଁ ତୁମ୍ଭତୁଲେ ମିଶି
ରହିବ ଆପଣା ଭାଳି ॥ ୪ ॥
ତୁମେ ମୋର ଘରେ ମୁଁ ତୁମ୍ଭର ଘରେ
ରହିବି କେବେ ମୁଁ ବାସନା ମନରେ
ଶେଯ ବିଛାଇ ମୁଁ ପହୁଡ଼ାଇ ଦେବି
ପରାଣ-ରମଣ ବୋଲି ॥ ୫ ॥

# ପ୍ରତୀକ୍ଷା

ଚରଣତଳେ ଘେନ ପ୍ରଣତି ନାଥ !
ବିଜୟ କର ମନଚାରୀ ହେ
ଅନ୍ଧତମ ଘେରା ଏ କୁଟୀର ସାରା
ତମସା ଦିଅ ଅପସାରି ହେ ॥ ୦ ॥
ନବୀନ ପରଭାତ ଆଜି ସମାଗତ
ତୁମେ ତ ଉଜ୍ଜ୍ୱଳକାରୀ ହେ
ଆଲୋକିତ କର ଏ ମନ-ମନ୍ଦିର
ସେବକ ଜନ-ହିତକାରୀ ହେ ॥ ୧ ॥
କଞ୍ଜ ପଦ ତବ ପଖାଳି ଦେବୁ ଦେବ !
ଢାଳି ନୟନର ବାରି ହେ
ମନ-ସୁମନମାଳା ଗୁନ୍ଥି, ସାଜି ଡାଲା
ରହିଛୁ ପଥ ଅନୁସରି ହେ ॥ ୨ ॥
ଦିଅ ହେ ଦରଶନ ହୁଅ ହେ ପରସନ୍ନ
ଅଧୀର ମନ ହୁଏ ଘାରି ହେ
ହୃଦୟ-ମନ୍ଦିରେ ବସ ଦୟାନିଧି,
ସକଳ ତାପ ନିବାରି ହେ ॥ ୩ ॥
ତବ ବିହୁନେ ନାଥ ! ଏ ଜୀବନ ଅନାଥ
ଶୁଭ ମିଳନ ମନେ ଭାଳି ହେ
ଅପଲକ ନୟନ ଚାହିଁ ରହିଛି ପଥ
କରୁଣାକର ଦୁଃଖ-ହାରୀ ହେ ॥ ୪ ॥
ନାହିଁ ତ ଆନ ଧନ କେବଳ ଏ ଜୀବନ
ତବ ପୟରେ ଦେଲୁ ଢ଼ାଳି ହେ
କରୁଣା ନୋହୁ ଊଣା ମିନତି କର ଘେନା
ଏତିକି ମନର ଗୁହାରି ହେ ॥ ୫ ॥

# ପ୍ରତୀକ୍ଷା

ଚାହିଁ ରହିଛି ଚାହିଁ ରହିଛି, ସେ ଦିନକୁ ପୋଡ଼ା ଆଖି ॥ ୦ ॥

କେବେ ଦି' ଦିନିଆଁ ଏଇ ଦୁନିଆର
ଦୁଇ ନିଆଁ ଜଳା ତାତି
ସେହି ଶାନ୍ତିଦିଆ ସୁଧାଝରର ପଦ
ପରଶିବ ଦିନ ରାତି
ଯାବତ ବେଦନା ଗୋଟି ଗୋଟି କହି
ବୁକୁରେ ଧରିବି ଜାକି ॥ ୧ ॥

ପଳାଇଲେ ତୁମେ ଦୂରେ ଅପସରି
ପଛେ ପଛେ ଥିବି ଧାଇଁ
ମାୟାର ମୋହର ଛନ୍ଦ ଭରା ଜାଲ
ବନ୍ଧନ ଛିଣ୍ଡାଇ ଦେଇ;
ବାରି ସାରିଲିଣି ତୁମ ବିନେ ସବୁ
ଏ ଜଗତେ ଖାଲି ଫାଙ୍କି ॥ ୨ ॥

କେବେ ଆଉ ସତେ ଦାସ ପଣେ ମୋତେ
ନିଯୋଗ ମିଳିବ କହ ?
ଯାବତ ଜଞ୍ଜାଳ ଦୂରେ ଠେଲି ଦେଇ
ସେବୁଥିବି ଅହରହ
ସେଇ ଦିନ କେବେ ଆସିବ ଜୀବନେ
ରହିଛି ମୁଁ ତାକୁ ଟାକି ॥ ୩ ॥

# ପ୍ରତୀକ୍ଷା

ଚାହିଁ ରହିଛି ଏ ବେନି ନୟନ
କେବେ କହ ପ୍ରିୟ ! ଚରଣ କମଳ
ତଳରେ ଲଭିବି ଆସନ ॥ ୦ ॥

ଜାଗରେ, ସ୍ୱପନେ, ଜୀବନେ, ମରଣେ
ତୁମ ବିନା ନାହିଁ ଆନ
ରଜନୀ ଦିବସେ ନିମିଷେ ନିମିଷେ
ସେ ରୂପେ ଖୋଜେ ଏ ନୟନ
ତା'ର ଗୁଣ ମନର ଧିଆନ ॥ ୧ ॥

ଦୂର ମୁରଲୀର ସେ ମଧୁର ସ୍ୱର
ଭରିଦିଏ ଚିର କାନ
ସେ ତନୁ ମହକ ଜଗାଏ ପୁଲକ
ଜୀବନରେ ଅନୁଦିନ
ଜାଗେ ଅନୁପମ ଶିହରଣ ॥ ୨ ॥

ଆଶାରେ ଆଶାରେ ନିତିଦିନ ସାରେଁ
ନୀର ଝରେ ନିରନ୍ତରେ
ନିରାଶ ନକର ପ୍ରାଣଧନ ! ମୋର
ଜୁହାରି ଗୁହାରି କରେଁ
ଦିଅ ଅନାଥ ଜନେ ଶରଣ ॥ ୩ ॥

## ପ୍ରତୀକ୍ଷା

ଚାହିଁ ରହିଛି ହେ, କେବେ ଆସିବ ସେଦିନ
ଯେବେ ଦୟାନିଧି ଦୟାସାଗରର ଜଳେ ହେବି ନିମଗନ ॥ ୦ ॥

ହେବ ମାୟା ଅନ୍ଧକାର ଦୂର
ପଥ ଦିଶିବ ମୋତେ ଉଜ୍ଜ୍ୱଳ
ଛଅ ଭଗାରିଙ୍କି ଦୂରକୁ ହଟାଇ,
ତୁଟାଇ ଭବ ବନ୍ଧନ
ଗୁରୁ ନାମ ମାଳା ଗଳାରେ ଲମ୍ବାଇ
ଧାଇଁବି ହୋଇ ଅଜ୍ଞାନ ॥ ୧ ॥

ତୁମେ କରୁଣା ନକଲେ ନାହିଁ
ପାଦତଳେ ଠାବ ଦିଅ ସାଇଁ !
ସୁଖ, ଦୁଃଖ ଯାହା ସବୁ ତୁମ ଦାନ
ନ ପାସୋରୁ ମୋର ମନ
ବୁଡ଼ି ମରିବାକୁ ତବ ପଦ-ସୁରଧୂନିରେ
ହେଉ ମୋ ଧ୍ୟାନ ॥ ୨ ॥

# ଅଭିଳାଷ

ଟାକି ରହିଛିରେ ସେଦିନକୁ ପୋଡ଼ା ଆଖି
ପବିତ୍ର ହୋଇବ କେବେ ଶୁଭ ଯୋଗେ
ସେ ବେନି ଚରଣ ଦେଖି ॥ ୦ ॥

ସୁର, ନାଗ, ନର, ଚରାଚର
ଲୋଡ଼େ ହେରିବାକୁ ଯା' ପୟର
ନିଗମ ଭଜନ କରେ ଯୋଗୀଜନ
ଅନ୍ତରେ ଯା' ନାମ ସୁଧା ଚାଖି ॥ ୧ ॥

ଚଞ୍ଚଳ ଏ ଚିତ୍ତ ନିରନ୍ତର
କେବେ ସତେ ଆଉ ହେବ ଥିର
ସୁମରି ସେ ପଦ ମୁଦିଲେ ନୟନ
ଦେଖୁଥିବ କମଠାମ ଟିକି ॥ ୨ ॥

ମୂଳ ହେବ ମନେ ବଇରାଗ୍ୟ
ଛି ଛି କରିବି ମୁଁ ଭବଭୋଗ୍ୟ
ବାସନା କାମନା ତୁଚ୍ଛ କଳପନା
ଅପସରି ଯିବ ଶଙ୍କି ଶଙ୍କି ॥ ୩ ॥

ହୋଇବି ସବୁରି ଆପଣାର
ସରବେ ହୋଇବେ ପ୍ରିୟମୋର
'ଅହଂ' ଉଭାଇବ 'ସୋଽହଂ' ସାର ହେବ
ସେ ପଦେ ପରାଣ ଦେବି ବିକି ॥ ୪ ॥

# ପ୍ରତୀକ୍ଷା

ତୁମ ପଥ ଚାହିଁ ଚାହିଁ, ତୁମ ଗୁଣ ସଦା ଗାଇ
ମରମେ ମରମେ କଲବଲେ ମରେ ତୁମ ଦେଖା ପାଏ ନାହିଁ ॥ ୦ ॥

ପ୍ରଭାତେ ନିଶୀଥେ ଖୋଜେ ମୁଁ ଯେତେ, ମନକୁ ପଠାଇ ଦୃଷ୍ଟି ସହିତେ
ଖୋଜି ମରେ କେତେ ଦିଗରୁ ଦିଗନ୍ତେ ଦେଖଣା ଟିକକ ପାଇଁ ॥ ୧ ॥

ଅନ୍ତରେ ରହିଛ ଭାବଇ ଯେତେ, ଭିତରେ ନୟନ ଫେରାଏ ତେତେ
ହୃଦ ଦ୍ୱାର କିଳି ଦିଅ ଅରଗଳି, ଘୂରେ ମୁଁ ବାହାରେ ଥାଇ ॥ ୨ ॥

ତପ୍ତ ହୃଦୟର ଗୁପତ ବ୍ୟଥା ଶାନ୍ତ କରିବାକୁ ଦିପଦ କଥା
କହିଦେଇ ପାଖେ ଆଖି ପିଛୁଳାକେ ଲିଭିଯାଅ ଦୂରେ କାହିଁ ॥ ୩ ॥

ଶୁଣିବାକୁ କଥା ତୁମ କତିକି, ଯାଏ ଯେବେ ସ୍ଥିର କରି ଛାତିକି
ମୃଦୁ ହସ ହସି ଯାଅ କାହିଁ ଲୁଚି ଅଭିମାନେ ରହେ ଚାହିଁ ॥ ୪ ॥

ନିନ୍ଦା ଅପମାନ କରି ବରଣ ସାଦରେ କରିଛି ଅଙ୍ଗ ଭୂଷଣ
ଫଳ ସିନା ତା'ର ଚିତ୍ତ ସଂଶୋଧନ ସାଇତିଛି ସ୍ମୃତି ପାଇଁ ॥ ୫ ॥

ବିଚାରେ ମନରେ ତୁମେ ଅସୀମ ବିରାଜିଲେ ହୃଦେ ହୋଇ ସସୀମ
ନିଜତ୍ୱ ମିଳାଇ ଲୀନ ହୋନ୍ତି ତହିଁ ବୃଥା ଆଶା ପୂରେ ନାହିଁ
ଅନ୍ଧକାରେ ହୁଏ ବାଇ ॥ ୬ ॥

# ପ୍ରତୀକ୍ଷା

ଦରଶନ ଦିଅ ଦେବ ଦରଶନ ଦିଅ
ଅନୁଗତ ଜନ କୋଟି ପ୍ରଣିପାତ ନିଅ ॥ ୦ ॥

ଶ୍ରୀଚରଣେ ମଥା ମାରି
ଦିବସ ନିଶି ପାସୋରି
କର ଯୋଡ଼ି କରୁ ଅଳି
ଅଧମ ସେବକେ ମିଳି ॥ ୦ ॥

ଜାତି ବର୍ଣ୍ଣ ଭେଦାଭେଦ ମନ୍ଦ ବୁଦ୍ଧିଚୟ
ଦୂରେ ଯାଉ ଏ ମନରୁ ପାପ ହେଉ କ୍ଷୟ
ଭିକ୍ଷା ମାଗୁ ଅନୁଦିନ
କର କୃପା ବିତରଣ
ଲଭି ତୁମର ଶରଣ
ମାନବ ହେଉ ମହାନ ॥ ୧ ॥

କରୁଣା-ବାରି ବରଷ ଆହେ ପ୍ରେମମୟ !
ଆସ ହେ ଠାକୁର ଆସ ପରସନ୍ନ ହୁଅ
ଦୂର ହେଉ ହେ ଅଜ୍ଞାନ
ଜୀବନ ହେଉ ହେ ଧନ୍ୟ
ଗାଇ ତୁମ ଗୁଣ ଗାନ
ଭୁଲି ଶୟନ ସପନ ॥ ୩ ॥

# ପ୍ରତୀକ୍ଷା

ଦରଶନ ଦିଅ ପ୍ରଭୁ ! ଦରଶନ ଦିଅ
ଦୂରେ ଅପସରୁ ମନୁଁ ସବୁ ଦୁଃଖ ଭୟ ॥ ୦ ॥

ଡାକେ ଯେ ତୁମକୁ ମନେ
ଘୁମେ ଅବା ଜାଗରଣେ
ଡାକ ତୁମେ ପାଶେ ତାରେ ହୁଏ ସେତ ନିରିଭୟ ॥ ୧ ॥

ନ ଡାକଇ ଯେଉଁ ଜନ
ତାକୁ ତ ନ କର ଭିନ୍ନ
ତିନି ଭୁବନରେ ପରା ତୁମେ ଏକା ଦୟାମୟ ॥ ୨ ॥

ନିପଟ ଅଧମ ମୁହିଁ
ନାମ ଡାକି ଶିଖି ନାହିଁ
ତୁମେ ହେବ କି କଠୋର ମୋରେ ନ ହେବ ସଦୟ ॥ ୩ ॥

ଯାହା ଇଚ୍ଛା ତାହା କର
ଆୟତ୍ତ ନାହିଁ ମୋହର
ବିଶ୍ୱାସ ମାତର ମୋର ପଦେ ତବ ହେଉ ଥୟ ॥ ୪ ॥

# ପ୍ରତୀକ୍ଷା

ଦିବସ ନିଶି ଯେତେ ଖୋଜି ହେଲି
କାଙ୍ଗାଳ ଧନେ କାହିଁ ନପାଇଲି ॥ ୦ ॥

ଦେଖି ଯାଅତ ଥରେ ଅଛି ମୁଁ କି ଦୁଃଖରେ
ଦିନ ରାତି ତୁମକୁ ଝୁରିଝୁରି
ମୋହ ମାୟାରେ ଭୁଲି ତୁମକୁ ନପାଇଲି
ଦିନ କୁଟୀରେ ଆସ ଦୟାକରି ॥ ୧ ॥

ହୃଦୟ ପାପାନଳେ ଜଳି ପୋଡ଼ି ମୁଁ ମରେ
ଅନ୍ତର୍ଯ୍ୟାମୀ ନାମ କି ଗଲ ଭୁଲି
କାନ୍ଦି ତୁମକୁ ଝୁରେ ନାହିଁ ତ ବହୁ ଦୂରେ
ହୃଦୟ ସ୍ୱାମୀ ନ ଦେବ ପର କରି ॥ ୨ ॥

ଦେଖିବାକୁ ନ ପାଏ ଯେତେ ମୁଁ ଖୋଜି ହୁଏ
ଚୌଦିଗେ ସଦା କାହିଁ କାହିଁ ବୋଲି
ତୁମେ ତ ଦୟାମୟ ନ ହେବ ନିରିଦୟ
କ୍ଷମାସାଗର ନ ଦେବ ଦୂରେ ଠେଲି ॥ ୩ ॥

# ପ୍ରତୀକ୍ଷା

ଦେବତା ! ତୁମରି ଚରଣ ତଳରେ ମିନତି ମୋହର ଘେନ
ଜୀବନର ଗତି ପଥେ ମୋ ବରଷ ଶୁଭ ଫୁଲ ଚନ୍ଦନ ॥ ୦ ॥

ଜୀବନ ନଦୀର ତୀରେ
ନାଆ ବାହିନିଅ ଧୀରେ
ଆସ ହେ ନାଉରୀ ଅନ୍ଧାର ଭେଦି ଫୁଟାଅ ରବି କିରଣ ॥ ୧ ॥

ତୁଟୁ ଜୀବନର ଡର
ଚିର ନିରଳସ କର
ସେବାରେ ତୁମର ମନବୀଣା ମୋର ନିତି କରୁ ଗୁଞ୍ଜନ ॥ ୨ ॥

ଘୁଞ୍ଚୁ ଯେତେ ବିକାର
ଅପସରୁ ଅହଂକାର
ଆସ ପ୍ରିୟତମ ଜୀବନର ଧନ କୋଟି ପ୍ରଣତି ମୋ ଘେନ ॥ ୩ ॥

# ପ୍ରତୀକ୍ଷା

ଦେବ ! ରହିଅଛ କାହିଁ, କେଉଁ ଅଜଣା ଲୋକରେ ଯାଇ;
କାଳର ଅନନ୍ତ ସ୍ରୋତେ ଭାସି ଭାସି ଥଳ କୂଳ ପାଉ ନାହିଁ ॥ ୦ ॥

ଛାୟା ପଛେ ନିତି ଚାଲି ସପନ କେତେ ଦେଖିଲି
ରୂପ ଦେବି ବୋଲି ସୁନା କଳପନା
ଦେଖୁ ଦେଖୁ ହେଲା ଛାଇ ॥ ୧ ॥

ଥିଲ ମୋର ଧ୍ରୁବ ତାରା ବରିଲି କାମନା କାରା
କେତେ ଦିନେ ଲକ୍ଷ୍ୟ ତାରା ଖୋଜି ଦେଖେଁ
ଢାଙ୍କି ଅଛି ମେଘ ଛାଇ ॥ ୨ ॥

ଦଶ ଦିଗ ଅନ୍ଧକାର ପ୍ରଳୟ ଛାଡ଼େ ହୁଙ୍କାର
ଦେଖିଲି ସହସା ଫୁଟେ ଜ୍ୟୋତିରେଖା
ପୁଲକେ ବିସ୍ମୟେ ଚାହିଁ ॥ ୩ ॥

ଦିଶିଲା ଅଳପ ବାଟ ଉଭେଇଲା ଛାୟାହାଟ
ସ୍ୱରୂପ ସପନେ ଫିଟିଲା ନୟନ
ବିସ୍ମୃତି ସେପାରେ ଯାଇ ॥ ୪ ॥

ଭାଳେଁ କ୍ଷୁଦ୍ର ଦୃଷ୍ଟି ନେଇ, ଦେଖିବି ପରିଧି ଡେଇଁ
ହୃଦୟେ ହୃଦୟେ ବିରାଜିତ କେନ୍ଦ୍ର,
ପରିଧି ତାହାର ନାହିଁ ॥ ୫ ॥

ଘୋଟିଲେ ହେଁ ନିଶାରାତି, କେନ୍ଦ୍ରେ କେନ୍ଦ୍ରେ ରାଜେ ଜ୍ୟୋତି
ନେତ୍ର ଅନ୍ତରାଳେ କେତେ ଲୀଳା ଚାଲେ
ତୃଷିତ ହେଲା ଆଶାୟୀ ॥ ୬ ॥

ଦେଇଗଲ ଆଶାବାଣୀ ନ ପାରିଲି ତତ୍ତ୍ୱ ଜାଣି
ହୃଦୟ-କନ୍ଦରେ ଫୁଟିବ ଅଚିରେ
ଲୀଳା ପ୍ରକଟନ ପାଇଁ ॥ ୭ ॥

ବିଚିତ୍ର ଶ୍ରୀମୁଖ ଭାଷ ବିପୁଳ ତାର ପ୍ରକାଶ
ହତାଶ ପରାଣେ ବରଷେ ଆଶିଷ
ଆଲୋକ ପଥ ଫୁଟାଇ ॥ ୮ ॥

ସଫଳ ଆଜି ସେ ବାଣୀ ତ୍ରିଦିବ ଜାହ୍ନବୀ ଆଣି
ଅମୃତ ପ୍ରବାହ ଦେଇଛ ବୁହାଇ
ଅମର ରାଗିଣୀ ଗାଇ ॥ ୯ ॥

# ପ୍ରତୀକ୍ଷା

ଧନ ଜନ ମାଗୁ ନାହିଁ
ଖାଲି ଦୁଆର ଦିଅ ଫିଟାଇ ମା' ॥ ୦ ॥

ପଶି ତୋ ଦେଉଳେ ବସି ଏକାନ୍ତରେ ପୂଜିବି ମନର ଦିଅଁ
ମନ ଫୁଲ ହାର ଭେଟି ଚରଣରେ କହିବି ଶରଣ ଦିଅ
ସବୁ ଜଗତ ମାୟା ତୁଟାଇ ମା' ॥ ୧ ॥

ଅଜଣା ମୋହର ମନ୍ତର ତନ୍ତର ନ ଜାଣଇ ପୂଜାବିଧି
ମାଗିବି ମୁଁ ଖାଲି ଦୁଇ ହାତ ମେଲି ଦିଅ ମୋତେ ଶୁଭ ବୁଦ୍ଧି
କାଳ, ବିତିଯାଉ ନାମ ଗାଇ ମା' ॥ ୨ ॥

ଦେବ ଋଷି କେହି ଅନ୍ତ ପାଏ ନାହିଁ ଶୁଣିଛି ଏ ମୋର କାନ
ମୁଁ ଛାର ତାହାର ସେବାକୁ ପାତର ହେବି ବୋଲି କରେ ମନ
ମୋର, ସେ ଶକତି ଅବା କାହିଁ ମା' ॥ ୩ ॥

ଅଧମ ଅଜାଣ ଅତି ମୂଢ଼ ଜନ ପ୍ରେମ ଭକତି ବା କାହିଁ ?
ପଦ ଧରି କ୍ଷମା ମାଗିବାର ଜମା ଅଧିକାର ମୋର ନାହିଁ
ପଦେ କହିବି ମଥା ନୁଆଁଇ ମା' ॥ ୪ ॥

# ପ୍ରତୀକ୍ଷା

ଧନ ମାଗୁ ନାହିଁ ଜନ ମାଗୁ ନାହିଁ
ଏତିକି ମନର ଆଶ
ମନ ଆସନରେ ବିଜେ କର ନାଥ !
ସେବା ମୋର ଅଭିଳାଷ ॥ ୦ ॥

ଧିଆନରେ ଚିର ତବ ମୂରତିର
ଦରଶନ ମିଳୁ ମୋତେ ହେ ଠାକୁର !
କମଳ କୋମଳ ଚରଣ ଯୁଗଳ
କରୁ ମୋ କର ପରଶ ॥ ୧ ॥

ଅଦରଶନରେ ତବ ରୂପ ଛାଇ
ନୀର ତ ନୟନୁ ନିରତ ଝରଇ
ଜୀବର ଜୀବନ ଦିଅ ଦରଶନ
ନକର ମୋରେ ନିରାଶ ॥ ୨ ॥

ଭକତି ପୀରତି କିଛି ନ ଜାଣଇ
ଚଞ୍ଚଳ ମୋ' ମତି, ଲବେ ସ୍ଥିର ନାହିଁ
ଅଧିକ ନହେଲେ ଦିନାନ୍ତରେ ଥରେ
ଧିଆନ ନୟନେ ଆସ ॥ ୩ ॥

# ନିବେଦନ

ନାଥ ମନର ବାସନା ମୋର
ଆଜି ଶୁଭକ୍ଷଣେ ପୂଜନ କରିବି
ଚରଣ ଯୁଗ ତୁମର ॥ ୦ ॥

ହୃଦୟ କବାଟ ମୁକୁଳା ରଖିଛି
ମନ ମନ୍ଦିରରେ ଆସନ ପାତିଛି
ବୋଲି ଦେବି ଅଙ୍ଗେ ଚନ୍ଦନ ଗୋଳିଛି
ଦୟାମୟ ବିଜେକର ॥ ୧ ॥

ପଖାଳବି ବୋଲି ଚରଣ ଯୁଗଳ
ଭରି ରଖିଛି ମୁଁ ନୟନରେ ଜଳ
ଗଳେ ଘେନାଇବି ବୋଲି ଗୁନ୍ଥିଛି ମୁଁ
ଭକତି ସୁମନ ହାର ॥ ୨ ॥

ଦୀନବନ୍ଧୁ ବୋଲି ଘୋଷେ ଚରାଚର
ଏ ଦୀନ ଅଧମ ମାଗେ ଯୋଡ଼ିକର
କରୁଣା ସାଗର, ବିଜେକର ଆଜି
ସେବା ମୋର ଘେନାକର ॥ ୩ ॥

# ପ୍ରତୀକ୍ଷା

ନିଖିଳ ଭୁବନ ଅନ୍ଧାର ଘେରା
ନିଦ୍ରା ମଗନ ଭବ ଜୀବସାରା
ସେତିକି ବେଳରେ କିଏ
ବୀଣା ତାରେ ମୋର ଝଙ୍କାର ଆସି ଦିଏ ? ॥ ୧ ॥

ଘୁମ ଭାଙ୍ଗିଗଲା ଚମକି ଉଠିଲି
ଆଖି ମେଲି ଚଉଦିଗେ ଅନାଇଲି
ତାର ଦରଶନ ଆଶେ
କାହିଁ କାହିଁ ବୋଲି ଖୋଜି ହେଲି ଚଉପାଶେ ॥ ୨ ॥

ଗୁଞ୍ଜରଣରେ କାନ ଗଲା ଭରି
ହୃଦୟେ ଉଠିଲା ଆକୁଳତା ପୂରି
ଭେଟ ତ ପାଇଲି ନାହିଁ
ଆଶାରେ ଆଶାରେ ନୀରଧାର ଗଲା ବହି ॥ ୩ ॥

ଭେଟ ହେଲେ ସେହି ପ୍ରାଣର ଠାକୁର
ଚିର ଅମାୟିତ ମାନସ ମୋହର
ଦିଅନ୍ତି ଗଳେ ଲମ୍ବାଇ
ପ୍ରେମ ଭକତିରେ ଗୁନ୍ଥା ମାଳାଟି ନେଇ ॥ ୪ ॥

୨୦/୩/

# ପ୍ରତୀକ୍ଷା

ନିରବଧି ତନୁ ମାଜି ବସନ ଭୂଷଣ ସାଜି
ପରାଣ ଧନର ପଥ ଚାହିଁ
କିବା ଦିବା କିବା ନିଶି ଜାଗି ମୁଁ ରହିଛି ବସି
ସେଇ ଶୁଭ ଲଗନ ମନାଇଁ ॥ ୦ ॥

ସଧୀର ସମୀରେ ଭାସି ଦୂତିକା ସଜନୀ ଆସି
କାନେ କାନେ ଗୋପନେ ଭାଷଇ
ଆସୁଛନ୍ତି ପ୍ରାଣପ୍ରିୟ ଆସନ ସଜାଡ଼ି ଥାଅ
ଆଣିବୁ ତୁ ଦୁଆର ମଣାଇ ॥ ୧ ॥

ଅରଚନା ବିଧିମାନ ବାକି ଥିଲେ ଆୟୋଜନ
ଲାଜ କଥା ମଥା ଯିବ ନଇଁ
ତିନି ଜଗତର ସାର ସୁନ୍ଦର
ସେ ଯେ ନାଗର ବର
ସେ ନାଗର ମୋର
ସୁନ୍ଦର କରି ସାଜି ବେଶଭୂଷା
ଭୁଲାଇବି ସତେ ମନଟି ତା'ର
ସେ ନାଗର ବର
ମନ୍ଦ ହସି ଚାହିଁବେ ମଧୁବାଣୀ ଭାଷିବେ
ଚରଣ ପୂଜିବି ଗୁଣ ଗାଇ
ସଫଳ ହେବ ହେ ମରଦେହୀ ॥ ୩ ॥

# ପ୍ରତୀକ୍ଷା

ନୀରବ ନିଥର ଦେଉଳ ଦୁଆର
ଫେରିଆସ ଆସ ଫେରି
ଏକା ଏକା ତହିଁ ଦେବତା ବିରାଜେ
ଆସ ମଥାନତ କରି ॥ ୦ ॥

ସୁଖ ସୁଖ ବୋଲି ଦିବା ନିଶି ଝୁରୁ
ସୁଖ ଆସେ ମିଛେ ଦୂରେ ଦୂରେ ଘୂରୁ
ବିଅର୍ଥେ ବେଦନା ଯାତନା ବରୁତୁ
ଫେରିଆସ ଆସ ଫେରି ॥ ୧ ॥

ଗୁନ୍ଥୁ ବସି ତୋର ମନଫୁଲ ହାର
ଖୋଲରେ କିଳିଣି ମେଲାଅ ଅନ୍ତର
ନିରେଖ ନିରେଖ ଅରୂପ ଅରେଖ
ଫେରିଆସ, ଆସ ଫେରି ॥ ୨ ॥

ଉଲ୍ଲସି ଉଠିବ ପ୍ରାଣ ମନ ତୋର
ପ୍ରେମ ସୁଧା ପିଇ ହେବୁରେ ବିଭୋର
ମଧୁ ମୁରଲୀର ସୁର ଶୁଣିବୁରେ
ଫେରିଆସ ଆସ ଫେରି ॥ ୪ ॥

# ପ୍ରତୀକ୍ଷା

ନିରତ ମନନ ଖୋଜେ ସେ ରତନ,  ପରାଣ ଆକୁଳ ମୋର
ଭେଟାଇବ କିଏ ସେହି ଅପରୂପ ରୂପ ଚିର ମନୋହର   ॥ ୦ ॥

କିବା ଦାମିନୀ ଦୋଳେ
ଚଳ-ଚଞ୍ଚଳ ବାଦଲ କୋଳେ
ସେଇ ଛବି, ସେଇ ମୂରତି ଚମକେ
ଅଗଣନ ତାରା ମେଳେ
ଚାହିଁଛି ଚିତ୍ତ ଚକୋର
ସାରା ଜଗତର ଧିଆନୀ, ମଉନୀ
କଳପନା ମାନେ ହାର   ॥ ୧ ॥

ସେଇ ଦୁର୍ଲ୍ଲଭ ଧନ
ଖୋଜି ବୁଲେଁ ଅନୁଦିନ
ପ୍ରେମ ବିନେ ସେଇ, ପ୍ରେମ ଛବି କାହିଁ
ପରଶିବ ମନ-ତଳ
ନିଶି ଦିନ ଝୁରେ, ଦରଶନ ତାର
ଢାଳି ନୟନରୁ ଧାର   ॥ ୨ ॥

# ପ୍ରତୀକ୍ଷା

ନିତ୍ୟ ନବ ଭାବେ ତବ ପୂଜିବି ଚରଣ
ନବ ରୂପ ଦେଖି ଧନ୍ୟ କରିବି ନୟନ
ନବୋଦ୍ୟମେ ନବ ପ୍ରେମେ କରି ଉଦ୍‌ବୋଧନ
ନବ ଆରାଧନା ଧନେ ହୋଇବି ମଗନ
ହୋଇବି ମଗନ– ଅଭିନବ ତନୁ ନିରେଖିଣ
ନବ ଭାବେ ପୂଜି ଶ୍ରୀଚରଣ
ନବ ପ୍ରେମେ କରି ଉଦ୍‌ବୋଧନ ॥ ୧ ॥
ଯାଚିବି ତୁମରି ଦ୍ୱାରେ ନବରତ୍ନ ଧନ
ନବ ନବ ଗୀତିମାଳା କରିବି ଅର୍ପଣ
ତୁମେ ମୋ ଆଚାର୍ଯ୍ୟ ଦେବ ଗୁରୁ ନିରଞ୍ଜନ
ହୃଦୟ ବେଦୀ ଉପରେ ହୁଅ ସମାସୀନ
ହୁଅ ସମାସୀନ– ଅରପୁଛି ହୃଦୟ ଆସନ
ତୁମେ ମୋ ଆଚାର୍ଯ୍ୟ ପ୍ରାଣଧନ
ଶୁଣାଇବି ନବ ଗୀତିମାନ
ଅରପିବି ଭକତି ରତନ ॥ ୨ ॥
ସକଳ ତୁମରି ନାଥ ହେ ମୋ ପ୍ରାଣଧନ
କିଦେଇ ପୂଜିବି ଦେବ ! ତବ ଶ୍ରୀଚରଣ ?
ଗଙ୍ଗାଜଳେ ଗଙ୍ଗାପୂଜା ହୁଅଇ ଯେସନ
ନିଜ ମୁଖେ ନିଜ ମନ୍ତ୍ର କର ଉଚ୍ଚାରଣ
କର ଉଚ୍ଚାରଣ– ନିଜର ଶ୍ରୀମୁଖେ ନିଜ ନାମ
ତବ ପୂଜା ଦ୍ରବ୍ୟମାନ ସବୁ ତୁମରି ଭିଆଣ
ଅରପୁଛି ମନ ପ୍ରାଣ ପ୍ରଣତି ତବ ଚରଣ ॥ ୩ ॥

# ପ୍ରତୀକ୍ଷା

ନୂତନ ପ୍ରଭାତେ ନୂତନ ହୃଦୟେ ପୂଜିବି ନବୀନ ପ୍ରାଣଧନ
ନୂତନ ନୂତନ ଭକତି ସୁମନ, କରିବି ଶ୍ରୀପଦେ ଅରପଣ
ଜାଗେ ପ୍ରାଣେ ଆଜି
କେତେ ଅଭିନବ ଆଶା ରାଜି ॥ ୧ ॥

ନବୀନ ଅନ୍ତରୁ ନବୀନ ଭାଷାର ସଙ୍ଗୀତ ଝଙ୍କାର ପଡ଼େ ଝରି
ନବୀନ ସେ କେଉଁ ଗୋପନ ରାଇଜୁଁ ତରୁଣ ବନ୍ଧୁ ସୋହାଗ ଧରି
ଦଶ ଦିଶ ଧରି
ପ୍ରେମାଲୋକେ ଆଲୋକିତ କରି ॥ ୨ ॥

ନବୀନ ଲଗନେ ବନ୍ଧୁ ଶ୍ରୀଚରଣେ ପ୍ରେମ ଆଶୀର୍ବାଦ କରେ ଭିକ୍ଷା
ସେହି ପ୍ରେମେ ତାର ବିଶ୍ୱ ପରିବାର ସେବିବି ମାଗୁଛି ଏହି ଦୀକ୍ଷା
ବିଶ୍ୱ ସେବା କରି
ବାହି ନେବି ମୋର ଦେହ ତରୀ ॥ ୩ ॥

ମନ୍ତ୍ରର ସାଧନ କରିବାରେ ମନ ଥିଲେ ଥାଉ ଅବା ଯାଉ ପ୍ରାଣ
ମନ୍ତ୍ର ସାଧନେ ବା ଶରୀର ପତନେ କରମର ହେଉ ଅବସାନ
'ଜୟଗୁରୁ' ନାମ
କରୁ ସଦା ବରାଭୟ ଦାନ ॥ ୪ ॥

# ପ୍ରତୀକ୍ଷା

ପଖାଳିବି ବୋଲି ଚରଣ ଯୁଗଳ ମନରେ ଆଶା ମୁଁ କରି
ସାଇତି ରଖିଛି ଅତି ଯତନରେ ବେନି ନୟନର ବାରି
ହେ ଠାକୁର ! ପାଶରୁ ନହୁଅ ଦୂର
ଆଜି ଶୁଭ ଦିନେ ଶୁଭ ଲଗନରେ ଏତିକି କରୁଣା କର ॥ ୧ ॥

ପ୍ରୀତି ଚନ୍ଦନ ମୁଁ ଘୋରି ରଖିଅଛି ଶ୍ରୀଅଙ୍ଗେ ଲେପିବାପାଇଁ
ଆହୁରି ରଖିଛି ମନଫୁଲେ ମୋର ଗୁନ୍ଥାହାରକୁ ସଜାଇ
ହେ ଦେବତା ! ନିବେଦୁଛି ମନ କଥା
ହୃଦୟ ଆସନେ ଆସି ବସ ମୁହିଁ ପୂଜିବି ନୁଆଁଇ ମଥା ॥ ୨ ॥

ଏ ମନର ଚିର ପିଆସ ମୋହର ହର ଦେଇ କୃପା ବାରି
ତିନି ଜଗତର ଆଶ ପୂରାଇବ ଆନ କିଏ ତୁମ ସରି
ହେ ଠାକୁର ! ମିନତି ମୋ ଘେନା କର
ଯେତେ ଅପରାଧ କ୍ଷମାକରି ଶିରେ ପଦରଜ ଢାଳ ମୋର ॥ ୩ ॥

## ଆରତି ପ୍ରତୀକ୍ଷା

ପ୍ରଭାତୀ ଆରତି କଲାଣି ପ୍ରକୃତି ନିଭୃତ ନିକୁଞ୍ଜ କାନନରେ
ହେ ଭକ୍ତ ସକଳ ଜାଗି ଉଠ ବୋଲ ଜୟଗୁରୁ ଜୟ ଭକ୍ତିଭରେ ॥ ୦ ॥

ବିଭିନ୍ନ ଫୁଲର ବନ ଫୁଲମାଳ ଶ୍ରୀଗୁରୁ ଶ୍ରୀ ଅଙ୍ଗେ ଶୋହେ ଝଲମଲ
ଅଳି ଗୁଣୁଗୁଣୁ ଶବ୍ଦେ ଚତୁର୍ଦ୍ଦିଗ ଝଙ୍କାରେ ଓଁକାର ପଞ୍ଚମରେ ॥ ୧॥

ତରୁଲତାଗଣ କରି ପ୍ରାତଃସ୍ନାନ ଶିଶିର କଣିକା ସର୍ବାଙ୍ଗେ ଲେପିଣ
ଉଭାହୋଇ ସର୍ବେ କରନ୍ତି ପ୍ରଣାମ ଗାଇ 'ଜୟଗୁରୁ' ନତଶିରେ ॥ ୨ ॥

ଭାବରେ ବିଭୋର ହୋଇ ସମୀରଣ ମୃଦୁ ମନ୍ଦେ ଥରି କରେ ସଞ୍ଚରଣ
ଲତା ପତ୍ର ପୁଷ୍ପେ ଦେଇ ଆଲିଙ୍ଗନ ଗାଏ 'ଜୟଗୁରୁ' ମୃଦୁ ସ୍ୱରେ ॥ ୩ ॥

ଦେବକନ୍ୟା ଉଷା ଦେଖି ସେହି ଠାଣି, ଧୀରେ ଲାଜେ ଖୋଲି ମୁଖରୁ ଓଢ଼ଣୀ
ପୂରୁବ ଗଗନେ ଅରୁଣିମା ଛଟା ଗାଏ 'ଜୟଗୁରୁ' ସୁମଧୁର ସ୍ୱରେ ॥ ୪ ॥

ନିଦ୍ରା ତେଜି ଏବେ ବିହଙ୍ଗମ କୁଳ ଶୁଣି ଚତୁର୍ଦ୍ଦିଗେ 'ଜୟଗୁରୁ' ରୋଳ
ବେଗେ ବେଗେ ତେଜି ନିଜ ନୀଡ଼ ତରୁ ରଟିଲେଣି ଜୟ ଆନନ୍ଦରେ ॥ ୫ ॥

ସ୍ନାନକରି ଗୁରୁନାମ ଗଙ୍ଗାଜଳେ ଗୁରୁପାଦୋଦକ ପାଇବା ସକଳେ
ପ୍ରେମସିନ୍ଧୁ ନୀରେ ଭାସି ଧୀରେଧୀରେ ଚଳିଯିବା ନିତ୍ୟ ଭୁବନରେ ॥ ୬ ॥

ଗାଇ ସୁଲଳିତ ପ୍ରଭାତୀ ସଂଗୀତ ଦେବତା ମାନବ ସର୍ବେ ଉନମତ୍ତ
ଏ ଜଡ଼ ଜଗତ ପଲକେ ଉଛତ ସଂଜୀବିତ ନବ ଜୀବନରେ ॥ ୭ ॥

ପାଷାଣ ତରଲେ ଗୁରୁନାମ ବଳେ ଲଭନ୍ତି ଶକତି ଦୁର୍ବଳେ ସବଳେ
ପ୍ରୀତି ଲତାକୁଞ୍ଜେ ପ୍ରେମଫଳ ଫଳେ ସୁପ୍ତି ଜାଗରଣେ ସ୍ୱପନରେ ॥ ୮ ॥

ଅନାଥର ନାଥ ଶରଣବତ୍ସଳ ଜୀବନେ ମରଣେ ଶ୍ରୀଗୁରୁ ସମ୍ବଳ
ଗୁରୁ ଅନ୍ନ ଜଳ ଗୁରୁ ବନ୍ଧୁ ବଳ ମଜ ଗୁରୁ କଞ୍ଜ ଚରଣରେ ॥ ୯ ॥

ଗୁରୁ ନାମ ବିନା କେ'ବା କରେ ପାର ଦୁସ୍ତର ଘୋର ଭବ-ପାରାବାର
ଆଜ୍ଞା ଅନୁସର ତାଙ୍କ କାର୍ଯ୍ୟକର 'ଜୟଗୁରୁ' ଗାଇ ବଦନରେ ॥ ୧୦ ॥

ମଙ୍ଗଳ ଉତ୍ସବେ ମଙ୍ଗଳ ଦୀପାଳି ଭାଇ ଭଗ୍ନୀ ମିଳି ଆରତ୍ରିକ ଜାଳି
ପ୍ରଣମି ଗୁରୁଙ୍କ କମଳ ଚରଣେ ଗାଅ ଜୟଗୁରୁ ହରଷରେ ॥ ୧୧ ॥

# ପ୍ରତୀକ୍ଷା

ପ୍ରିୟତମ ହେ ! ଆଖିର ଅଦେଖା ମୋର
ପ୍ରେମରେ ପାଗଳ ପରା ମୁଁ ନାମ ଶୁଣି ମାତର ॥ ୦ ॥

ମୋର ମୋର ବୋଲି କହେ ମୁଁ ଯାହା
ସଁପି ଦେଇଛି ତ ଚରଣେ ତାହା
ମାୟା-ନିଶି ଅଧେ ଘୋର ଘୁମ ଭାଙ୍ଗି
ସଜାଇଛି ଶେଯ ତୁମର ॥ ୧ ॥

ଉପବନେ ଯାଇ ନାହିଁ ମୁଁ ବୁଲି
ମନ ସୁମନରେ ଗୁନ୍ଥିଛି ମାଳି
ଭକତି ପେଡ଼ିରେ ସୋହାଗ ଚନ୍ଦନ
ଘୋରି ରଖିଛି ମୁଁ ନାଗର ॥ ୨ ॥

କୁଡ଼ିଆ ଦୁଆର ମୁକୁଳା କରି
ଲୁହ ଧାରେ ଘିଅ ଦୀପାଳି ଜାଳି
ଆତୁଆଳ କରି ବାଆ ବତାସିକୁ
ତୁମ ବାଟ ଚାହିଁ କାତର ॥ ୩ ॥

# ପ୍ରତୀକ୍ଷା

ପ୍ରେମର ଠାକୁର !

ମନ ବୃନ୍ଦାବନେ ବିଜେ କର ହେ

ହେରିବି ହୃଦୟ ଭରି ରାଧା ତୁଲେ ବେଣୁଧାରୀ

ଛାର ଏ ନୟନ ହେବ ସାର ॥ ୦ ॥

ପ୍ରେମେ ପୁଲକିତ ହୋଇ ଯୁଗଳେ ପୂଜିବି ମୁହିଁ

ଦୂର ହେବ ମନର ଅନ୍ଧାର

ପୂରିବ ମନ ବାସନା ସାର୍ଥକ ହେବ କାମନା

ନାମ ରଟୁଥିବ ମନ ମୋର ॥ ୧ ॥

ପଦେ ପଦ ଛନ୍ଦି ଦେଇ ନାଚ ତିନି ଭଙ୍ଗୀ ହୋଇ

କାନେ ଶୁଣୁ ଥିବ ବେଣୁ ସ୍ୱର

ସବୁ ଗରବ ଗୁମାନ ପଲକେ ହେବ ବିଲୀନ

ଝରିବ ହୃଦୟେ ପ୍ରେମ ଧାର ॥ ୨ ॥

ତୁମେ ହେ କରୁଣାକର ଅପାର ଦୟା ସାଗର

ଧୋଇ ଦିଅ ମାୟା ମୋହ ଘୋର

ତୁମ ଚରଣେ ଶରଣ ମାଗୁଅଛି ଅକିଞ୍ଚନ

ଦାସ ହୋଇ ସେବିବି ପୟର ॥ ୩ ॥

## ପ୍ରତୀକ୍ଷା

ପ୍ରାଣ ଠାକୁର ! ସେହି ରୂପେ ଦିଅ ଦର୍ଶନ
ଯା' ଦର୍ଶନେ ମୃତ ପ୍ରାଣେ ସଞ୍ଚରେ ନବ ଜୀବନ ॥ ୦ ॥

ଯା' ଦେଖି ଭକ୍ତ ହୃଦୟ ପ୍ରେମେ ହୋଇଣ ତନ୍ମୟ
ଶ୍ରୀପଦ ପଙ୍କଜେ ପ୍ରାଣ ସମର୍ପିବ ଚିରଦିନ ॥ ୧ ॥

ଅବାରିତ ଅଶ୍ରୁଧାର ରଚିବ ପ୍ରେମ ସାଗର
ସ୍ୱରୂପ ମାଧୁରୀ ଦେଖି ବିମୋହିତ ହେବ ମନ ॥ ୨ ॥

ଘୁଞ୍ଚିବ ସର୍ବ ସଂଶୟ ଦୂରେ ଯିବ ପାପ ଭୟ
ନିର୍ମଳ ହେବ ହୃଦୟ ଧନ୍ୟ ହୋଇବ ଜୀବନ ॥ ୩ ॥

ଲାଜ ଭୟ ତେଜି ଦୂରେ ନାଚିବି ଆନନ୍ଦ ଭରେ
ଗାଇବି ମୁଁ ଉଚ୍ଚ ସ୍ୱରେ ତବ ନାମ ଜୟଗାନ ॥ ୪ ॥

ଶ୍ରୀପଦେ କରୁଛି ଅଳି ଦେଇ ଭକ୍ତି ପୁଷ୍ପାଞ୍ଜଳି
ଚରଣ ସେବକ କରି ରଖ ମୋତେ ଚିରଦିନ ॥ ୫ ॥

# ପ୍ରତୀକ୍ଷା

ପ୍ରେମ କଳପତରୁ ଚରଣେ ପ୍ରଣମେ ଗୁରୁ
ତୁମେ ଏକା ଜଗତର ନାହା
ତରୁଣ ଅରୁଣ ଶୋଭା ଭୁବନ ମାନସ ଲୋଭା
ଅଧମ ଜନର ତୁମେ ସାହା ॥ ୦ ॥

ବିଜେ କର ବିଜେ କର
କର, ଅଜ୍ଞାନ ତମସା ଦୂର
ତୃଷିତ ତାପିତ ହୃଦୟ ସତତ
ଦୁଃଖେ ଜଳି କର ଆହା
ନର ନାରାୟଣ ପୁରୁଷ ମହାନ
କରୁଣା-ବାରିଧି ବୁହା ॥ ୧ ॥

ଯୁଗେ ଯୁଗେ ଅବତରି
ତୁମେ, ପାପ ତାପ ନିଅ ହରି
ଅଭୟ ଚରଣେ ଶରଣ ଦିଅ ହେ !
ଦେବରଷି ଲୋଡ଼େ ଯାହା
ଅନ୍ତିମରେ ତବ ପଦରେଣୁ ତୁଲେ
ମିଶୁ ଏ ଜୀବନ ରାହା ॥ ୨ ॥

# ଅଭିଳାଷ

ବହୁ ଭାଗ୍ୟ ଫଳେ ଯେବେ ଦେଇଗଲ ଦେଖା
ଶାଶ୍ୱତୀ ଚାହାଣୀ ତବ ହେଲା ହୃଦେ ଲେଖା
ଦେବ ହେ ! ଦରଶନ ପାଇଁ
ସେହିଦିନୁ ଆକୁଳରେ ଅଛି କେତେ ଚାହିଁ ॥ ୧ ॥

ସଂସାରର ବିଭୀଷିକା ଆସେ ଗୋଟି ଗୋଟି
ଗୁରୁଭାରେ ଜାଗେ ପ୍ରାଣେ ବ୍ୟଥା ଶତ କୋଟି
ଦେବ ହେ ! ଦରଶନ ପାଇଁ
ରହେ ସେହି କାଳେ ଆର୍ତ୍ତ ଆଶା ଭରେ ଚାହିଁ ॥ ୨ ॥

ଅନ୍ତର ବେଦନା ନିବେଦିବି କାହା ଆଗେ
ଦେବ ନାହିଁ ଯେବେ ଦେଖା ନିଜେ ଅନୁରାଗେ
ଦେବ ହେ ! ଦରଶନ ପାଇଁ,
ବ୍ୟଥା ଭରେ ଆଶା ପଥେ ରହିଥିବି ଚାହିଁ । । ୩ ॥

ଦୀନଜନ ସହ ଦିନ କଟାଇବା ଆଶେ
ଦୀନଙ୍କ ଠାକୁର ! ଦୀନେ ନେଇଥିଲ ପାଶେ
ଦେବ ହେ ! ତବ ଦୟା ପାଇଁ,
ଆକୁଳ ପରାଣେ ସେହି କାଳୁ ଅଛି ଚାହିଁ ॥ ୪ ॥

ମୁହିଁ ସିନା ଦୀନ ତୁମେ ରାଜରାଜେଶ୍ୱର
ବିତରିଲେ ଯେତେ ସରିବ କି ଗନ୍ତାଘର
ଦେବ ହେ ! ଦରଶନ ପାଇଁ,
ବାନ୍ଧିଅଛି ଆଶା ଆଉ କିଛି ଲୋଡ଼େ ନାହିଁ ॥ ୫ ॥

ଦିନୁ ଦିନୁ ପ୍ରାଣ ରସ ଯାଏ ଅପସରି
ବିନ୍ଦୁ ଦାନେ କୃପାସିନ୍ଧୁ ଯିବ କି ହେ ସରି ?
ଦେବ ହେ ! କଣିକାଏ ପାଇଁ,
କାନ୍ଦଣା-କାତର ପ୍ରାଣ ସଦା ଅଛି ଚାହିଁ ॥ ୬ ॥

ଅନୁତାପ ଅଶାନ୍ତିରେ ଗୁନ୍ଥା ଫୁଲ ହାର
ଅଶ୍ରୁ ଜଳେ ଅଛି ଧୋଇ ଦେବି ଉପହାର
ଦେବ ହେ ! ଘେନ ଅବା ନାହିଁ,
ପ୍ରାଣର ଏ ସତ୍ୟ ଅନାଦରେ ଯିବ କାହିଁ ? ॥ ୭ ॥

ନ ଯିବି ହେ ତୁମ ପଥ ଛାଡ଼ି ଆନ ଦ୍ୱାରେ
ବାହି ନେବି ଭଙ୍ଗା ତରୀ ଭବ ପାରାବାରେ
କାଣ୍ଡାରୀ ହେ ! ତବ ଆଶ୍ରା ପାଇଁ,
ଭାସୁଥିବି ଭବାର୍ଣ୍ଣବେ ସଦା ପଥ ଚାହିଁ ॥ ୮ ॥

ଆନନ୍ଦରୁ ଆନନ୍ଦକୁ ନେଇ ଚାଲ ମୋତେ
କରୁଣାର ମନ୍ଦାକିନୀ ବହୁ ମୋର ପଥେ
ଦେବ ହେ ! ପଦରେଣୁ ପାଇଁ,
ଅନନ୍ତ ଏ ବର୍ତ୍ତମାନ ରହିଥିବି ଚାହିଁ ॥ ୯ ॥

ମୁହୂର୍ତ୍ତକ ପାଇଁ ଦିଅ ଅମୃତ ପରଶ
ଲିଭି ଯାଉ ପରାଣରୁ ସନ୍ତାପ-ପରାସ
ଦେବ ହେ ! ତବ ସେବା ପାଇଁ,
ଉତ୍ସର୍ଗିବି ପ୍ରାଣ ଅମୃତର ଜୟଗାଇ ॥ ୧୦ ॥

# ଅଭିଳାଷ

ବସ ହୃଦ ସିଂହାସନେ ଦେବତା ମୋର
ପୂରିବ ମନ ବାସନା ସେବି ପୟର ॥ ୦ ॥

ହେରି ସେ ରୂପ ମୋହନ
ସାର୍ଥକ ହେଉ ନୟନ
ଜ୍ଞାନ ଅଞ୍ଜନ ଘେନାଅ କରୁଣା କର ॥ ୧ ॥

ମାୟା ମୋହ ଅମା ଘୋର
ଅପସରୁ ଜୀବନର
ଜ୍ୟୋତି ରୂପ ଫୁଟି ଉଠୁ ମାଗୁଛି ବର ॥ ୨ ॥

ବିନ୍ଦୁଏ କରୁଣା ବାରି
କଣ୍ଠେ ଦିଅ କୃପା କରି
ପିପାସିତ ପରାଣର ତୃଷା ନିବାର ॥ ୩ ॥

ଭବ ସାଗର ଦୁସ୍ତର
ଜଞ୍ଜାଳୁ କର ହେ ପାର
ଦୟାନିଧି ପୂରାଅ ଏ ଆଶା ମନର ॥ ୪ ॥

# ପ୍ରତୀକ୍ଷା

ବିଜେ ପଥ ଚାହିଁ ରହିଛି ଅନାଇଁ ତୁମରି ହେ ଜୀବଧନ
ତୁମରି ଆଶରେ ନିଶିରେ ବାସରେ ଝୁରି ମରେ ଏ ନୟନ
କହ ପ୍ରିୟ ମୋର ଜୀବଜୀବନ !
ହୃଦୟ ମନ୍ଦିରେ ଆସିବ ବସିବ
ମଣ୍ଡିବ କେବେ ଏ ମନ ଆସନ, ଜୀବଜୀବନ ! ॥ ୦ ॥

ଭରି ରଖିଛି ମୁଁ ନିଗାଡ଼ି ନୟନୁ ନୀର ଧାର ଅନିବାର
ପଖାଳି ଦେବି ସେ ଚରଣ କମଳ ମନର ବାସନା ମୋର
ଘୋରି ମୁଁ ରଖିଛି ପୀରତି ଚନ୍ଦନ
ବୋଳି ଦେବି କରି ଅଭିନନ୍ଦନ, ଜୀବଜୀବନ ! ॥ ୧ ॥

କାନ ଶୁଣୁଥିବ ପୟର ନୂପୁର କଣ୍ଠ ଗାଇବ ସେ ସୁର
ଯେ ସୁରେ ତୁମରି ନାମ ରାଗିଣୀର ଶୁଭୁଥିବ ଝଙ୍କାର
ତୁମେ ନାଚୁଥିବ ତାତା ଥେଇଥେଇ
ତାଳ ଦେବି ମୁହିଁ ହଜାଇ ଜ୍ଞାନ, ଜୀବଜୀବନ ! ॥ ୨ ॥

ଜୀବନ, ଜନମ, ଧରମ, କରମ ସବୁ ପଦେ ନିବେଦିବି
ଅନ୍ତର କାମନା ସାରା ଜନମର ଭାଙ୍ଗି ଚୂରି ଧୂପ ଦେବି
ନିରାଶ ନକର ପରାଣ ନାଥ ହେ
କଲି ମନଦୀପ ଦାନ, ଜୀବଜୀବନ ! ॥ ୩ ॥

# ପ୍ରତୀକ୍ଷା

ବିଜେକର କରୁଣା ନିଧାନ
କର ଯୋଡ଼ି ଦୀନଜନ କରେ ପଦେ ନିବେଦନ ॥ ୦ ॥

ବେନି ନୟନ ଯା' ହେରେ ସବୁତ ତୁମରି ଦାନ
ଅକିଞ୍ଚନ ଅଭାଜନ କି କରିବ ଅରପଣ
ନିରାଶ ନକରି ପୂଜା ଘେନ ॥ ୧ ॥

ଅଧମ ଜନର ପୂଜା ଥାଳି ଅତି ତୁଚ୍ଛ ବୋଲି
ଦୟାମୟ ଠାକୁର ହେ ଚରଣେ ନଦିଅ ଠେଲି
ତୁମରି ତ ସବୁ ସରଜନ ॥ ୨ ॥

# ପ୍ରତୀକ୍ଷା

ବିଜେ କର ଆଜି ଠାକୁର !
ପୂଜିବାକୁ ମନ ମୋର ଚରଣ ଯୁଗ ତୁମର ॥ ୦ ॥

ଧୋଇଦେବି ପଦବେନି ଢାଳି ମୁଁ ନୟନ ବାରି
ବସାଇବି ସମାଦରେ ହୃଦୟ ଆସନ ପାରି
ପିନ୍ଧାଇ ଦେବି ମୁଁ ଗଳେ ଭକତି ସୁମନ ମାଳି
ପ୍ରୀତି ଚନ୍ଦନ ତିଳକ ମଣ୍ଡି ସଜାଇବି ଶିର ॥ ୧ ॥

ଜାଣେ ମୁଁ ଜାଣେ ଦେବତା ତୁମେ ହେ କରୁଣା ସିନ୍ଧୁ
ଭକତ ମଥାରେ ଦିଅ ଅଜାଡ଼ି ଆଶିଷ ବିନ୍ଦୁ
ଦରଶନ ଦେବ ତୁମେ ଦୟାମୟ ଦୀନବନ୍ଧୁ
ସଫଳ ହେବ ଜୀବନ ଏତିକି ଆଶା ମନର ॥ ୨ ॥

## ପ୍ରତୀକ୍ଷା

ବୃନ୍ଦାବନେ ଯିବି କାହିଁକି ?
ହୃଦ ବୃନ୍ଦାବନେ ବୃନ୍ଦାବନ ଚନ୍ଦ୍ର
ଛଇଳ କହ୍ନାଇ ମୋର ନାହିଁ କି ॥ ୦ ॥

ଖୁଆଇବି ଲବଣୀ ସର
ମନ୍ଥି ନିତି ପରାଣ ମୋର
ଶ୍ୟାମଳା ଅମଳା ମତି ମୋର ନିତି
ତା' ମୁରଲୀ ସୁରେ ଯିବ ଧାଇଁକି ॥ ୧ ॥

ସେ ମୋହନ ମୁରଲୀ ତାନ
ଶୁଣୁ ଶୁଣୁ ହଜିବ ଜ୍ଞାନ
ପ୍ରେମ କୁଞ୍ଜବନେ ଯମୁନା ପୁଳିନେ
ହେରିବି ନାଗର ତୁଲେ ରାଇ କି ॥ ୨ ॥

ଯୁଗଳ ସେ ମଧୁ ମିଳନ
ବେନି ମନ ପ୍ରେମେ ମଗନ
ମଧୁର ମୂରତି ନିରେଖି ମୋ ମତି
ପୁଲକରେ ପୂରି ହେବ ବାଇ କି ॥ ୩ ॥

ଘନ ନୀଳ କମଳ କୋଳେ
ହେମ କମଳିନୀଟି ଦୋଳେ
ଆନନ୍ଦେ ବିଭୋର ହେବ ଚିତ୍ତ ମୋର
ଅପରୂପ ରୂପ ଠାଣି ଚାହିଁ କି ॥ ୪ ॥

# ପ୍ରତୀକ୍ଷା

ଭାଙ୍ଗିଲା ନିଦ ଡାକିଲ ତୁମେ
ଶୁଣି ମିଳିଲି ପାଶେ
ମୁକୁଳା ଆଖି ରହିଲା ଚାହିଁ
ତବ ଦରଶ ଆଶେ ॥ ୦ ॥

କୋଟିଏ ରବି କିରଣେ ତବ
ଅଙ୍ଗ ପରକାଶେ
ଅପସରିଲା ତିମିର ଘୋର
ତବ ବିମଳ ହାସେ ॥ ୧ ॥

ଭୁବନସାରା ମହକିଗଲା
ତବ ତନୁ ସୁବାସେ
କୁସୁମଦଳ ମାଗିଲା ଘେନି
ସୁରଭି ମନ ତୋଷେ ॥ ୨ ॥

ଭକତ ଜନ ଚିତ୍ତେ ତବ
କରୁଣା ପରକାଶେ
ଧନ୍ୟ କର ଦାସେ ଦାନି
ତବ ଶୁଭ ଆଶିଷେ ॥ ୩ ॥

*୧୯/୩/୨୬୦*

# ପ୍ରତୀକ୍ଷା

ମନ କୁସୁମରେ ଭକତି ସୂତାରେ
　　　　　　　　ଗୁନ୍ଥିଛି ବରଣମାଳା
ଭେଟୁଛି ଚରଣେ ଘେନାକର ଦେବ !
　　　　　　　　ଘୁଞ୍ଚାଅ ସଂସାର ଜ୍ୱାଳା　　॥ ୦ ॥

ଯେଣିକି ଚାହିଁଲେ ତୁମ ଛବି ହସେ
　　　　　　　　ଜଳେ, ସ୍ଥଳେ ଅବା ଆକାଶେ, ବତାସେ
ଶୟନରେ ତୁମେ, ସପନରେ ତୁମେ
　　　　　　　　ଜାଗରଣେ ଅମଉଳା　　॥ ୧ ॥

ପାସୋରାପଣ ତ' ମୋ ଜୀବନ ସାଥୀ
　　　　　　　　ଜଣା କରୁଛି ମୁଁ ପଦେ ମୁଁ ହାତ ପାତି
ତୁମେ ତ କ୍ଷମାର ସାଗର, ତୁମେ କି
　　　　　　　　ବୁଡ଼ାଇବ ମୋର ଭେଳା ?　॥ ୨ ॥

ଆଉ କିଛି ମୋର ମାଗିବାର ନାହିଁ
　　　　　　　　ଜୁହାରି ଚରଣେ ମାଗୁଛି ଗୋସାଇଁ !
ଥିର କରିଦିଅ ମୋ ଚଞ୍ଚଳ ମତି
　　　　　　　　ହୁଏ ତୁମ ଭାବଭୋଳା　　॥ ୩ ॥

*୧୯/୨/୧୩୦*

## ପ୍ରତୀକ୍ଷା

ମନ ପୂଜା ତୋର ବିଫଳେ ନଯିବ ପ୍ରିୟତମ ତୋର ଆସିବେରେ
କୁସୁମ ଆସନ ସଜାଇ ରଖ ତୁ ପରାଣ ଦେବତା ବସିବେରେ ॥ ୦ ॥

ବାସନା କାମନା ଧୂପ ଦିଅ ଜାଳି
ତା' ନାମ ଫୁଲରେ ଗୁନ୍ଥ ବନମାଳି
ନୟନ ତାରାରେ ରଚ ଦୀପାବଳି
ଆସିବେ, ତୋ' ମନ ତୋଷିବେରେ ॥ ୧ ॥

ଗୋଳି ରଖ ଆଖି ନୀରେ ତୁ ଚନ୍ଦନ
ଚରଣେ ମାଖି ତୁ କରିବୁ ବନ୍ଦନ
ସେବକ ତୁ ପଦ ସେବାରେ ଭାଜନ
ହୁଡ଼ିଲେ ସୁନ୍ଦର ରୁଷିବେରେ ॥ ୨ ॥

ଝଡ଼ ବତାସରେ ଆବାହନ କର
ନେଳି ମେଘ ପରେ ଘର ପରା ତା'ର
ଘୁଞ୍ଚିଲେ ବାଦଲ ବିଜେ କରିବେ ସେ
ତୋ' ମଥା ଆଉଁସି ହସିବେରେ ॥ ୩ ॥

ନକହିବୁ କିଛି ନ ମାଗିବୁ କିଛି
ତୋର ମନ ପୋଥି ପାଠ ସେ ପଢ଼ିଛି
ଭକତିରେ ଖାଲି ମଥା ନୁଆଁଇଲେ
ତୋ ମନ ଠାକୁର ରସିବେରେ ॥ ୪ ॥

# ପ୍ରତୀକ୍ଷା

ମନ ମନ୍ଦିର ମୋର
ସାନ ବୋଲି କି ବିଚାର ? ॥ ୦ ॥

ସାଇତି ସଜାଡ଼ି ତୁମରି ମୂରତି ସିଂହାସନେ ରଖିଛି
ପାଶେ ପାଶେ ତା'ର ସାରା ଜଗତର ପ୍ରୀତି-ଦୀପ ସଜାଡ଼ିଛି
ଆଉ ଯାହା ଏଇ ସଂସାରେ ସାର ସବୁ ଦେବି ଉପହାର ॥ ୧ ॥

ସଞ୍ଜ-ସକାଳରେ, ତରାରେ, ଖରାରେ, ମୁକୁଳା କରି ଦୁଆର
ଏକା ମୋ କୁଟୀରେ ଆପଣାରେ ଭୁଲି ନିରତ କରିବି ସାର
ଭୁବନ ମୋହନ ତୁମରି ରୂପଟି ସାଥୀ ଏ ମୋ ନୟନର ॥ ୨ ॥

ତୁମେ ହେ ସତ୍ୟ, ତୁମେ ହେ ନିତ୍ୟ, ମନ୍ତ୍ରର ଓଁକାର
ମନରେ, ମୁଖରେ, ସୁଖରେ, ଦୁଃଖରେ ରଟୁଥିବି ନିରନ୍ତର
ମଥା ଲୋଟାଇବି ରଙ୍ଗ ଚରଣେ ଯାହା ଇଚ୍ଛା ତାହା କର ॥ ୩ ॥

# ପ୍ରତୀକ୍ଷା

ମନ ଆକାଶରେ ଧୂପ ଛାଇ ତଳେ ନାଚି ଥରେ ତୁମ କମଶିରୀ
ନିମିଷକେ କାହିଁ ଛପି ତ ଯାଉଛି ରଖି ନ ପାରୁଛି ଆଖି ଧରି ॥ ୦ ॥

ଆଖି ପିଛୁଳାକେ ସେ ଛବି ଝଲକ
କେବେ ଯେବେ ଉଠେ ଫୁଟି ଥରେ
ପଳାଇବ କାଳେ, ମନ ମୋର ଭାଳେ
ଡରରେ ଖାଲି ଏ ଛାତି ଥରେ
କାହିଁକି ଛଳନା କରୁଛ କୁହନା
ବୁଝି ନ ପାରେ ମୁଁ ମରେ ଝୁରି ॥ ୧ ॥

ମୋ ପରା ଭିଖାରି କହ କେଉଁ ପରି
ତୋଷିବି ତୁମକୁ କେଉଁ ଧନେ
ପ୍ରେମ ଜାଣେ ନାହିଁ, ସେବା ଶିଖି ନାହିଁ
ଚଞ୍ଚଳ ଏ ମନ ଅନୁକ୍ଷଣେ
କେବେ ମୁଁ ତୁମକୁ ହୃଦୟ-ଆସନେ
ଡାକି ବସାଇବି କେଉଁ ପରି ? ॥ ୨ ॥

ଆଉ ତୁମ ବିନେ କାହାରେ ନୟନେ
ଚାହିଁବାକୁ ଚିତ୍ତ ନ ବଳଇ
ଥରେ ଥରେ ତୁମେ ଅଜଣାରେ ମୋର
ଆସି ପାଶେ ଲୁଚି ଯାଅ ନାହିଁ
ସବୁ ବରଜିବି ସଦା ଯେବେ ତବ
ଦରଶନ ମିଳେ ଆଖି ଭରି ॥ ୩ ॥

## ପ୍ରତୀକ୍ଷା

ମନ-ସିଂହାସନେ ବିଜେ କରିବାକୁ ଡାକନ୍ତି ତୁମକୁ ନାଥ !
ମୂଳ ଘରଟି ତ ମାୟା-ବାୟା ଲାଗି ଟଳମଳ ଅବିରତ
ଦୟାନିଧି !
ଛାତି ନପତାଏ ମୋର
କି ସାହସେ ଆଉ ଆସ, ବସ ବୋଲି ଡାକିବି ସତେ ଠାକୁର ॥ ୧ ॥

ଜାଗ ଅବା ଯୋଗ କାହାକୁ କହନ୍ତି ଜନମରୁ ନାହିଁ ଜଣା
ଭକତି ଦୁଆର ତେଣେ ଥାଉ ଡେଇଁ ନାହିଁ ତ ପାଟ ଅଗଣା
ଦୟାନିଧି
ଭଜନ ପୂଜନ କିସ
କାହୁଁବା ଜାଣିବି ଗୁରୁ ସେବି ନାହିଁ ସେ କଥା ତ' ମତେ ବିଷ ॥ ୨ ॥

ମୋହ ମଦ ପିଇ ଦିନ ରାତି ନିତି ଚେତା ଚଇତନ ହାରେଁ
'ମୁଁ' କାରଟି କରି ମୂଳଧନ ତଳେ ତା'ର ସୁଧ କାରବାରେ
ଦୟାନିଧି !
ଶୁଣିଛି କହନ୍ତି ଲୋକେ
ଅନ୍ତର୍ଯ୍ୟାମୀ ତୁମେ ଲୁଚାଇବି କିସ ଜାଣତ ଗୁମର ଯାକ ॥ ୩ ॥

ଅନ୍ଧାର କୁଡ଼ିଆ ଦୁଆରକୁ ଯେବେ ଆସିବ କରୁଣା କରି
ଭେଟି ଦେବାକୁ ତ କିଛି ରଖିନାହିଁ ଅବୋଲକରା ମୁଁ ଭାରି
ଦୟାନିଧି !
ପାଦ ଖାଲି ଦେବି ଧୋଇ
ଆଖି ଝରା ପାଣି ସାଇତି ରଖିଛି ନ କରିବ କେବେ ନାହିଁ ॥ ୪ ॥

# ପ୍ରତୀକ୍ଷା

ମନୁଆଁ ! ଜୀବ ପଛେ ଗଲେ ଯିବ
ଆସ ଏ ନବୀନ ପରଭାତେ ତା'ର
ପୂଜିବା ପଦ ରାଜିବ ॥ ୦ ॥

ଏ ମନ ନନ୍ଦନୁ ତୋଳି ସରାଗରେ
ସୁବାସ ସୁମନ କଳି
ଲାଗୁ ପଛେ କଣ୍ଟା ଗୁନ୍ଥି କରେ ତା'ର
ଗଳେ ଦେବା ବନମାଳିରେ ॥ ୦ ॥

କୁଳିଶୁଁ କଠିନ ହେଲେ ହେଉ ପଛେ
ଅକରମ ଶିଳା ଖଣ୍ଡ
ଦରଶନ ତା'ର ମନରେ ମନାସି
ଶ୍ରୀଚରଣେ ଦିଅ ମୁଣ୍ଡରେ ॥ ୨ ॥

ପ୍ରଣତି ନିବେଦି ଚରଣରେ ତା'ର
ମାଗିବା ଆଶିଷ ଭିକ୍ଷା
ବିଶ୍ୱ ପରିବାର ସେବାବ୍ରତ ଲାଗି
ମନାସି ଶ୍ରୀଗୁରୁ ଦୀକ୍ଷାରେ ॥ ୩ ॥

ଶରୀର ପତନ ମନ୍ତ୍ରର ସାଧନ
ହେଉ ବ୍ରତ ଜୀବନର
ମରିଲେ ମରିବା ଜୀଇଁଲେ ଜୀଇଁବା
ଗାଇ ଜୟଗୀତି ତା'ରରେ ॥ ୪ ॥

# ପ୍ରତୀକ୍ଷା

ମରମ ମଝିରେ ମାଜି ଘଷି ମୁଁ ଯେ
ଥାପି ହୃଦ ସିଂହାସନ
ତୁମରି ପାଇଁ କି ଆସ,
ବସ ଜୀବଧନ ॥ ୦ ॥

ଗୋଳି ରଖିଛି ମୁଁ ମନ ଚନ୍ଦନ
ଭକତି-ଧୂପରେ କରିବି ବନ୍ଦନ
ଅମର ରାଗିଣୀ ସୁରେ ଭରି କଣ୍ଠେ
ଗାଇବି ତୁମରି ଗାନ ॥ ୧ ॥

ମନେ କର ନାହିଁ ଏ ମୋ ମୁଖକଥା
ମନ କଥା ଭରା ଜୀବନର ବ୍ୟଥା
ଜାଣୁଛି, ବୁଝୁଛି ସୁଖ ପାଅ ବୋଲି
ତୁମେ ମୋତେ ପ୍ରିୟତମ ॥ ୨ ॥

ତୁମ ଶିରୀ ଅଙ୍ଗ ମଧୁର ସୁବାସ
ତୁମରି କରୁଣା ପରଶ ମୋ ଆଶ
କାନେ କାନେ ମୋର କହ ବନ୍ଧୁବର !
କେବେ ଆସିବ ସେ ଦିନ॥ ୩ ॥

*୧୯/୪/୩୪୬*

# ପ୍ରତୀକ୍ଷା

ମହା ମନ୍ଦିର ! ଚାରୁ ତୋରଣରେ ପ୍ରିୟମୋର
ନୀରବରେ ଖାଲି ଜୁହାରି ଆସିଛି
ନାହିଁ ପୂଜା ଉପଚାର ॥ ୦ ॥

ଆଖି ଆଗେ କେତେ ଭକତ ତୁମର
ଘେନି ଆସିଛନ୍ତି ନାନା ଉପଚାର
ପୂଜିବେ ତୁମକୁ ତୋଷିବେ ତୁମକୁ
ପଣ କରି ଜୀବନର ॥ ୧ ॥

କିଏ ଗାଏ ତୁମ ଅସୀମ ମହିମା
କରେ ଆରାଧନା ନାହିଁ ତା'ର ସୀମା
ସାରା ଜଗତରେ ବିତରେ କେ ଅବା
ତୁମରି କରୁଣାଧାର ॥ ୨ ॥

ମୁଖ ନଫିଟାଇ ଅନ୍ତରେ ପୁଣି
କରୁଣା ତୁମର କିଏ ହୁଏ ଗୁଣି
ଆସ ତୁମେ ଥରେ ମୋ ଆଖିର ନୀରେ
ବନ୍ଦନ ଘେନା କର ॥ ୩ ॥

ସାରା ଦୁନିଆଁର କେହି ନାହିଁ ମୋର
ସବୁରି ମନର ମୁଁ ଯେ ସାତପର
ଶରଣ କେବଳ ଚରଣ କମଳ
ସେହି ମୋର ଆପଣାର ॥ ୪ ॥

# ପ୍ରତୀକ୍ଷା

ମିଳନ ମନ୍ଦିରେ ମୋର
ଆଶା ପଥ ଚାହିଁ ବସିଛି ମୁଁ କେବେ ଆସିବ ଗୋ ମନଚୋର ॥ ୦ ॥
ଯୁଗ ଯୁଗ ଧରି କେତେ ମୁଁ ବନ୍ଦିଛି
କେତେ ଯେ ହସିଛି କେତେ ଯେ କାନ୍ଦିଛି
ତନୁ ମଳିନତା କେତେ ଯେ ପୋଛିଛି
ଝରାଇ ନୟନ ଧାର ॥ ୧ ॥

ସାଜିଲି ଶେଯ ମୁଁ ବେଦି ପରେ କେତେ
ଅଗଣାରେ କାନି ପାତିଲି ଏକାନ୍ତେ
ତୁମ ଚଲା ପଦ ରଜ ବୋଲି ହୋଇ
ପୂତ ହେବ ଏ ଶରୀର ॥ ୨ ॥

ରତନ ପ୍ରଦୀପ ଜାଳି ମୁଁ ରଖିଲି
ହେମ ଘଟେ ନଇବେଦ୍ୟ ସଜାଡ଼ିଲି
ନିରିଜନେ କେତେ ସାଇତି ରଖିଲି
ନୀରାଜନା ଉପଚାର ॥ ୩ ॥

ଗାଇବି ବୋଲି ମୁଁ ତବ ପ୍ରୀତି ଗୀତି
ବୀଣା ତାରେ କଲି ସୁରରେ ସଙ୍ଗତି
ସବୁ ସରାଗ ମୋ ମନ ବେଦନାରେ
ହେଲା ଖାଲି ନାରଖାର ॥ ୪ ॥

ଏକା ଯେବେ କରି ରଖିବ ଜୀବନେ
ଦେଖା ଦେବ ନାହିଁ ଅଛି ସତେ ମନେ
ଦୂରେ ଥିଲେ ଥାଅ ଭରି ରଖ ତବ
ସ୍ମୃତିରେ ମୋର ଅନ୍ତର ॥ ୫ ॥

# ପ୍ରତୀକ୍ଷା

ମୁଁ ଯେ ଖୋଜି ବୁଲେ ନିଶିଦିନ
କାହିଁ କାହିଁ ସେହି ମହାଜନ ॥ ୦ ॥

ଯା'ର ମଧୁର ପବନ ପରଶ
ସାରା ତନୁ ମନ କରେ ସରସ
ସତେ ମଳୟ ସୁବାସ ପରା
ଛୁଇଁ ଧନ୍ୟ ହୋଇବ ଜୀବନ ॥ ୧ ॥

ଥାଇ କର ପଦ ଶିର ଆଖି
ଝୁରି ଝୁରି ହେଲି ନିରିମାଖି
କାହିଁ ସେହି ମାନବଟି ମୋର
ଯା'ରେ ଅନୁସରେ ନିଶିଦିନ ॥ ୨ ॥

ସେ ଯେ ଅମୂଲ ପରଶମଣି
ସେ ଯେ ସରଗ ସୁଧାର ଖଣି
ଛଣା ପିତ୍ତଳ ହୋଇବ ସୁନା
ଲଭି ଯା'ର କର ପରଶନ ॥ ୩ ॥

ଗୁଣି ଗୁଣି ଗୁଣ ଗଣ ଯା'ର
ହେଲେ ଭବ ନଦୀ ହେବି ପାର
ଗୁରୁ ବିନେ ଏ ଶକତି କା'ର
ଦେବ ଶିଖାଇ ସେ ଗୀତିଗାନ ॥ ୪ ॥

# ପ୍ରତୀକ୍ଷା

ମୁଁ ଯେ ଆଶାରେ ଗଣୁଛି ଦିନ
କେବେ ସତେ ମୋର ଭଙ୍ଗା କୁଡ଼ିଆରେ
ଦେବ ତୁମେ ଦରଶନ ॥ ୦ ॥

ମୋହ ମଦ ନିଶା ଘୋରେ
ଶୋଇଥିବି ଅଚେତାରେ
ରୁମୁ ଝୁମୁ ତୁମ ଚରଣ ନୂପୁର
ଶବଦ ଭାଙ୍ଗିବ ଘୁମ ॥ ୧ ॥

ମନ ଫୁଲ ହାର ଦେଇ
ଆଖି ନୀରେ ପାଦ ଧୋଇ
ଏ ମର ଦେହର 'ମୋର' ଭେଟି ଦେଇ
ପଶିବି ତୁମ ଶରଣ ॥ ୨ ॥

ମଥାରେ ଚରଣ ଧୂଳି
କେବେ ହୋଇବି ମୁଁ ବୋଲି
ଏତିକି ମନର ନିବେଦନ ମୋର
ଘେନା କର ଜୀବଧନ ॥ ୩ ॥

# ନିବେଦନ

ମୋତେ ସେହି ରୂପେ ଦିଅ ଦରଶନ
ଚେତି ଉଠି ଫୁଟେ ହେରି ଯା'ରେ ମଉଳା ସୁମନ ॥ ୦ ॥

ଅମା ଘେରା ମନ ମେଘେ ଯେ ରୂପେ ହସାଏ ଚାନ୍ଦ
ଭକତ ମାନସ ଘରେ ଜଗାଏ ପରମାନନ୍ଦ
ଶୋକ ତାପ ଦୂରେ ଘୁଞ୍ଚେ, ଲଭି ଯା'ର ପରସନ୍ନ ॥ ୧ ॥

ଜୁଆର ଉଠଇ ପ୍ରେମ- ଦରିଆରେ ନିତିଦିନ
ଯେ ମୂରତି ଉଦୟରେ ବିଲୟ ନାହିଁ ଲିଖନ
ନୟନ ଖୋଜଇ ସେହି, କମଠାମ ବିଲୋକନ ॥ ୨ ॥

ଜଗତର ପାପ ଭୟ ହେରି ଯା'ରେ ଅପସରେ
ଲାଜ ଡର ଭୁଲା ସେହି ମୂରତି ମନ ମୋହନ
ଆଖି ତାରା ଖୋଜି ବୁଲେ କାହିଁ ସେହି ଅପଘନ ॥ ୩ ॥

ବାଉଳା ହେବି ଯେ ରୂପ ହେରି ଶୟନେ, ସ୍ୱପନେ
ନାଚିବି ପ୍ରେମ ବିଭୋରେ ଯାହାର ନାମ ଗାୟନେ
କାନ ନୟନ ବିବାଦ ଯା' ଦେଖି ହେବ ଭଞ୍ଜନ ॥ ୪ ॥

# ପ୍ରତୀକ୍ଷା

ରତନ ପଲଙ୍କ ଶେଯାଇ ମନ, ତୁ ତା' ପୟରେ ଆଶ କର
ଅଚିନ୍ତା ନିଦରେ ନ ଘୁମାଇ ମଧୁ ମିଳନରେ ନିଶି ସାର
ରେ ବାଉଳା !
ହୋଇ ପୀରତି ବିଭୋଳା
କୋଟି-ଜନମର ସୁଫଳ ଫଳିବ ତା'ରସରେ ମତି ବଳା ॥ ୧ ॥

ତାର ଶିରୀମୁଖ ବିଧୁ-କରେ, ଦୂରେ ହଟିବ ଅମା ଅନ୍ଧାର
ନାମ ମାତରକ ସୁମରିଲେ, ପ୍ରେମେ ଭରିଯିବ ତ ଅନ୍ତର
ରେ ମାନସ !
ଛାର ହେବ ତୋ ପରାଶ
ଜରା-ମର, ଭବ-ଜଞ୍ଜାଳ ତୁଟିବ ତା' ଚରଣ କଲେ ଆଶ ॥ ୨ ॥

ସେହି ତୋ' ପରାଣ ପତି, ମତି, ଗତି ଏତିକି କଲେ ବିଚାର
ଶୁଭ, ଅଶୁଭ ତୁ ସମାନ ମଣିବୁ ଦୂର ହେବ ମାୟା ଘୋର
ରେ ମନୁଆଁ !
ମାଗ ତା ଚରଣଛୁଆଁ
ପରାଣ-ବନ୍ଧୁଆ ସେଇ ଏକା ତୋର ଆଉ ସବୁ ଦି' ଦିନିଆଁ ॥ ୩ ॥

# ପ୍ରତୀକ୍ଷା

ରହ ତା'ର ବାଟ ଚାହିଁ
ମନ-ଦୁଆର ତୁ ମୁକୁଳା ରଖରେ ତାହାରି ଆଗମ ପାଇଁ
ସଞ୍ଜ-ସକାଳେ ପ୍ରେମ-ଦୀପ ଜାଳି ରହ ତା'ର ବାଟ ଚାହିଁ ॥ ୦ ॥

ଜାଣୁ ତ ସଂସାରେ ଦିନ ହୁଏ, ରାତି ହୁଏ
ଏକା ଆକାଶେ ତ' ଜହ୍ନ ରୂପେ ଜହ୍ନ ଉଏଁ
ଅନ୍ଧାର କରେ ସେ ଆଲୁଅ କରେ ସେ ତା ବିନେ ଆନ କେ ନାହିଁ
ଦୁଃଖ ଯେ ଦେଇଛି, ସୁଖ ସେହି ଦେବ ସବୁଥିକି ସେତ ସାଇଁ ॥ ୧ ॥

ଦୁଇ ହାତ, ଦୁଇଗୋଡ଼, ଦୁଇ ଆଖି ତୋର
ଦୁଇ ଦୁଇ ମିଶି ଏକ ପରା ତୋ' ଶରୀର
ବାଆଁ ଡାହାଣ ତ ଦୁଇ କଥା ଘେନି ବୋଲାଉଛୁ ତୁହି ଦେହୀ
ସୁଖ, ଦୁଃଖ ଦୁହେଁ ଦୁଇ ଭାଇ ଯେଝା ବେଳରେ ଆସନ୍ତି ସେହି ॥ ୨ ॥

କାହିଁକି ତେବେ ତୁ କାନ୍ଦି ମରୁ ଦୁଃଖ ବେଳେ
ଅଛି ଜଣେ ସେ ତ ଖେଳାଇ ତୋତେ ସେ ଖେଳେ
ନିଧୋକାରେ ରହ ପଦ ତଳେ ତା'ର ଦେହ, ମନ ସଁପିଦେଇ
ଭକତି-ପୀରତି-ମନ୍ତରେ ପୂଜି ତୁ "କର ଯାହା ଇଚ୍ଛା କହି" ॥ ୩ ॥

# ପ୍ରତୀକ୍ଷା

ରହିଛି ମୁଁ ବାଟ ଅନାଇଁ
ସଜାଡ଼ି ସାଇତି ହୃଦୟ ଆସନ
କେତେବେଳେ ବିଜେ ହେବ ଗୋସାଇଁ ॥ ୦ ॥
ନିରିଜନେ ଅଛି ମୁଁ ଚାହିଁ, କୋଳାହଳ ନାହିଁ ତ କାହିଁ
ବିଜନ କୁଟୀରେ ତୁମ ପାଦ ତଳେ
ମନର ସୁମନ ଭେଟିବା ପାଇଁ ॥ ୧ ॥
ନିରୋଳା ଏ ଘର ମୋର, ଚଉକତି ଅନ୍ଧକାର
ରବି ଶଶି ସିନା କିରଣ ଢାଳନ୍ତି
ଦିଗ ବିଦିଗକୁ ହସି ହସାଇ ॥ ୨ ॥
ତୁମେ ଏକା ପରାଣ ପତି, ଆସିବ ହେ ମୋର କତି
ବିକଶି ଉଠିବ ମୋ ଅନ୍ଧାର ଘର
ତୁମରି କରୁଣା କିରଣ ପାଇ ॥ ୩ ॥
ପାସୋରି ବାସନା ସକଳ ଘୁଞ୍ଚିଅଛି ଭବ ଜଞ୍ଜାଳ
କର ଯୋଡ଼ି ବସି ଭାଳୁ ଅଛି ନାଥ
ତୁମ ଦରଶନ ଲଭିବାପାଇଁ ॥ ୪ ॥
କ୍ଷମା ଦେବ ପରାଣ ନିଧି ଅପସରି ଯିବ ମୋ ବ୍ୟାଧି
ପାତି ବସିଅଛି ହୃଦୟ ଆସନ
ଦୟାନିଧି ! ଲବେ କରୁଣା ପାଇଁ ॥ ୫ ॥
ଦିବାନିଶି ନାମ ସୁମରି ମୁଁ ଯେ ଦରଶନ ଭିଖାରି
ଜଳ ସାଇତିଛି ମନ କୁଣ୍ଡରେ ମୋ
ତୁମ ଶିରୀପଦ ଧୋଇବା ପାଇଁ ॥ ୬ ॥

# ପ୍ରତୀକ୍ଷା

ସଜାଡ଼ ଯତନେ ମରମ ଆସନ କମଳ ଦଳରେ ସାଜି
ଗୋଳି ରଖ ଚୁଆ ଚନ୍ଦନ ମନ ଭକତି ଜଳରେ ଆଜି ॥ ୦ ॥

କଣ୍ଠରେ ସୁର ଭରି
ତାହାରି ଗୁଣ ସୁମରି
ଗାଅ ସେହି ଗୀତ ମରମରେ ତା'ର ମଧୁତାନ ଯିବ ବାଜି
ସେହି ଏକା ଜୀବ ପରମ ନାୟକ ସତତ ଥାଏ ବିରାଜି ॥ ୧ ॥

ଧରାରେ ସେ ଏକା ଦୟାର ଠାକୁର ଜୀବନ ମରଣ ସାଥୀ
ଜଗତ ଜଞ୍ଜାଳେ ଘୁମ ନାହିଁ ତା'ର ନାହିଁ ତା'ର ଦିନ ରାତି
ଅର୍ଚ୍ଚନା କର ତା'ର
ବଞ୍ଚନା ନାହିଁ ଯା'ର
ପାପ ତାପ ଭବ ବନ୍ଧନହାରୀ ସେହିରେ ଜୀବର ଗତି
ଯାବତ ଦୁଃଖର ଅବସାନ କରି, ସେହିରେ ଦେବ ମୁକତି ॥ ୨ ॥

ବନ୍ଦନ କର ଚରଣ ଯୁଗଳ ଅରପି ଭକତି ଫୁଲ
ମଧୁରୁ ମଧୁର ଅମିୟ ଝରା ସେ ପଦତଳ ନାହିଁ ତୁଲ
ସେହି ଏକା ସାଥୀ ତୋର
ଆଉ ଯେତେ ସବୁ ପର
ଶମଶାନ ଯାଏ ଯିବେ ବନ୍ଧୁଜନ ଏକଥା ମନୁ ନଭୁଲ
ଦଦରା ନାଆ ତୋ ଝଞ୍ଜା-ବତାସିରେ
କୂଳେ ନେବେ ଆଦିମୂଳ ॥ ୩ ॥

## ପ୍ରତୀକ୍ଷା

ସରାଗେ ଆଜ ସଜାଅ ଶେଯ
ଆସିବେ ଗୋ ପୁରେ ରସିକରାଜ ॥ ୦ ॥

ସେ ରୂପ ଲାବଣ୍ୟ ହେରିବ ନେତ୍ର
କର୍ଣ୍ଣେ ଭରିବ ସେ ମଧୁ ସଂଗୀତ
ଚଉଦିଗ ଅଙ୍ଗ ବାସେ ମହକିବ
ପାରିଜାତ ଗନ୍ଧ ପାଇବ ଲାଜ ॥ ୧ ॥

ବିଚାରୁଛି କେତେ ରଜନୀ ଦିନ
ମରମ କଥା କରିବି ବୟାନ
ନୟନେ ସେ ରୂପ ନିରେଖିଲେ ଥରେ
ମଉଳି ଯିବ ତ ବିଷାଦ ତେଜ ॥ ୨ ॥

ଦୁଃଖର ବତାସ ଦେହ ଛପା ଦେବ
ଶୁଭ ପରଭାତେ ଏ ଜୀବନ ନାବ
ସେ ପ୍ରେମ ତରଙ୍ଗେ ନାଚିବ ଖେଳିବ
ଖୋଜିବ ତାହାର ଚରଣ ରଜ ॥ ୩ ॥

ନିରେଖି ନୟନେ ସେ ରୂପ ମଧୁର
ଜୀବନର ସବୁ ଦୁଃଖ ହେବ ଦୂର
ପର ଦୁଃଖେ ଦୁଃଖୀ ପର ସୁଖେ ସୁଖୀ
ହେବାକୁ ଏ ଜୀବ ହୋଇବ ସଜ ॥ ୪ ॥

## ପ୍ରତୀକ୍ଷା

ସାଜିଅଛି ହୃଦ ସିଂହାସନ
ଆହେ ଚରାଚର ପତି ଥାପି ମୁଁ ତୁମ ମୂରତି
ଭକତି ଭରେ ପୂଜିବି ତବ ଶ୍ରୀଚରଣ
ସାର୍ଥକ କରିବି ମୋର ଜନମ ଜୀବନ ॥ ୧ ॥

ଅଶ୍ରୁ ଜଳେ ଧୋଇବି ଶ୍ରୀପଦ
ପୂରାଇବି ମନ ଆଶ ହେବି ମୁଁ ଶ୍ରୀପଦ ଦାସ
ଆସ ଦୀନଜନ ବନ୍ଧୁ ପୂରୁ ମନ ସାଧ,
ଦୀନ ସେବକ ପରାଣୁଁ ତୁଟୁ ଅବସାଦ ॥ ୨ ॥

ଦିବା ନିଶି ପୂଜି ଶ୍ରୀପୟର
କ୍ଷୁଧା ତୃଷା ମନୁ ମୋର ତୁମ ପାଇଁ ହେଉ ଦୂର
ଆଦେଶ ପାଳନ ତୁମ କରୁଥିବି ଚିର
ଏତିକି ମିନତି ଦେବ ଘେନ ଅଧମର ॥ ୩ ॥

*୨୬/୧/୮୩*

# ପ୍ରତୀକ୍ଷା

ସୁମନେ ସଜାଇ ଶେଯ ଚାହେଁ ଆତୁରେ
(ଆସ) ପୂଜା ମନ୍ଦିରେ
ମୃଦୁ କଞ୍ଜ ପଦ ଚାଲି ଆସ ସଧୀରେ, ପୂଜା ମନ୍ଦିରେ ॥ ୦ ॥

ନୟନେ ଦେଖୁଛି ଯାହା ସବୁ ତୁମର
କିସ ଦେଇ ପୂଜିବି ମୁଁ ଭାବେ ଅନ୍ତର
ଭକ୍ତି ପୁଷ୍ପ ଦେବି ଶ୍ରୀ ପୟରେ, ପୂଜା ମନ୍ଦିରେ ॥ ୧ ॥

ମୋଦ ଭରା ସ୍ମିତ ହାସ ଶ୍ରୀମୁଖ ଦେଖି
ପାପୀ ଜନେ ପାପ ତାପୁଁ ହୋଇବେ ସୁଖୀ
ଢାଳି ଦିଅ ସ୍ନେହ ଶୁଦ୍ଧାଧାରେ, ପୂଜା ମନ୍ଦିରେ ॥ ୨ ॥

ଯୋଗ ବଳେ ବ୍ୟାପୀ ଅଛ ସକଳ ଠାର
ଭଜି କିପରି ଏ ଭବୁ ହୋଇବି ପାର
କହ କହ ସଦଜ୍ଞାନ ମୋରେ, ପୂଜା ମନ୍ଦିରେ ॥ ୩ ॥

କୃପା ପରବଶ ହୋଇ ଦିବ୍ୟ ମୂରତି
ଦେଖାଅ ଦେଖିବି ଥରେ ହୁଏ ବିନତି
ବାଞ୍ଛା ପୂର୍ଣ୍ଣକର ଶ୍ରୀ ପୟରେ, ପୂଜା ମନ୍ଦିରେ ॥ ୪ ॥

## ପ୍ରତୀକ୍ଷା

ସେ ଦିନକୁ ଆଶା କରି ବସିଛି ମୁଁ ଅନୁସରି
ଯୋଡ଼ି କରପତ୍ର ନିଶିଦିନ
ମରମ ମଝିରେ ମୋର ଉଚ୍ଛୁଳିବ ପ୍ରେମ-ଝର
ପୂର୍ଣ୍ଣିମାର ଜୁଆର ନର୍ତ୍ତନ
ଆହେ ନବଘନ ! ପୁଲକି ଉଠିବ ପ୍ରାଣମନ
ଚଞ୍ଚଳ ଏ ମୋ ହୃଦୟ କେବେ ସତେ ହେବ ଥୟ
ନିରେଖିବି ତବ ଶ୍ରୀଚରଣ ॥ ୧ ॥

ଯହିଁ ଚାହିଁବ ନୟନ ହେରିବି ତବ ନର୍ତ୍ତନ
ଲୋଡ଼ୁନାହିଁ ଧନ ଅବା ଜନ
ମାଗୁଛି ଚରଣ ଧୂଳି ମଥାରେ ହୋଇ ମୁଁ ବୋଲି
ପାଗଳ ହୋଇବି ଅନୁଦିନ
ଆହେ କୃପାମୟ ! ମୋ ବେଳକୁ ନହେବ ନିର୍ଦ୍ଦୟ
ତୁମେ ପରା ଦୀନବନ୍ଧୁ ଟୋପିଏ କରୁଣା ବିନ୍ଦୁ
ଢାଳି ଦେଲେ ହେବି ମୁଁ ଅଥୟ ॥ ୨ ॥

ଷଡ଼ରିପୁ ମୋତେ ଘେରି ଦିଅନ୍ତି ଅଥୟ କରି
ମାଗୁଛି ମୁଁ ମନେ ବଳ ଦିଅ
ରିପୁଙ୍କୁ ଦୂରକୁ ଠେଲି ତୁମ ନାମ ବୋଲି ବୋଲି
ପାଇବି ମୁଁ ଶ୍ରୀପଦ ଆଶ୍ରୟ
ଆହେ ଜଗତ୍‌ଗୁରୁ ! ସାହା ହୁଅ ତୁମେ କଳ୍ପତରୁ
ଅରୂପ-ସ୍ୱରୂପ ତବ ନୟନେ ମୋ ନାଚୁ ଦେବ !
ଗୁରୁ ଦାସ ମନ ବାଞ୍ଛା ପୂରୁ ॥ ୩ ॥

# ପ୍ରତୀକ୍ଷା

ସେ ମୋର ପରାଣ ସାଥୀ ଗୋ
ଜନମ ମରଣେ ସେ ତ ଏ ଜୀବନ ଗତି ଗୋ ॥ ୦ ॥

ସାଧନେ ଅବା ପୂଜନେ, ଭଜନେ କି ଆରାଧନେ
ନିଶିଦିନ ଆଖି ଆଗେ ନାଚେ ତା ମୂରତି ଗୋ ॥ ୧ ॥

ଦରଶନ ପରଶନ, ଶୟନ ଅବା ଭୋଜନ
ସବୁ କରମରେ ଜାଗେ ସେ ମଧୁର ସ୍ମୃତି ଗୋ ॥ ୨ ॥

ଆସ ଜୀବଧନ ଆସ ! ନକର ଆଉ ନିରାଶ
ପଥ ଅନାଇଁ ବସିଛି, ଶେଯାଇ ସୁପାତି ଗୋ ॥ ୩ ॥

(ତବ) ଚରଣ-ସରୋଜ ବାସ, ବାରୁଛି ମୋର ନିଃଶ୍ୱାସ
ଚାହିଁଛି ନୟନ ତବ ଗଡ଼ାଗଡ଼ି ନିତି ଗୋ ॥ ୪ ॥

# ପ୍ରତୀକ୍ଷା

ଶୁଭ ମିଳନ ବାସରେ
ଆସ ଆସ ନରରୂପୀ ଭଗବାନ
ଅନ୍ଧାର ଯାଉ ଦୂରେ ॥ ୦ ॥

ଚରଣ କମଳ ନୂପୁର ବାଦନେ
ବିଜେ କର ପ୍ରଭୁ ହୃଦୟ ଆସନେ
ପୂର୍ଣ୍ଣ କର ହେ ମନର ବାସନା
ପଦ ପରଶନେ ଥରେ ॥ ୧ ॥

ତାପିତ ପରାଣ ହେଉ ସୁଶୀତଳ
ଧ୍ୱଂସ ଲୀଳାର ଡମ୍ବରୁ ରୋଳ
ବାଜୁଛି କାନରେ ଥରୁଛି ପରାଣ
ଦଳିଦିଅ ପଦ ତଳେ ॥ ୨ ॥

ମୋହ ମାୟା ଘେରା ତନୁ ମନ ସାରା
ମରଣ ସ୍ମରଣେ ଚିର ଭୀତ ପରା
ଶୁଣାଇ 'ମା ଭୈ' ବାଣୀ ହେ ଠାକୁର !
ଚିତ୍ତ ଭରି ଦିଅ ବଳେ ॥ ୩ ॥

ସେବକ ସେବିକା ସର୍ବେ ହୋଇ ଠୁଳ
ଜଣା କରୁ ପ୍ରଭୁ ! ଆଜି ଯୋଡ଼ି କର
ଯେତେ ଅପରାଧ କ୍ଷମା କରି ଦେବ !
ଠାବ ଦିଅ ପଦତଳେ ॥ ୪ ॥

# ପ୍ରତୀକ୍ଷା

ହୃଦୟର ସ୍ୱାମୀ ମୋର
ନବ ବରଷର ପହିଲି ପ୍ରଭାତେ ପୂଜେ ଚରଣ ତୁମର ॥ ୦ ॥
ଧୋଇ ଦେଇ ପଦ ନୟନ ଜଳରେ
ପୂଜିବି ପ୍ରଭୁ ହେ କମଳ ଦଳରେ
ଭକତି ସୁମନେ ଗୁନ୍ଥି ମୁଁ ଯତନେ
ଗଳେ ଲମ୍ବାଇବି ହାର ॥ ୧ ॥
ସେନେହ ଲତାରେ କୁସୁମ ଫୁଟିଛି
ନବ ସୁରଭିରେ ଭୁବନ ଭରିଛି
ନୂଆ ସାଜେ ଆଜି ଧରଣୀ ସାଜିଛି
ଦିଶୁଛି କି ମନୋହର ॥ ୨ ॥
ମାଳତୀ ସୁବାସେ ଦିଗ ସୁରଭିତ
କୋଇଲି କଣ୍ଠରେ ବନ କୁହରିତ
ଅପୂରୁବ ଗନ୍ଧେ ଚଉଦିଗ ଭରେ
ଆହା କିବା ସୁମଧୁର ॥ ୩ ॥
ହୃଦୟ ବେଦନା ଦିଅ ପୋଛି ଦିଅ
କଳମଷ ଯେତେ ଦୂରେ ଦୂରେ ନିଅ
ଏ ମନ ମନ୍ଦିରେ ନିଶି ଦିବସରେ
ବଜାଅ ମୂରଲୀ ସ୍ୱର ॥ ୪ ॥
ବିହଗ ଗାଉଛି ଆଗମନୀ ଗୀତି
ଏ ସାରା ଜଗତେ ଶୁଭୁଛି ଆରତି
ହେ ଆନନ୍ଦ ଘନ ମାନସ ମୋହନ
ପ୍ରଣିପାତ ଘେନାକର ॥ ୫ ॥

# ପ୍ରତୀକ୍ଷା

ହୃଦୟ ମନ୍ଦିର ଦୁଆର ଫିଟାଇ
ସଜାଅରେ ସିଂହାସନ
'ଜୟଗୁରୁ' ଗାଇ ପରାଣ ପ୍ରଭୁ ହେ
କର କର ଆବାହନ ॥ ୦ ॥

ବୁକୁରେ ଯାହାର ଘୁମାଇ କାଟିଲ ନିଶି
ଅତି ଆଦରରେ ମଥାରେ ଦେଲେ ଆଉଁସି
ସେହି ଗୁରୁଦେବ ଅଭୟ ଚରଣେ
ସଁପିଦିଅ ମନ ପ୍ରାଣ ॥ ୧ ॥

ଧୂପ, ଚନ୍ଦନ, ସୁବାସ, ସୁମନ
ଅରପ ଯୁଗଳ ପଦେ
ବାରବାର କରି ସାଥୀ ମନ ଭରି
ପ୍ରଣତି ମୁଦେ ଜଣାଣ
ଯହିଁ ଅଛ ଯିଏ ଏକ ମନ ପ୍ରାଣେ
ଭଜ ସର୍ବେ ଗୁରୁ ନାମ ॥ ୨ ॥

ମୁଖେ ଜପ ନାମ ଚିତ୍ତରେ ଧିଆନ କର
ସୁଖରେ, ଦୁଃଖରେ ସତେ ନିଶିବାସର
ପାପୀ, ତାପୀ, ତ୍ରାଣ କରତା ସେ ଏକା
ଗୁରୁ ପଦେ ରଖ ମନ ॥ ୩ ॥

# ପ୍ରତୀକ୍ଷା

ହୃଦୟ ମନ୍ଦିରେ ପତାଇ ଆସନ ବସିଛି ପ୍ରତୀକ୍ଷା କରି
ମନୋମତ କରି ସଜାଇ ତୁମକୁ ଦେଖିବି ପରାଣ ଭରି
    ବସିଛି ପ୍ରତୀକ୍ଷା କରି    ଦେଖିବି ପରାଣ ଭରି
    ପାତିଛି ହୃଦ ଆସନ    ବସିବେ ମନ ମୋହନ    ॥ ୧ ॥
ତୋଳି ଅଛି ଫୁଲ ଗୁନ୍ଥି ଅଛି ମାଳ ଦେବି ପଦେ ପୁଷ୍ପାଞ୍ଜଳି
ହେ ମୋର ବାଞ୍ଛିତ ଚିର ପ୍ରିୟତମ ! ଦିଅ ବାରେ ପଦତୋଳି
    ଦେବି ପଦେ ପୁଷ୍ପାଞ୍ଜଳି    ଦିଅବାରେ ପଦ ତୋଳି
    ତୋଳିଅଛି ବନଫୁଲ    ପୂଜିବି ପଦଯୁଗଳ    ॥ ୨ ॥
ମହାନ ଆଶାରେ ଡାକେ ଭକ୍ତି ଭରେ ସକରୁଣ ଆବାହନେ
ଆଲୋକିତ କରି ହୃଦୟ ମୋହର ବସ ଗୋ ହୃଦ ଆସନେ
    ବସ ହୃଦୟ ଆସନେ    ତୋଷ ଉପଦେଶ ଦାନେ
    ମୋ ଅଜ୍ଞାନ ଅନ୍ଧକାର    ନାଶି ଜ୍ଞାନ ଦାନ କର    ॥ ୩ ॥
ଅଶ୍ରୁ ଅର୍ଘ୍ୟ ଢାଳି ଧୋଇବି ଚରଣ ଦେବି ଭକ୍ତି ପୁଷ୍ପାଞ୍ଜଳି
ଅନୁତାପେ ଭରା ହୃଦଭାବ ଧାରା ଦେବି ଶ୍ରୀ ଚରଣେ ଢାଳି
    ଅଶ୍ରୁଜଳେ ଶ୍ରୀଚରଣ    ଧୋଇ ମୁଁ ହୋଇବି ଧନ୍ୟ
    ଦେବି ଭକ୍ତି ପୁଷ୍ପାଞ୍ଜଳି    ଅନୁତାପ ଗନ୍ଧ ବୋଳି    ॥ ୪ ॥
ଆସ ଆସ ମୋର ହୃଦୟର ଧନ ଡାକେଁ ପ୍ରାଣେ ଆଶା ଭରି
ହୃଦାସନେ ବସି ପୂରାଅ ବାସନା ରହ ନା ନିରାଶ କରି
ଆସ ଆସ ମୋର ହୃଦୟଧନ,  ଅଶ୍ରୁଜଳେ ଧୋଇ ଦେବି ଚରଣ
ଅନୁତାପ ଭରା ହୃଦୟ ଥାଳି,  ଶ୍ରୀଚରଣ ତଳେ ଦେବି ମୁଁ ଢ଼ାଳି
    ଆଜି ଏ ଶୁଭ ଲଗନେ,  ପ୍ରାର୍ଥନା ତବ ଚରଣେ
    ସଦା ମୋର ମତି ରତି,  ତବ ପଦେ ରହୁ ମାତି    ॥ ୫ ॥

# ପ୍ରତୀକ୍ଷା

ହୃଦ ପଦ୍ମାସନେ, ପ୍ରାଣପ୍ରିୟ ଧନେ ବସାଅ ଅତି ଯତନେ
ନବ ନବ ଭାବେ ପ୍ରେମ ଅନୁରାଗେ ସନ୍ତୋଷ କରି ଅର୍ଚ୍ଚନେ
ଭକ୍ତ ଚିତ୍ତ ହାରୀ, ଭବସିନ୍ଧୁ ତରୀ ତାଙ୍କ କମଳ ଚରଣ
ହୃଦୟ ଭୂଷଣ, ନାଶଇ ଦୂଷଣ କରେ ଅଭୀଷ୍ଟ ପୂରଣ

କର ତାଙ୍କ ଜୟଗାନ ତେଜି ମାନ ଅଭିମାନ
ପାପ ତାପ ଯିବ ଦୂରେ ଭାସିବୁ ପ୍ରେମ ସାଗରେ
ସେପଦ କଲେ ଆଶ୍ରୟ ମିଳଇରେ ବରାଭୟ ॥୧ ॥

ତାଙ୍କ ଆଗମନେ, ହୁଏ ଭକ୍ତମନେ ନବ ଆଶାର ସଂଚାର
ତାଙ୍କ ନାମ ଗାନେ, ତାଙ୍କ ରୂପ ଧ୍ୟାନେ, ଘୁଞ୍ଚେ ଅଜ୍ଞାନ ଅନ୍ଧାର
ହୋଇ ଶାନ୍ତ ଚିତ୍ତ ପ୍ରେମେ ବିଗଳିତ, ଭଜ ସେ ହୃଦୟ ଧନ
ଜନ୍ମ ଜନ୍ମାନ୍ତରେ ଅଭିଳାଷ ତୋର, ପୂର୍ଣ୍ଣ ହେବ ଦରଶନେ

ତାଙ୍କ ଶୁଭ ଆଗମନେ ନବ ଆଶା ଜାଗେ ମନେ
ହୋଇ ସଦା ଶାନ୍ତ ଚିତ୍ତ ପାନ କର ନାମାମୃତ
କଲେ ତାଙ୍କ ଦରଶନ ଧନ୍ୟ ହୋଇବ ଜୀବନ ॥ ୨ ॥

# ପ୍ରତୀକ୍ଷା

ଲିଭି ଲିଭି ଆସେ ଯେବେ ଜୀବନର ଦୀପଶିଖା
ବାରିଲି କାହିଁକି ଦୁଃଖ ଅଶେଷ ମୋ ଭାଲେ ଲେଖା ॥ ୦ ॥

ସାରାଟି ଜୀବନେ ଥରେ କମଳ ଚରଣ ତବ
ଆଦରେ ଧରିବି ବୋଲି ହେଲା ତ ନାହିଁ ସମ୍ଭବ
ନିମିଷେ ହେଲେ ତୁମକୁ ଖୋଜି ନାହିଁ ପ୍ରାଣ ସଖା ॥ ୧ ॥

କରେ ଯେ ତୁମର ସେବା, ତୁମ ନାମ ସୁମରଣ
ଜାଳିକି ପାରିବ ତାକୁ ଭବ ଅନଳ ଦହନ ?
ଅନ୍ତିମେ ଜାଣୁଛି ଦୁଃଖ ହାରୀ ସିନା ତୁମେ ଏକା ॥ ୨ ॥

ବିଫଳ ସିନା ସକଳ ସାଧନ ଭଜନ ମୋର
କି ଫଳ ଜୀବନ ଧରି ସବୁତ ହେଲା ଅସାର
ବୃଥା ଏ ଜନମ ଯେବେ ନମିଳିଲା ଥରେ ଦେଖା ॥ ୩ ॥

# ଆବାହନ

# ଆବାହନ

ଅରୁଣ ରଥରେ ବିଜେ କର ହେ ମହାନ
ଆବାହନ କରେ ଆଜି ନିଖିଳ ଭୁବନ
ଦୟା କର ହେ ଠାକୁର
ଦରଶନ ମାଗେ ଦାସ ଯୋଡ଼ି ବେନି କର ॥ ୦ ॥

ବିହଗ କଣ୍ଠରେ ଶୁଭେ ଜୟ ଜୟ ଘୋଷ
କମଳ ଆନନେ ତବ ହାସ ପରାକାଶ
ନୀଳ ସାଗର ଲହରୀ
ନାଚେ ତାଳେ ତାଳେ ତବ ପୟରେ ଜୁହାରି ॥ ୧ ॥

ମରମର ମଳିନତା ଅନ୍ଧକାର ଛାଇ
ତବ କିରଣ ପରଶେ ଯାଉ ହେ ଉଭାଇ
ଦୟାମୟ ନିରଞ୍ଜନ !
ଅନ୍ଧ ନୟନରେ ଲେପି ଦିଅ ଜ୍ଞାନାଞ୍ଜନ ॥ ୨ ॥

ହୃଦୟ ମନ୍ଦିରେ ବସ କରୁଣା ନିଧାନ
ମାୟା ମଦ ମୋହ ରିପୁ କର ନିସୂଦନ
କୋଟି ଅପରାଧ କ୍ଷମ
ଆତୁର କଣ୍ଠରେ ଡାକେ କିଙ୍କର ଅଧମ ॥ ୩ ॥

# ଆବାହନ

ଅନ୍ଧାର ଏ ମୋ କୁଟୀର ଦୁଆରେ
ନକରି ଆଉ ଉଛୁର
ଆଲୋକର ବତି ଜାଳିଦିଅ ଆସି
ତୁମେ ଶରଣ ପଞ୍ଜର ॥ ୦ ॥

ଅମା ନିଶିଥିନୀ ଆସେ ପାହି ପାହି
ନିଖିଳ ଭୁବନ ଉଠିଲାଣି ଗାଇ
ସେଇ ସୁରେ ମୋର କଣ୍ଠ ମିଳାଇ ଡାକୁ ଅଛି ବାରବାର
ବିଜେକର ଆହେ ଦୟାଳୁ ଠାକୁର ମୋ ମିନତି ଘେନାକର ॥ ୧ ॥

ଭଗାରିଏ ଘେରି ଚଉକତି ମୋର
ଘର ସାରା ଛାଇ ଦିଅନ୍ତି ଅନ୍ଧାର
ଯେତେ ଭାଳିଲେ ମୁଁ କରିବାକୁ ଦୂର ତେତେ ମୁଁ ମାନୁଛି ହାର
ଜ୍ୟୋତିର୍ମୟ ତୁମେ ଦୁରୁଦିନେ ଆସି ଅରାତି ଡର ନିବାର ॥ ୨ ॥

ଆଖି ଆଗେ ଜାଳି ପ୍ରଦୀପ ଜ୍ଞାନର
ଆଲୋକିତ କର ଅନ୍ଧାର କୁଟୀର
ଶୁଭମୟ ହେଉ ବିଶ୍ୱ ଚରାଚର ଆହେ କରୁଣା ସାଗର
ଚରଣ ତଳରେ ପ୍ରଣତି ଜଣାଇ ଆବାହନ ଏ ମନର ॥ ୩ ॥

# ଆବାହନ

ଅନ୍ଧାର ଏଇ କୁଟୀରେ କର ଆଲୋକର ସଂଚାର
ଶୁଭ ଯୋଗେ ଆଜି ନିଶି ପ୍ରଭାତିଛି
ଆସ ଆସ ହେ ଠାକୁର ॥ ୦ ॥

କେତେ କାଳ ଆଉ ଅନ୍ଧାର ଘର କୋଣେ
ସଢୁଥିବି କହ ତୁମ୍ଭ ଦରଶନ ବିନେ
ଦୟାମାୟା ସତେ ଦେଲକି ପାସୋରି
ତୁମେ କୃପା ପାରାବାର ॥ ୧ ॥

ନୀରାଜନା ଲାଗି ଗୁନ୍ଥି କୁସୁମ ହାର
ସଜାଡ଼ି ରଖିଛି ଅଗରୁ ଗନ୍ଧ ସାର
ମିନତି ଚରଣେ ବିଜେକରି ଦୂର
କର ଅମା ଅନ୍ଧକାର ॥ ୨ ॥

# ଆବାହନ

ଅବତର ଅବତର ଅନ୍ତର ଦେବତା ମୋର
ଚିନ୍ମୟ ସୁର ଲୋକବାସୀ
ଅବତର ଜଳେ ସ୍ଥଳେ ସୁନୀଳ ଗଗନ କୋଳେ
ଚଉଦିଗେ ଶୋଭା ପରକାଶି ॥ ୦ ॥

ଦେବ ହେ ! ଆକୁଳ ପରାଣ ଡାକେ ଆଜି
ଅମୃତ ଧାରାରେ ଝରି ସକଳ ପ୍ରାଣେ ସଞ୍ଚରି
ବିପୁଳ ପୁଲକେ ଆସି ଭାସି ॥ ୧ ॥

ଯେତେ ଯହିଁ ନେତ୍ର ପଡ଼େ ଗିରିବନ ନଦୀ ପରେ
ଫୁଟୁ ତହିଁ ତବ ରୂପ ରାଶି
ଗାନ, ଧ୍ୟାନ, ବନ୍ଦନରେ କୀର୍ତ୍ତନ, ଚିନ୍ତନରେ
ଖେଳିଯାଉ ତବ ଭାବରାଜି
ଦେବ ହେ ! ଅଶ୍ରୁଭରା ଅର୍ଘ୍ୟ ଧରି ବନ୍ଦେ
ବିଷୟ ଜଡ଼ ବନ୍ଧନ କରିଦିଅ ଛିନ୍ନ ଭିନ୍ନ
ପ୍ରାଣେ ପ୍ରାଣେ ବାଜୁ ମୁକ୍ତି ଛନ୍ଦେ ॥ ୨ ॥

# ଆବାହନ

ଅବୋଲର ବୋଲ ନ ଶୁଣିବୁ ତୁ କି ମାଆ !
ଡାକି ଥକିଲିଣି ରାତି ହେଲା ପାହାନ୍ତିଆ ॥ ୦ ॥

ଅଜାଣ ଅବୋଧ ହେଲି ବୋଲି ମୁହିଁ
ମାଆ ଫିଙ୍ଗି ଦିଏ ପାଦେ, ଶୁଣା ନାହିଁ
ପଥର ରଜାର ଝିଅ ହେଲୁ ବୋଲି
ପାଷାଣୀ କି ତୋର ନାଆଁ ॥ ୧ ॥

ଆସ ମା', ଆସ ମା' କ୍ଷମାକର ଦୋଷ
ଦରଶନ ଦିଅ ନ ବହି ତୁ ରୋଷ
ତୋ ତେଜ ଝଲକୁ ଆଖି ଆଗେ ଆଗେ
ଦିଶିଯାଉ ଶୁଭ ରାହା ॥ ୨ ॥

ଧନ, ଜନ ତୋତେ କିଛି ନ ମାଗିବି
ନିଶିଦିନ ଖାଲି ତୋତେ ଡାକୁଥିବି
ପାଦତଳେ ବସି ସେବା ଅଭିଳାଷୀ
ହେବି, ଥରେ ଫେରି ଚାହାଁ ॥ ୩ ॥

## ଆବାହନ

ଅମାଘେରା ଏ ମୋ କୁଟୀର ଦୁଆରେ ରତନ ଦୀପାଳି ଜାଳି
ନିଝୁମ ରାତିରେ କିଏ ଗୋ ଅତିଥି ଆସିଲ କି ମନେ ଭାଳି ॥ ୦ ॥

ଲୁଚାଇ ମୁଁ ରଖିଥିଲି
କେତେ ଆପଣାର କରି
ସାଇତି ସଜାଡ଼ି ଦୁନିଆର ଯେତେ, ଅସାର ଦରବ ଖାଲି
ଦୀପ ଆଲୁଅରେ ଦେଖାଇଲ ମୋତେ, ସବୁରେ ସାହାରା ବାଲି ॥ ୧ ॥

କରତା ଆନର କରି
ଗନ୍ତାଘରେ ମୋର ଭରି
ଅତି ଯତନରେ ସମ୍ପାଦି ରଖିଲି ଅମୂଲ ରତନ ବୋଲି
ତୁମେ ଚିହ୍ନାଇଲ ବାଲି ଗରଡ଼ାସେ ଆଖିରେ ଅଞ୍ଜନ ବୋଳି ॥ ୨ ॥

ଘରେ ମୋ ଆଲୋକ ଜାଳି
ଆଉ କାହିଁ ଯିବ ଚାଲି
ପାଦ ଧରି ତୁମ ପଥ ଓଗାଳି ମୁଁ, କରୁଛି ଏତିକି ଅଳି
ମନର ଠାକୁର ପର କରି ମୋତେ, ଦୂରକୁ ନ ଦିଅ ଠେଲି ॥ ୩ ॥

# ଆବାହନ

ଆସ ଆସ ଆସ ପ୍ରେମର ଦେବତା ! କରୁଣା ବାରିବରଷ
ତାପିତ ପତିତ ଅଧମ ଜନରେ ନ କର ଦେବ ନିରାଶ ॥ ୦ ॥

ଗାଇ ଜୟଗୁରୁ ସୁଧାବୋଳା ନାମ
ହେରି ସେ ମଧୁର ରୂପ ଅଭିରାମ
ଅଭୟ ଚରଣ ତଳେ ସଁପି ମନ ପାସୋରୁ ଯେତେ ପରାଶ ॥ ୧ ॥

ପାନ କରି ସେହି ବାଣୀ ମଧୁଝରା
ହେଉ ମୋ ପରାଣ ମନ ମତୁଆରା
ଜାଗୁ ମନେ ଆଶା ମିଳନ ପିଆସା ଶ୍ରୀଗୁରୁ ଚରଣ ପାଶ ॥ ୨ ॥

କଣ୍ଠ ଭରି ସର୍ବେ ଗାଅ ଗୁରୁନାମ
ଗୁରୁ ଏକା ଏହି ଭବ ମୋକ୍ଷଧାମ
'ଜୟଗୁରୁ' 'ଜୟଗୁରୁ' ନାମେ ହେବ ସକଳ କଳୁଷ ନାଶ ॥ ୩ ॥

# ଆବାହନ

ଆସ ଆନନ୍ଦ ସ୍ୱରୂପ ପ୍ରେମ ପସରା
ବାରେ ହୃଦୟ ପରଶ ଶୋକ ପାସୋରା ॥ ୦ ॥

ହସି ହସି ଶିଶୁ ଯାଉଛି ଲୋଟି
ଫୁଟି ଉଠେ ଫୁଲ ବାସ ଚହଟି
ଉଚ୍ଛୁଳେ ଆନନ୍ଦ ଭୁବନ ସାରା ॥ ୧ ॥

ଖେଳି ଯାଏ ହସ ପବନ ଦୋଳେ
ଭାସିଯାଏ ବାସ ମୃଦୁ ହିଲ୍ଲୋଳେ
ହସେ ମିଶି ଭାସେ ସୁବାସ ଧାରା ॥ ୨ ॥

ପ୍ରାଣେ ପ୍ରାଣେ ଆଜି ଏକି ମିଳନ
କାହା ସ୍ମୃତି ଜାଗେ ସକଳ ମନ
ଲଙ୍ଘିଯାଏ ଦେହ ପଞ୍ଜର-କାରା ॥ ୩ ॥

ଆନନ୍ଦେ ନାଚରେ ଆନନ୍ଦ ଦେଇ
ଆନନ୍ଦେ ଆଶିଷ ମଥାରେ ନେଇ
ମୁଞ୍ଚରେ ଆନନ୍ଦ ଲୋତକ ଧାରା ॥ ୪ ॥

ଅନାଏ ତୁମକୁ ସକଳ ଆଖି
ହସି ବସ ସତେ ନିରବ ସାକ୍ଷୀ
ଉଙ୍କିମାରି ହସେ ଗଗନ ତାରା ॥ ୫ ॥

# ଆବାହନ

ଆସ ଆସ ପ୍ରଭୁ ଏ ମୋ ଦୀନ କୁଟୀରେ
ମୃଦୁ ସମୀରେ
ଜ୍ୟୋତିର୍ମୟ ରଥେ ବିଜେକର ସତ୍ୱରେ
ମୃଦୁ ସମୀରେ ॥ ୦ ॥

ତପନ ଦର୍ଶନ ପାଇଁ ଯେହ୍ନେ ନଳିନୀ
ଚାହିଁ ରହିଥାଏ ହୋଇ ସେ ପାଗଳିନୀ
ବିରହର ଅଶ୍ରୁ ମୋର ନୟନୁ ଝରେ, ମୃଦୁ ସମୀରେ ॥ ୧ ॥

ଦରଶନ କରି ତବ ପୁଣ୍ୟ ମୂରତି
କେତେ ତାପୀ ଅନୁତାପୀ ପାଆନ୍ତି ମୁକ୍ତି
ଜୟଗୁରୁ ନାମ ଘୋଷି ଧୀରେ ଧୀରେ, ମୃଦୁ ସମୀରେ ॥ ୨ ॥

ପଦାବ୍ଜ ରଖିବାପାଇଁ ସାଜି ଆସନ
ନିର୍ନିମେଷେ ଚାହିଁଅଛି ଧରି ସୁମନ
ବନ୍ଦାଇବି ପଦଯୁଗ, ପ୍ରେମରେ ଚାହଁ, ସସ୍ନେହ ମୋରେ ॥ ୩ ॥

## ଆବାହନ

ଆସ ସୁନ୍ଦର ଆସ ମଧୁର ପ୍ରେମିକକାନ୍ତ ହେ ଢାଳି ଦିଅ ପ୍ରେମରସ ଧାର
ମଧୁରାଣୀ ଦେଖ ଆଜି ନବ କିଶଳୟ ସାଜି
ମେଲିଅଛି ଶୋଭାର ସମ୍ଭାର ॥ ୦ ॥

ଶିଶିର କୁହେଳି ଛାଣି ଜୀବନ ପ୍ରଭାତିଲାଣି
ସୁନା ରବି କିରଣରେ ଫୁଲରାଣୀ ହସିଲାଣି
ଗୁଣୁଗୁଣୁ ଗୁଞ୍ଜନେ ମଧୁପ ଆଲିଙ୍ଗନେ
ଚହଟାଇ ସଉରଭ ସାର
ତବ ଦରଶନ ଆସେ ନାଚେ ପ୍ରାଣ କି ଉଲ୍ଲସେ
ରଚିବାକୁ ପ୍ରେମ ଅଭିସାର ॥ ୩ ॥

ଦୀର୍ଘ ବିରହେ ମୁହିଁ ଅସରନ୍ତି ଅଶ୍ରୁରାଶି
ସଙ୍ଗିନୀ ସୁପ୍ତା ଆଜି ଉଠାଅ ତାକୁ ଆଶ୍ୱାସି
ଜାଗିବ ଶ୍ରୀମୁଖ ଦେଖି, ସଲଜ୍ଜ ନୟନ ଟେକି
ଯିବ ଖୋଲି କେତେ କୁଞ୍ଜ ଦ୍ୱାର
ଅନ୍ତିମ ସଙ୍ଗମପାଇଁ ଶତକୁଞ୍ଜ ଯିବ ଧାଇଁ
ଉଚ୍ଛୁଳିବ ପ୍ରେମ ପାରାବାର ॥ ୪ ॥

ରୁଦ୍ଧ ଦୁଆର ଖୋଲି ଆସ ସର୍ବେ ଆସ ତ୍ୱରା
ବିଶ୍ରୁଳ ପ୍ରକାଶ ମେଲି ଆଲୋକ ଦିଶେକି ତୋରା
ଦଣ୍ଡେ ନରହ ଘରେ, ଚାଲ ଭାସି ପ୍ରେମ ଭରେ
ତ୍ରିବେଣୀ ସଂଗମ ଏହି ବାର
ଝରିପଡୁ ମୂଳାଧାରୁ ଜୀବନ ଗଙ୍ଗୋତ୍ରୀଠାରୁ
ଗଙ୍ଗାସାଗରେ ମୁକ୍ତଧାର ॥ ୩ ॥

# ଆବାହନ

ଆସିଛନ୍ତି ଆମ ପ୍ରାଣର ଠାକୁର
କରୁଣା ବାରିଦ ବାହି ହେ
ଏ ମରୁ ହୃଦୟେ ଢାଳି ପ୍ରେମ ବାରି
ପତିତ ତାପିତ ପାଇଁ ହେ ॥ ୦ ॥

'ଜୟଗୁରୁ' ନାମ ଅମିୟ ବୋଲା,
ଦେଖିଲେ ସେ ମୁଖ ଘୁଞ୍ଚଇ ଜ୍ୱାଳା
ଅଭୟ ଚରଣେ ଆଶ୍ରୟ କରିଲେ
ଭବ ଭୟ ରହେ ନାହିଁ ହେ ॥ ୧ ॥

କରି ତାଙ୍କ କଥା ଅମୃତ ପାନ
ଜାଗି ଅଛି ଆମ ଅବଶ ପ୍ରାଣ
ହତାଶ ପରାଣେ ତୀବ୍ର ଆଶା ଜାଗେ
'ଜୟଗୁରୁ' ନାମ ଗାଇ ହେ ॥ ୨ ॥

ସର୍ବେ ତାଙ୍କ ପଦେ ନେବାରେ ଆଶ୍ରୟ
ଶୀତଳ ହୋଇବ ତାପିତ ହୃଦୟ
ଆନନ୍ଦ ସାଗରେ ବୁଡ଼ି ରହିଥିବା
ସେ ରୂପ ମାଧୁରୀ ଧ୍ୟାୟୀ ହେ ॥ ୩ ॥

# ଆବାହନ

ଏ ପୁଣ୍ୟ ବାସରେ ସମବେତ ସ୍ୱରେ ଗାଅ ଆବାହନ ଗାନ
ସମ ଉଚ୍ଚ ସ୍ୱରେ ସମାନ ରସରେ ତୋଳ ସମ ମନ୍ଦ୍ର ତାନ
ଏକ ତାଳେ ବାନ୍ଧ ତାର ସ୍ତୁତି ହୃଦୟ ବୀଣାର
ଜୟଗୁରୁ ଜୟଗୁରୁ ଜୟବାଞ୍ଛା କଳ୍ପତରୁ ॥ ୦ ॥

ପ୍ରଳୟ ଅନ୍ତରେ ପ୍ରକୃତି କଣ୍ଠରେ ନିନାଦି ଥିଲା ଓଁକାର
ପ୍ରାଣର କମ୍ପନେ ଖେଳିଗଲା କ୍ଷଣେ ବିପୁଳ ଉଗ୍ର ଝଙ୍କାର
ଅପୂର୍ବ ସୃଷ୍ଟି ରହସ୍ୟ କମ୍ପନରୁ ଜାତ ବିଶ୍ୱ
ତରୁ କୀଟାଦି ଅଶେଷ ଗ୍ରହ, ନକ୍ଷତ୍ର, ମନୁଷ୍ୟ
ଚନ୍ଦ୍ର ତପନ ବିକାଶେ ଅନନ୍ତ ନୀଳ ଆକାଶେ ॥ ୧ ॥

ସମ କମ୍ପେ ବଜା ହୃଦ ବୀଣା ତାର ଅସାଧ୍ୟ କର ସାଧନ
ଯେଉଁ କମ୍ପନରେ ଦୂର ଅତୀତର ବଜାଇଲେ ସୁରଗଣ
କୋଟି ବିଦ୍ୟୁଲତା ଖେଳେ ମହାଜ୍ୟୋତି ମୂର୍ତ୍ତ ହେଲେ
ଦଶଭୁଜା ପ୍ରକାଶିଲେ ତମୋବଳ ବିଧ୍ୱଂସିଲେ ॥ ୨ ॥

ନୀରବେ ଖେଳାଇ ସେ ଜାତି କମ୍ପନ ନିରତ ହିମାଦ୍ରି କୋଣେ
ବରଷକେ ଥରେ ଓହ୍ଲାଇ ଆଣନ୍ତି ତଥାଗତେ ଭିକ୍ଷୁଗଣେ
ପାଷାଣ ବେଦୀରେ ବସି ଶିଷ୍ୟେ ଚାହିଁ ଶାକ୍ୟ ଋଷି
ସିଞ୍ଚି ତୀର୍ଥ ବାରି ରାଶି ଶ୍ରୀକର ତୋଳି ଆଶ୍ୱାସି
ଢାଳନ୍ତି ଆଶିଷ ରାଶି ॥ ୪ ॥

ବିହରନ୍ତି ଆମ ହୃଦୟ ଦେବତା ଏହି ଭକତ ସମାଜେ
ତେଣୁ ମନ୍ଦ୍ରତାନେ ଆବାହନ ଗାନେ ପ୍ରତି ହୃଦତନ୍ତ୍ରୀ ବାଜେ
ସମଞ୍ଜସ କର ତାନ ସମରସେ କର ଗାନ
ଜୟଗୁରୁ ଜୟ ଗାନ ଶ୍ରୁତି ରସାୟନ ନାମ
ଅଛନ୍ତି ପ୍ରତୀକ୍ଷା କରି ଆସିବେ ସେ ଅବତରି
ଭାତିବେ ଶରୀର ଧରି ସ୍ଥୁଳ ନୟନେ ତୋହରି ॥ ୫ ॥

ଅଳପେ ମିଳିବା ଧନ ସେ ନୁହନ୍ତି ଅଳପେ ପାରିବୁ ଧରି
ପୂର୍ଣ୍ଣଭାବେ ମନ ନିରିମଳ ଶୂନ୍ୟ କରି ଡାକ ପ୍ରାଣ ଭରି
ଏତେ କି ସେତେ ତୋହର ଲୋଡ଼ନ୍ତି ନାହିଁ ଠାକୁର
ଅଛି କେତେ ଦେଉ କେତେ ଦେଖନ୍ତି ସିନା ନିରତେ
ମନେ ପ୍ରାଣେ ଡାକ ଦେଲେ ଟଳେ ସେ ଆସନ ହେଲେ ॥ ୬ ॥

କରୁଣା ମୂରତି ସତତ କରନ୍ତି ସତୃଷ୍ଣ ନୟନପାତ
ଆମ ଅଯତନୁ ସ୍ୱେଦସିକ୍ତ ତନୁ ବ୍ୟଥାପାଇ ଆଜି ଶ୍ରାନ୍ତ
ତମ ତନ୍ଦ୍ରା ପରିହର ଶୁଦ୍ଧ ସତ୍ତ୍ୱ ଭାବ ଧର
ଠାକୁର ଆରତି ବେଳେ ଆପ୍ରାଣ ଆହ୍ୱାନ କର
ଡାକରେ ଡାକରେ,
ଏକ କଣ୍ଠେ ଏକ ତାନେ
ସମଶକ୍ତି ଯୁକ୍ତ ତାନେ
ଦେଖାଦେବେ ସଶରୀରେ
ଦେଖିବୁ ସ୍ଥୁଳନେତ୍ରରେ ॥ ୭ ॥

# ଆବାହନ

କରୁଣା ନିଧାନ ଆସ
ଦୀନ ତାପିତର ମରୁ ମରମରେ
ଆଶିଷ ନୀର ବରଷ ॥ ୦ ॥

ଆଶାୟୀ ମନର ପିଆସ ମେଣ୍ଟାଇ
ବିଜେକର ହୃଦାସନେ
ସଫଳ ହେଉ ହେ ଜୀବନ ଜନମ
ଜୟଗୁରୁ ଜୟଗାନେ
ତୁଟିବ ମନ ପରାଶ ॥ ୧ ॥

କମଳ ଚରଣେ ପରାଣ ସଁପିଲେ
ଦୂର ହେବ ଭବ ଭୟ
ତୁମେ ଗୁରୁଦେବ କ୍ଷମାର ସାଗର
ପତିତ ଜନ ଆଶ୍ରୟ
ପୂରାଅ ମନର ଆଶ ॥ ୨ ॥

ଆସରେ ସରବେ କଣ୍ଠ ମିଳାଇ
ଗୁରୁ ପଦ ଆଶ୍ରା କର
ପ୍ରେମେ ଭୋଳ ହୋଇ 'ଜୟଗୁରୁ' ଗାଇ
ସକଳ ଦୁଃଖ ପାସୋର
ଲୋଡ଼ରେ ପଦ ଆଶିଷ ॥ ୩ ॥

## ଆବାହନ

କାତର ପରାଣେ ସନ୍ତାନ ଡାକେ
ମୁକୁଳା କର ମା' ଦୁଆର
ଆକାଶେ ପ୍ରକାଶେ ଅରୁଣ କିରଣ
ଆଉ ତ ସହେନା ଉଚ୍ଛୁର ॥ ୦ ॥

ଏଇତ ବିହଗ କଣ୍ଠେ ଶୁଭୁଛି ତୋହରି ମହିମା ଗୀତି
ଏଇତ ଝରଣା କୁଳୁକୁଳୁ ଛନ୍ଦେ ରଟଇ ତୋର କୀରତି
କଣ୍ଠରେ ମୋର ଭରିଦିଅ ମା'
ତୋହରି ବନ୍ଦନା ସୁର ॥ ୧ ॥

ମନ ଫୁଲ ଢାଳି ପୂଜିବି ତୋର ମା' ରଙ୍ଗ ଚରଣ ଦୁଇ
ଭକତି ଭିକ୍ଷା ମାଗିବି ଖାଲି ମା' ଧନ ଜନ ଲୋଡ଼ା ନାହିଁ
କରୁଣା ନୟନେ ଅନାଅଁ ଥରେ ତୁ
ଆନ ଆଶା ନାହିଁ ମୋର ॥ ୨ ॥

ଜାଣେ ନା କି ଭାଷା, କି ମନ୍ତରେ ଅବା ଶୁଣାଇବି ନିବେଦନ
ଶିଖାଇ ନଦେଲେ ଦୟାମୟୀ ତୁହି କିଏ ଶିଖାଇବ ଆନ
ଇଚ୍ଛାମୟୀ ! ତୁ ତ ସବୁ ତୋର ଇଚ୍ଛା
କରିବୁ କି ସାତପର ॥ ୩ ॥

# ଆବାହନ

କାହାର ଆଦର ସରାଗବୋଳା ସେ ଡାକ ଶୁଭିଲା ମୋ କାନେ ଆସି
ଘୁମ ଘେରା ଏ ମୋ ନୟନ ଯୁଗଳ ଚମକି ଚାହିଁଲା ଶେଯ ତେଜି ॥ ୦ ॥
ଆସ ଆସ ମୋର ପାଶେ ଆସ ବୋଲି
କିଏ ସତେ ମୋତେ ଡାକିଲା ବାରିଲି
ଆଉ କି ଉଛୁର ସହେ କାନ ଯେବେ
ସେ ମଧୁର ସୁର ଗଲା ବାଜି ॥ ୧ ॥
ଖୋଲା ଆଖି ଦେଖା ଦୁନିଆଁର ଛବି
ପଲକରେ କାହିଁ ସତେ ଗଲା ଲିଭି
ମନ ଗହନର ଆଖିରେ ନାଚିଲା
କାହାର ସତେ ସେ ରୂପରାଜି ॥ ୨ ॥
ଡାକ ଅନୁସରି ହେଲି ପରବେଶ
ଦୁଆର ବାରଣ ନାହିଁ ଯହିଁ ଲେଶ
ଫିଟାଇ କବାଟ ନିରେଖିଲି ବେନି
ଫୁଟା କମଳ କି ଅଛି ସାଜି ॥ ୨ ॥
ମହକି ଉଠୁଛି ସୁବାସରେ ଘର
ଆକୁଳ ହେଲା ମୋ ମନ ମଧୁକର
ପିଇ ସୁଖ ସିନ୍ଧୁ ମକରନ୍ଦ ମଧୁ
ଅମଳରେ ଚେତା ଗଲା ହଜି ॥ ୩ ॥
ମାଗିଲି ଏ ନିଶା ନ ତୁଟୁ ଜୀବନେ
କାନେ ବାଜୁ ତୁମ ଡାକ ନିଶିଦିନେ
ଗଣୁଥାଉ ଗୁରୁଦାସ ନିତି ତୁମ
ଦରଶନ ପାଇଁ ଦିନ ପାଞ୍ଜି ॥ ୪ ॥

# ଆବାହନ

ଗୁରୁନାରାୟଣ କୃପାକରି
ଆସିଛନ୍ତି ଆଜି ଅବତରି
ଦେଖିବାକୁ ସଂଘ ମଧୁ ମଉଛବ
କୁସୁମ ଆସନେ ନିଅ ବରି ॥ ୦ ॥

ଧୋଇଦିଅ ନୀରେ ଚରଣ ଯୁଗଳ
ଚାମରରେ କର ତନୁ ସୁଶୀତଳ
ଧରି ବନମାଳା ମଣ୍ଡିଦିଅ ଗଳା
ମଥା ଦିଅ ପାଦେ ନତ କରି ॥ ୧ ॥

ଧୂପ ନଇବେଦ୍ୟ ଦେଇ ଚରଣରେ
ଆମୋଦିତ କର ଅଗୁରୁ-ଗନ୍ଧରେ
ଆବାହନ କରି ଗାଅ ଜୟଗୀତି
ରତନ ପ୍ରଦୀପ ହାତେ ଧରି ॥ ୨ ॥

ସତ୍ୟ ଶିବ ଚିର ଚିନ୍ମୟ ସୁନ୍ଦର
ଚୈତନ୍ୟ ଶାଶ୍ୱତ ବେଦାନ୍ତ ଭାସ୍କର
ସର୍ବମୂଳାଧାର କରୁଣା-ସାଗର
କରୁଣା କରିବେ କୃପା କରି ॥ ୩ ॥

ସଂସାର ଜଞ୍ଜାଳେ ବିଷୟ ବିହ୍ୱଳେ
ଭାସୁଅଛୁଁ ଚିର ଅଥଳ ଜଳରେ,
ମଙ୍ଗୁଆଳ ହୋଇ ବାହି ନେଇଯିବେ
କୂଳେ ପହଞ୍ଚିବ ଆମ ତରି ॥ ୪ ॥

*୧୬/୨/୧୩୬*

## ଆବାହନ

ଜଣାଏ ପଦେ ଯୋଡ଼ି କର ହେ କରୁଣା କର
ଅରୁଣ ରଥେ ବିଜେ କର ହେ କରୁଣା କର ॥ ୦ ॥

ଅମାଘେରା ଏ କୁଟୀର ହେ ଠାକୁର ! ଅମାଘେରା ଏ କୁଟୀର
ଆଲୋକ ଝଲକେ ଉଜଳାଇ ଦିଅ
ଏତିକି ଆଶା ମନର ॥ ୧ ॥

ବିକଚ କମଳ ଦଳ ହେ ଠାକୁର ! ବିକଚ କମଳ ଦଳ
ନିନ୍ଦିତ ଚରଣ ଦରଶନ ପାଇଁ
ମନ ମୋର ତରତର ॥ ୨ ॥

ବନର ବିହଗ ଦଳ ହେ ଠାକୁର ! ବନର ବିହଗ ଦଳ
ତୁମ ଗୁଣ ଗାଇ ଗଗନ ଫଟାଇ
ଭରିଲେଣି ଚରାଚର ॥ ୩ ॥

ମାୟା ଘେରା ମନ ମୋର ହେ ଠାକୁର ! ମାୟା ଘେରା ମନ ମୋର
ତବ ପଦ କଞ୍ଜ ଆବାହନ ଲାଗି
ତେଜିଲାଣି ଘୁମ ଘୋର ॥ ୪ ॥

ନିରାଶ ଆଉ ନକର ହେ ଠାକୁର ! ନିରାଶ ଆଉ ନକର
ଜ୍ୟୋତିର୍ମୟ ରଥେ ବିଜେ କରି ଭବ
ଅମାନିଶା ଦୂରକର ॥ ୫ ॥

# ଆବାହନ

ତୁମେ ନା ସେଦିନ କହିଥିଲ ମୋତେ
ଡାକିଲେ ଆସିବ ବୋଲି
ରାତି ପାହି ଆସେ ନ ଆସ ତ' ପାଶେ
ଡାକି ଡାକି ଥକି ଗଲି ॥ ୦ ॥

ଡାକିଲା ପରି ମୁଁ ଡାକି ଜାଣି ନାହିଁ
ଡାକିବା ରୀତିଟି ଦିଅ ହେ ବତାଇ
ତୁମେ ନ କହିଲେ କିଏ ସେ କହିବ
ଭରା ତ ଭଗାରି ଖାଲି ॥ ୧ ॥

ଆସ ତୁମେ ନାଥ ବାଟ କହିଦିଅ
ଅନ୍ଧ ପରା ମୁହିଁ ହାତ ଧରି ନିଅ
ଖାଲ, ଖଣା ମୁଁ ଯେ ବାରି ନପାରି ତ
ତୁମକୁ ଆସରା କଲା ॥ ୨ ॥

ତୁମେ ଯେବେ ହେବ ନିପଟ ନିଠୁର
ଦୟାନିଧି ନାମ କାହିଁପାଇଁ ଧର ?
ଭଙ୍ଗା ଏ ମୋର କୁଡ଼ିଆ ଦୁଆରେ
ପଡ଼ିଯାଉ ପାଦଧୂଳି ॥ ୩ ॥

# ଆବାହନ

ପ୍ରଣତି ଚରଣେ ଘେନ ଜଗତବନ୍ଦନ !
ଜ୍ଞାନୀଗୁରୁ ତୁମେ ଦେବ ! ପରାଣ-ନନ୍ଦନ
କରକର ଆଗମନ
ଏ ପୂଜା ମଣ୍ଡପେ ଘେନି ସଙ୍ଗେ ଦେବଗଣ ॥ ୧ ॥

ପାପ କଳୁଷିତ ଚିତ୍ତ ଅଜ୍ଞାନ ମୋହିତ
ଅନିତ୍ୟ ଯା ଏ ଜଗତେ ମଣୁ ତେଣୁ ନିତ୍ୟ
ଦିବ୍ୟ କିରଣ ବିସାରି
ଦିଅ ଏ ନୟନୁଁ ଅନ୍ଧକାର ଅପସାରି ॥ ୨ ॥

ବିଷୟ ତୃଷ୍ଣା ଜଡ଼ିତ ଅଶାନ୍ତ ମାନସ
ଜଞ୍ଜାଳ ଜାଳ ନିବାରି, ତ୍ରିତାପ ବିନାଶ
ତୁମେ କରୁଣା-ସାଗର
ଶରଣ ଦିଅ ଚରଣେ ସର୍ବ ଦୁଃଖ ହର ॥ ୩ ॥

ଅକୂଳ ଅଥଳ ଜଳ ସଂସାର ବାରିଧି
ପାପ, ତାପ, କଳୁଷର ନାହିଁ ତ ପରିଧି
ଆହେ ନାବ ଦଣ୍ଡ ଧର
କୃତାର୍ଥ କରି ଅଧମେ ପରିତ୍ରାଣ କର ॥ ୪ ॥

ମୁଖର ବଚନ ତୁଲେ, କରରେ କରମ
ସାଧି ନ ପାରୁଛୁଁ କେବେ ହେ ପୁରୁଷୋତ୍ତମ
ଦୟାକର ଶକ୍ତି ଧର !
(ତବ) କରୁଣାରେ ବାକ୍ୟେ କର୍ମେ ନ ରହୁ ଅନ୍ତର॥ ୫ ॥

ଦେବରାଜ ରୂପେ ଦିଅ ସିନ୍ଧେ ତପ ଫଳ
ତୁମେ ବିଷ୍ଣୁ, ବିଶ୍ୱ ଘୋଷେ ଜୟ ଅବିରଳ
ବିଶ୍ୱ ଲୀଳା ସୁଚତୁର !
ବ୍ରହ୍ମା ରୂପେ ଗତିନୀତି ନିୟନ୍ତ୍ରଣ କର ॥ ୬ ॥

ତୁମେ ନିତ୍ୟ, ତୁମେ ସତ୍ୟ, ତୁମେ ଚିରନ୍ତନ
ସତ୍ୟ ପଥ, ଧର୍ମ ପଥ କର ପ୍ରଦର୍ଶନ
ଢାଳି ଅମିୟର ଧାର
ମଳିନ, ମୂର୍ଚ୍ଛିତ ଚିତ୍ତ ସମୁଜ୍ଜ୍ୱଳ କର ॥ ୭ ॥

ଦିଅ ଦିବ୍ୟ ବୁଦ୍ଧି, ଜ୍ଞାନ ହେ ରସ ଆକର !
ଶ୍ରୀପଦ ସେବାରେ ଚିତ୍ତ ରହୁ ନିରନ୍ତର
ଲଭି ବିପରୀତ ଗତି
ଯାବତ କୁଚିନ୍ତା ପଥୁଁ ଫେରିଆସୁ ମତି ॥ ୮ ॥

କରୁଣା ସାଗର ! ଦୀନ ଜନେ କୃପାକର
ନମୁଅଛୁଁ ଶ୍ରୀଚରଣ ତଳେ ବାରବାର
ଆହେ ପରାଣର ସାଥୀ !
ଜନମେ ଜନମେ ତୁମେ ଜୀବନର ଗତି ॥ ୯ ॥

## ଆବାହନ

ପ୍ରେମମୟ ଜୟ ନିଗମାନନ୍ଦ କାନ୍ତି-କୀର୍ତ୍ତି-ମୂର୍ତ୍ତିମାନ
କୃପାମୟ ଦେବ ! ନିଗମ ଗୌରବ ଶୌର୍ଯ୍ୟ-ଗରିମା-ଦୀପ୍ତିମାନ ॥ ୦ ॥

ସିଦ୍ଧ ସଦଗୁରୁ ଭକ୍ତ କଳ୍ପତରୁ ଅଭୟ ମୂରତି ଜ୍ଞାନବାନ
ନେଇଛୁ ଶରଣ ଜିଣିବୁ ମରଣ ତ୍ରିଜଗତେ ଆମେ ଶକ୍ତିମାନ୍ ॥ ୧ ॥

ନିର୍ଭର କରି ନିର୍ଭୀକ ଆମେ ସଂଗ୍ରାମଜୟୀ ଆର୍ଯ୍ୟ ସନ୍ତାନ
ଜନ୍ମ ମୃତ୍ୟୁ ଛେଦ ଶଙ୍କାବିହୀନ ହୋଇଛୁ ସକଳେ ବୀର୍ଯ୍ୟମାନ ॥ ୨ ॥

ତୁମରି ସାଧନା ଦେଇଛି ପ୍ରେରଣା ବିଶ୍ୱ ହିତେ ଆମେ ତେଜିବୁ ପ୍ରାଣ
କରମ ସାଧନେ ଶରୀର ପାତନେ ଶ୍ରୀଚରଣ ତଳେ ଲଭିବୁଁ ସ୍ଥାନ ॥ ୩ ॥

ଜନ ହିତକର କରମ ତୁମର ସାଧନେ କରିବୁଁ ଜୀବନ ଦାନ
ତବ କୀର୍ତ୍ତି ରକ୍ଷା ଜୀବନର ଦୀକ୍ଷା 'ଜୟଗୁରୁ' ଆମ ସଂଗ୍ରାମ ଗାନ ॥ ୪ ॥

# ଆବାହନ

ସପନୁଁ ଚେତି ମୁଁ ଖୋଜିଲି ସେଦିନ
ଗଗନ, ପବନ, ବନ
ଜଳ ଥଳ ସାରା ପଚାରିଲି କାହିଁ
ଥାଅ ତୁମେ ଜୀବଧନ ॥ ୦ ॥

ସବୁରି ମଝିରେ ତୁମ ହସ ରେଖା
ଦେଖା ଦିଏ ଦୂରେ ଥାଇ
ଅନ୍ତର ଘରର ଗମ୍ଭୀରା ଦେଖିଲି
ତୁମେ ପହୁଡ଼ିଛ ସାଇଁ ॥ ୧ ॥

ହାତ ପସାରି ମୁଁ 'ଆସ' ବୋଲି କେତେ
ଡାକିଲି ବିନୟ କରି
କାନରେ କହିଲ 'ଆସିବ' ଯେବେ ମୁଁ
ଡାକଦେବି ମନ ଭରି ॥ ୨ ॥

# ଆବାହନ

ହେ ନର ଦେବତା ! ଆସ
ତୁମେ ପରା ଜନ ଭାଗ୍ୟ ବିଧାତା, ନକର ଆଜି ନିରାଶ ॥ ୦ ॥

ଧାରା ଶିରାବଣେ ଝରେ ବାରିଧାର
ପୁନେଇର ଚାନ୍ଦ ହସେ ଦରଦର
ଏପରି ଦିନେ ତ ଆସିଥିଲ ତୁମେ
ଧରାରେ କରି ସରସ
ଆଜି ଆମ ଡାକ ନଶୁଭେ କାନେ କି
କହ ଅମର ପୁରୁଷ ॥ ୧ ॥

ଗୋଟିଏ ରୂପରେ ଜନମ ହୋଇଲ
କୋଟିଏ ରୂପରେ ପରକାଶ ହେଲ
ଭକତ ପରାଣେ ଆଜି ତ' ବହୁଛି
ତୁମର ସେହି ନିଃଶ୍ୱାସ
ଯୁଗର ବାରତା କାନେ କାନେ କହି
ଯାଇଛ ତ ପରଦେଶ ॥ ୨ ॥

ତୁମରି ସନ୍ତାନ ଆଜି ଅଶରଣ
କାତରେ ମାଗଇ ଅଭୟ ଶରଣ
ଭେଟି ମୁଁ ଚରଣେ ପ୍ରାଣ ନିବେଦନ
ସାରା ଜୀବନ ଉଚ୍ଛ୍ୱାସ
ନର ନାରାୟଣ ! ପ୍ରଣିପାତ ଘେନ
ଏତିକି ମନର ଆଶ ॥ ୩ ॥

# ଉଦ୍‌ବୋଧନ

ଭକତର 'ଉଦ୍‌ବୋଧନ'ରେ ମନୁଆଁ ଭକତର 'ଉଦ୍‌ବୋଧନ'
କରାଇ ତୁ ଅନୁଦିନରେ ମନୁଆଁ ଜଗାଅ ଭକ୍ତି-ଚେତନ

# ଉଦ୍‌ବୋଧନ

ଅକ୍ଷୟ ଆନନ୍ଦ ଧାମେ ଚାଲରେ ପଥିକ ମନ
ପାଇବୁ ଶାଶ୍ୱତ ସୁଖ ଶମିବ ଦଗଧ ଜୀବନ ॥ ୦ ॥

ସେ ବଡ଼ ପବିତ୍ର ଦେଶ ନାହିଁ ତହିଁ ପାପ ଲେଶ
ପ୍ରେମାନନ୍ଦେ ସମାବେଶ ସକଳ ଶୋକ ଭଞ୍ଜନ ॥ ୧ ॥

(ତଥା) ଶାନ୍ତି ନାମେ ପୁଣ୍ୟନଦୀ ବହୁଛି ତ ନିରବଧି
ନ ରହିବ ମନବ୍ୟାଧି କଲେ ଟି ଅବଗାହନ ॥ ୨ ॥

ଅଜସ୍ର ଅମୀୟ ସୁଧା ବାଞ୍ଛାପୁରେ ମିଳେ ସଦା
ଘୁଞ୍ଚିବ ମନର କ୍ଷୁଧା ସେ ସୁଧା କରି ସେବନ ॥ ୩ ॥

(ତଥା) ନିତ୍ୟାନନ୍ଦ ନିତ୍ୟୋତ୍ସବ ଅନନ୍ତ ପୂର୍ଣ୍ଣ ବୈଭବ
ଅପ୍ରାପ୍ୟ ଅଭାବ ସର୍ବ ତତ୍‌କ୍ଷଣେ ହେବ ପୂରଣ ॥ ୪ ॥

(ତଥା) ସଦାବ୍ରତ ତୃପ୍ତି ଅନ୍ନ ଲାଳସା ନଥାଏ ଆନ
ସେବନେ ବାସନା ପୂର୍ଣ୍ଣ (ହୁଏ) ଚିଦାନନ୍ଦ ଉଦ୍ଦୀପନ ॥ ୫ ॥

*୧୧/୧/୯୩*

# ଉଦ୍‌ବୋଧନ

ଅନା ଫେରିରେ
    ଲୁଚି ଆସେ ରବି, ଯାଏ ଦିନ ସରିରେ ॥ ୦ ॥

ଘନ ଅନ୍ଧକାର ଘେରି ଆସେ
    ତରୀ ଟଳମଳ ଜଳେ ଭାସେ
        ଭବନଦୀ ତରିବାକୁ ଡାକ ନାଉରିରେ ॥ ୧ ॥

ଆଉ ବେଳ ନାହିଁରେ ତୋହର
    ଆୟୁ, ସୂର୍ଯ୍ୟ ଅସ୍ତମୁଖୀ ହେର
        ଚେତ ଚେତ ମନବାଇ ! ମୋହ ପରିହରରେ ॥ ୨ ॥

ଆଖି ଆଗେ ସେ ଆଲୋକ ଜାଳି
    ରାହା ବତାଇ ନେବେରେ ଚାଳି
        ମୁଖେ ଭରି ସୁଧାଝରି ତୋତେ କୋଳ କରିରେ ॥ ୩ ॥

ଯା'ରେ ମଣୁ ତୁହି ଆପଣାର
    ନେବା ସାଥୀ ଦେବା ବେଳେ ପର
        ବେଳ ଥାଉଁ ଚେତ ଚିର ବାନ୍ଧବେ ସୁମରିରେ ॥ ୪ ॥

# ଉଦ୍‌ବୋଧନ

ଆମେ ସବୁ ଆଜି ଏକାଠି ହୋଇଛେଁ
ତାଙ୍କରି ଡାକରା ପାଇ
ପର ପୁଅ ପରି ଦୂରେଇ ରହିବା
କେତେ, ଘର ପୁଅ ହୋଇ ॥ ୧ ॥

ଆସ ପାଶେ ଧନ ଆସରେ ବହନ
ଶୁଣ ଶୁଣ ଡାକେ କିଏ,
ସେ ଆଦର ସୁରେ ମନ ପ୍ରାଣ ଭରେ
ଉଚ୍ଛୁର ଆଉ ନ ସହେ ॥ ୨ ॥

ମାନ ଅପମାନ, ଲାଜ ଅଭିମାନ
କାହିଁ ଦୂରଘୁଞ୍ଚା ଦିଏ
ନୟନର ବାରି ଯାଏ ଅପସରି
କଣ୍ଠ ଗୁଣ-ଗୀତି ଗାଏ ॥ ୩ ॥

କେତେ କାଳ ଧରି ଆଶା ଗଲା ପୂରି
ଏ ମଧୁ ମିଳନ ସତେ
ଲଭି ଦରଶନ ପୂଜିବା ଚରଣ
ଆସରେ ଗୁରୁ ଭକତେ ॥ ୪ ॥

# ଉଦ୍‌ବୋଧନ

ଆସ ଯେତେ ଯହିଁ ଭକତମଣ୍ଡଳୀ
ଗୁରୁପଦ ପୂଜ ନିଉଛାଳି ହେ ॥ ୦ ॥

ବିଜେ କରିଛନ୍ତି ଗୁରୁ ପତିତପାବନ
ନିତ୍ୟଧାମେ ଭକ୍ତଲାଗି ଅମୃତ ସୋପାନ
ଗଢ଼ିବାରେ ସେ ତ ମହାବଳୀ ହେ ॥ ୧ ॥

ଏ ଭବ ମାୟା ବନ୍ଧନୁ ମୁକୁଳିବା ପାଇଁ
ପାପତାପ ହରଣକୁ ଆନ ସାହା ନାହିଁ
ଗୁରୁ ଏକା ଜୀବନ ସଂଖାଳି ହେ ॥ ୨ ॥

ବଜାଇ ପ୍ରେମ ନାଗରା ଗାଇ ଗୁରୁନାମ
ଏ ମର ଭବ ଜଳଧି କରି ସନ୍ତରଣ
ଅମର ଧାମକୁ ଯିବା ଚଳି ହେ ॥ ୩ ॥

ଧିଆନ ନୟନେ ହେର ମୂରତି ସୁନ୍ଦର
କୋଟି ରବି ପ୍ରଭାଜିତ ତେଜ ମନୋହର
ଡାକ ପିତା, ବନ୍ଧୁ, ଭାଇ ବୋଲି ହେ ॥ ୪ ॥

# ଉଦ୍‌ବୋଧନ

ଆସ ଉଚ୍ଛୁର ନକରି ଆସରେ, ଆସ ଆସ !
ପ୍ରେମ ସରୋବରେ ଆନନ୍ଦ ମନରେ
ଦିଅ ପ୍ରେମ ଜଳେ ଝାସରେ ॥ ୦ ॥
ସଙ୍ଗରେ ଘେନି ବନ୍ଧୁ ସୋଦର
ଯେ ଯହିଁ ଅଛରେ ଭକତ ପିତାର
ଜ୍ଞାନ ଗନ୍ତାଘର ଖୋଲା ଅଛି ତା'ର
ଲୁଟିବା ପୂରାଇ ଆସରେ ॥ ୧ ॥
ପିତା ଆମର ତ ପତିତ ପାବନ
ଅଧମ ଜନର ସେ ଏକା ତାରଣ
ପାପର ପଙ୍କରେ ବୁଡ଼ି କିମ୍ପାଇଁରେ
ତନୁରେ କାଳିମା ଲେଶରେ ॥ ୨ ॥
ଆମେତରେ ଏକ ପିତାର ସନ୍ତାନ
ଏକ ଘରେ ବାସ ଏକ ଆମ ମନ
ଭୁଲି ଭେଦା ଭେଦ ଭୁଲି ଯେତେ ବାଦ
ପିତାର ଶରଣ ପଶରେ ॥ ୩ ॥
ଅପାରଗ ଯେଉଁ ସନ୍ତାନ ପିତାର
ଜାଣନା କି ଲଭେ ଅଧିକ ଆଦର
ଆମେ ଯେ ଅଧମ ଆଯୋଗା ଅକ୍ଷମ
କୋଳାଇ ନେବେ ସେ ପାଶରେ ॥ ୪ ॥
ବିତରିବେ ସେ ଯେ ଆନନ୍ଦ ଅମିୟ
ଚାଖି ଏ ଜୀବନ ହେବ ନିରିଭୟ
ଜରା ମରାଣର ନଥିବ ଖାତର ତାଙ୍କ ପ୍ରେମ ଜଳେ ଭାସରେ ॥ ୫ ॥

# ଉଦ୍‌ବୋଧନ

ଆସ ଭକତ ଭଉଣୀ ଭାଇ
ଗୁରୁ ଦୁଆରେ ମିଳିବା ଯାଇ ॥ ୦ ॥

ଆଜି ଶୁଭ ପରଭାତ କାଳେ
ଭେଟିବାରେ ଗୁରୁ ପାଦ ତଳେ
ପ୍ରୀତି କୁସୁମ ଅଞ୍ଜଳି ନେଇ ॥ ୧ ॥

ଶୁଣି ଗୁରୁ ମଧୁର ଡାକରା
ସମରପ ଦେହ ମନ ସାରା
କଣ୍ଠେ 'ଜୟଗୁରୁ' ନାମ ଗାଇ ॥ ୨ ॥

ଗୁରୁ ଏକା ପିତା, ମାତା, ବନ୍ଧୁ
ସେ ଯେ ଚିର କରୁଣାର ସିନ୍ଧୁ
ଆସ ଯିବା ଗୁରୁ ସେବାପାଇଁ ॥ ୩ ॥

ଗୁରୁ କରୁଣା କିଞ୍ଚିତ ହେଲେ
ଭବ ନଦୀ ପାର ହେବା ହେଲେ
ଗୁରୁ ବିନା ସଦଗତି କାହିଁ ? ॥ ୪ ॥

# ଉଦ୍‌ବୋଧନ

ଆସରେ ସରବେ କଣ୍ଠ ମିଳାଇ କର 'ଜୟଗୁରୁ' ଗାନ ॥ ୦ ॥

ଏକ ମାଟିର ସନ୍ତାନ, ଏକ ଜ୍ଞାନ ଏକ ଧ୍ୟାନ
ଏକ ସ୍ଥାନୁ ଆଗମନ ଏକ ସ୍ଥାନକୁ ଗମନ
ମଝି ବେଳତକ ଆଉ କାହିଁକି ଭେଦ ଭିଆଣ ॥ ୧ ॥

ଗୁରୁ ନାମ ମୁଖେ ଗାଇ, ଗୁରୁ ନାମ ସୁଧା ପିଇ
ଭଉଣୀ-ଭାଇ ସେ ଯହିଁ, ହୁଅ ଅବିରତ ବାଇ
ନାମର ଗାୟନ ପୀଠେ ବିଜେ ଗୁରୁ ନାରାୟଣ ॥ ୨ ॥

ଜୟ ଜୟ ଗୁରୁଦେବ ! ଜୟ ହେ ଦୀନ ବାନ୍ଧବ
ଭବ ବାରିଧିର ନାବ, ତୁମେ ଏକା ଦେବଦେବ
ଚରଣ ସେବାରେ ଯାଉ ଗୁରୁ ଦାସର ଜୀବନ ॥ ୩ ॥

# ଉଦ୍‌ବୋଧନ

ଆସ ଆସ ଆସରେ ଭାଇ !
ଗୁରୁ ଦରଶନ କରିବା ଯାଇ ॥ ୦ ॥

ହେର ତାରେ ମୁଦି ନୟନ
ବୁକୁ ପରେ ପାତି ଆସନ
ଦୃଢ଼ କରି ମନ କର ଆରାଧନ
ବିରାଜିବେ ବଳେ ବଳେ ଗୋସାଇଁ ॥ ୧ ॥

ପାପ ତାପ ଭୟ ତୋହର
ପଲକରେ ହେବ ଅନ୍ତର
ଚରଣରେ ତା'ର ଲୋଟାଇ ଦେ ଶିର
ଲଭିବୁରେ ଶାନ୍ତି ସେ ରୂପ ଚାହିଁ ॥ ୨ ॥

# ଉଦ୍‌ବୋଧନ

କଣ୍ଠ ମିଳାଇ ଆସରେ ସରବେ ଡାକରେ ପରାଣ ଧନେ
ଆସିବେ, ନାଶିବେ ଯେତେ ଦୁଃଖରାଶି ପଲକରେ ଚେତ ମନେ ॥ ୦ ॥

ମନ-ମନ୍ଦିରେ ଦୁଆର ମେଲାଇ ଭକତିର ଦୀପ ଜାଳି
ଆଣ ପ୍ରିୟତମ ଦେବତାରେ ଡାକି, ପଦେ ହୋଇ ନିଉଛାଳି
ସବୁ ଜଞ୍ଜାଳ ତୁଟିବ ମନରୁ ଆସିବେ ଯେବେ ସେ ଦିନେ ॥ ୧ ॥

ସେ ଯେ ଜୀବନର ସାଥୀ ଚିରକାଳ ନ ଦିଅ ମନୁ ପାସୋରି
ଡାକିଲା ପରି ତୁ ଡାକିଲେ ଆସିବେ ସବୁ ଦୋଷ କ୍ଷମା କରି
କିଏ ସେ ନ ଜାଣେ କରୁଣା ସାଗର ସେ ଏକା ତିନି ଭୁବନେ ॥ ୨ ॥

ମେଘତଳି ଛୁଆଁ ଦେଉଳ ଅଟ୍ଟାଳି ଅବା ହେମ ସିଂହାସନ
କାହିଁର ସରାଗୀ ନୁହେଁ ସେ ଦେବତା ଲୋକ ଦେଖା ଏ ଭିଆଣ
ମନ ଦୃଢ଼ କରି ଡାକିଲେ ବସନ୍ତି ଧିଆନୀ ମନ ଆସନେ ॥ ୩ ॥

# ଉଦ୍‌ବୋଧନ

ଚାଲ ଯିବା ସଭିଏଁ ଗୁରୁ ଦୁଆରେ
ସେ'ତ ବାଣ୍ଟୁ ଅଛନ୍ତି ଦୟା ମୁଆଁରେ ॥ ୦ ॥

ଆଶିଷ ଆଖୁରସ ରନ୍ଧା ଭାରି ସରସ
ଜଳାଇ ଦୟା ନିଆଁ ପାଗ ବଡ଼ ବଢ଼ିଆ
ମୁଆଁ ବଳା କରୁଣା ଲିଆରେ ॥ ୧ ॥

ଶୁଣିଲି ଆମ ବାଟ କରିବାକୁ ଆକଟ
ଛଅଜଣ ଭଗାରି ଅଛନ୍ତି ଖଣ୍ଡାଧରି
କେହି ନୁହଁନ୍ତି ଊଣା କାହାରେ ॥ ୨ ॥

ବାଟରୁ ତାଙ୍କୁ ଯେବେ ତଡ଼ି ନଦେବା ତେବେ
ହଟହଟା କରିବେ ଖଣାକୁ ଠେଲିଦେବେ
ଅସଲ ଖଣ୍ଟ ଦଗାଦିଆରେ ॥ ୩ ॥

ମନ ଧିଆନ ଭରି ଗୁରୁ ନାମ ସୁମରି
ପାଦ ଚାଳିଲେ ଭାଇ ଆଉ ତୋ ଡର ନାହିଁ
ବାଟରେ ଗୁରୁ ହେବେ ସାହାରେ ॥ ୪ ॥

## ଉଦ୍‌ବୋଧନ

ଡର କାହିଁକିରେ ? ଚାଲ ପିତାର ଦୁଆରେ
ଅନାଥ ନାଥ ସେ ଡାକ ଦେବା ଆସ
ସକଳେ ମିଳି ତାହାରେ ॥ ୦ ॥

ମନ ଧ୍ୟାନ ଦେଇ ଡାକିଲେ ନିଠାଇ
ସେ କି ରହିବ ଥୟରେ ?
ସନ୍ତାନ ବିକଳ ହେରି କେଉଁ ପିତା
ନିହଲରେ ରହିପାରେ ? ॥ ୧ ॥

ଆମେ ନିରାଶ୍ରୟ, ସେ ଏକା ଆଶ୍ରୟ
ଏହି ତିନି ଭୁବନରେ
କରୁଣାନିଧାନ ବୋଲି ଯାର ନାମେ
ଡିଣ୍ଡିମ ବାଜେ କା' ନାଁ ରେ ॥ ୨ ॥

ଭାଇ ବନ୍ଧୁ ମାୟା ବରଜି ମନରୁ
ତାହାରି ଶରଣ ଗଲେ
ଡାକ ନଶୁଣିବ ବିଚାରୁ ମନେ ତୁ
ଏଡ଼ିକି କଠୋର ସେ'ରେ ॥ ୩ ॥

ଆସରେ ସରବେ ତାର ପାଶେ ଯାଇ
ଜଣାଇବା ଯୋଡ଼ି କରେ
ଏ ଭବ ସଙ୍କଟୁ ପାରି କର ପିତା !
ଦେଇ ଠାବ ଶ୍ରୀ ପୟରେ ॥ ୪ ॥

*୨୨/୨/୨୦୫*

# ଉଦ୍‌ବୋଧନ

ପ୍ରିୟତମ ଡାକ ଶୁଭେ ତ ଆଜିରେ
ଶୁଣ ଶୁଣ ଡେରି କାନ
ଡାକି ଆସିଛନ୍ତି ଆସ ବେଗ କରି
ଗଡ଼ି ଯାଏ ତ ଲଗନ ॥ ୦ ॥

ତାପିତ ହୃଦୟ ତୋର
ବହେ ନୀର ଧାରଧାର
ଆଜିର ନୟନ ପୋଛି ଦେବେ ସେ'ତ
ଯିବ ବିରହ ବେଦନ ॥ ୧ ॥

ହେବରେ ମଧୁ ମିଳନ
ମଧୁରେ ପୂରିବ ମନ
ସେହି ପ୍ରେମ ମୁଖ ଅନ୍ତରେ ଜାଗି
ପୁଲକିବରେ ପରାଣ ॥ ୨ ॥

# ଉଦ୍‌ବୋଧନ

ବାଧିଲା ମରମେ ସ୍ୱାର୍ଥର ହୀନ ରାଜୁତି ଜଗତେ ହେରି
'କାହିଁ, କାହିଁ ବୋଲି ଶାନ୍ତି ଖୋଜିଲ ଦୁର୍ଗମ ପଥ ଘୂରି ॥ ୦ ॥
ପ୍ରିୟ ଦେବତାର ଚରଣ ତଳରେ
ନିର୍ଜନେ ବସି ଧିଆନୀ ମନରେ
ଯୋଗାସନ ପାତି ଥିଲେ ଯେ ମଗନ ଆନନ୍ଦ ମନେ ଭରି
ତେଜି ଗଲ ତୁମେ ପ୍ରିୟ ବନ୍ଧୁଜନ ସେହି ଗୁରୁ ଅନୁସରି ॥ ୧ ॥
ଜୟ ପରାଜୟ, ମାନ ଅପମାନେ
ମୁଗ୍ଧ ଚକିତ ନୋହି ତିଳେ ମନେ
ପାଳୁଥିଲେ ତୁମେ ଗୁରୁ ନିର୍ଦ୍ଦେଶ ମଙ୍ଗଳମୟ ଭାଳି
ଯାହା ସେ କରାନ୍ତି, ଯାହା ସେ କହନ୍ତି ଚିର ହିତକର ବୋଲି॥ ୨ ॥
ଫଳାଫଳ ଚିନ୍ତା ନ ଥିଲା ତୁମର
'ଗୁରୁ ଆଜ୍ଞା ଯାହା ସକଳ ମଙ୍ଗଳ'
ବାରବାର କେତେ କାନ ଶୁଣିଅଛି ଏ ମହାବାକ୍ୟ ତୁମରି
ଧନ୍ୟ ଜୀବନ, ଧନ୍ୟ ଜନମ ତୁମ ପଦ ସେବା କରି॥ ୩ ॥
ମାୟା ମୋହ, ମଦ ଛଳରେ ମଗନ
ଅନ୍ଧକାରମୟ ଥିଲା ଏଇ ମନ
ସତ୍ୟ ଧରମ ଯୁଗେ ଯୁଗେ ଲଭେ ଅଭ୍ୟୁଦୟ ଯେଉଁପରି
କ୍ଷଣିକର ଭ୍ରମ ସେ ରୀତିରେ ଆଜି ମନୁ ଗଲା ଅପସରି ॥ ୪ ॥
ଆଜିରେ ପାହିଲା ଅଶାନ୍ତ ନିଶି
ହସିଲେ ଗଗନେ ରବି ପରକାଶି
'ଜୟ ଜୟ' ଗାନ ଶୁଭେ ଚଉଦିଗେ ଗଗନ ପବନ ପୂରି
ବରାଭୟ ଦାନ ମାଗେ ଗୁରୁଦାସ 'ଜୟଗୁରୁ' ଉଚ୍ଚାରି ॥ ୫ ॥

# ଉଦ୍‌ବୋଧନ

ଶୁଭ ପ୍ରଭାତେ ନବ ରବି ପରକାଶ
ମନ-ଫୁଲ ଭରା ଅଞ୍ଜଳି ଘେନି ଆସ ॥ ୦ ॥

ଚରଣରେ ଭେଟି ଦିଅ
ଭକତି ନତି ଜଣାଅ
କଣ୍ଠ ଭରି କହ 'ଜୟଗୁରୁ' ଅବିନାଶ ॥ ୧ ॥

ଆସହେ ସରବେ ଭକତ ମଣ୍ଡଳୀ ! ଆସ
ଶୁଣ ଶୁଣ କାନେ ଶ୍ରୀଗୁରୁ ଅମିୟ ଭାଷ
ଗୁରୁ ପାଦ ତଳେ ମିଳି
କରିବାରେ ଆଜି ଅଳି
ଜଗତର ମାୟା-ମୋହ କର ହେ ବିନାଶ ॥ ୨ ॥

ଏ ଜୀବନ ଗୁରୁ କରୁଣାର ଦାନ
କର କର ତାଙ୍କ ପଦେ ସମର୍ପଣ
ପୂରିବ ମନ ବାସନା
ଘୁଞ୍ଚିବ ପାପ କାମନା
ଅନ୍ତିମେ ହେବ ଶାନ୍ତି ଧାମେ ନିବାସ ॥ ୩ ॥

# ସନ୍ଧ୍ୟାପ୍ରତୀକ୍ଷା

# ସନ୍ଧ୍ୟା ପ୍ରତୀକ୍ଷା

ମୁହଁ ସଞ୍ଜେ ହସି ଘାଟେ ଡାକେତ ନାଉରିରେ
ଆସ ବେଗେ କିଏ ହେବ ପାରି ? ॥ ୦ ॥

ଚଲାମେଘ ଉହାଡ଼ରେ ଚନ୍ଦ୍ରମା ଉଠେ
କୂଳରେ ରଜନୀଗନ୍ଧା ବାସ ଚହଟେ
କଳା ଭଉଁରୀକି ଦେଖି ଯାଆନା ଡରିରେ
ଦୃଢ଼ ମନ କଲେ ହେବୁ ପାରି ॥ ୧ ॥

ଦୁଇ କୂଳ ଲଙ୍ଘି ସୁଅ ଉଚ୍ଛୁଳି ଧାଏଁ
ଥଳ କୂଳ କେଉଁଦିଗେ ଆଖି ନପାଏ
କାତ ମୋର ଅତି ଟାଣ ଦେବି ଉତାରିରେ
ଧରି ମଙ୍ଗ କରିଦେବି ପାରି ॥ ୨ ॥

ଉଠ ଯେତେ ଲୋକ ଭୟ ବିଚାର ନାହିଁ
କରଦେବ ଷୋଳପଣ ଉତାର ପାଇଁ
ମାଲମତା ଛାଡ଼ି ତୁହି ହୁଅନା ଭାରିରେ
ଏହି ନାବେ କରିଦେବି ପାରି ॥ ୩ ॥

ଏଠାପର ବାସ ଚିନ୍ତା ମନେ ଉଇଁଲେ
ପହଞ୍ଚି ପାରିବନି କି ନିଜ ଭୂଇଁରେ
ଏକ ଲକ୍ଷ୍ୟ ସ୍ମର ଭବ ନଦୀର କାଣ୍ଡାରିରେ
ସେହି ନାମେ ହୋଇଯିବ ପାରି ॥ ୪ ॥

# ସନ୍ଧ୍ୟା ପ୍ରତୀକ୍ଷା

ସଞ୍ଜ ଆସୁଛିରେ ଦୂର ପଥ ଯାତ୍ରୀ
ଚାହୁଁ ଚାହୁଁ ଘୋଟି ଯିବ ଘୋର କାଳ ରାତ୍ରି ॥ ୦ ॥

ଦେଖିଲେ ବିଚିତ୍ର ବର୍ଣ୍ଣ, ଝଲସି ଯାଏ ନୟନ
ରହିବ ନା କ୍ଷଣକରେ ମଞ୍ଜର ଏ ଭାତିରେ ॥ ୧ ॥

ହଜିଯିବ ଏ ଚେତନା, ଉଡ଼ିଯିବ ଉନ୍ମାଦନା
ଗ୍ରାସିଯିବ ଅନ୍ତିମର ଘୋର ମୋହ ଭ୍ରାନ୍ତିରେ ॥ ୨ ॥

ଏହି ଧନ ଜନବଳ, ତହିଁ ନୋହିବେ ସମ୍ବଳ
ସଜାଗ ଚେତନା ଏକା ସେହି ପାରେ ସାଥୀରେ ॥ ୩ ॥

ସଜ ହୁଅ ବେଳ ଥାଉଁ , ଆଶ୍ରେକର ମହାବାହୁ
ଲଢ଼ିବାକୁ ହେବ ପଥେ କରାଳ ଅରାତିରେ ॥ ୪ ॥

କରି ଚେତନା ସଂଚାର, ଘୁଞ୍ଚାଇବେ ଅନ୍ଧକାର
ଦେଖାଇବେ ପଥ ଆଗେ ହିରଣ୍ମୟ ଜ୍ୟୋତିରେ ॥ ୫ ॥

ଅମୁହାଁ ଦେଉଳେ ପଶି ପୁହାଇବୁ କ୍ଷଣେ ନିଶି
ଭାଙ୍ଗିଦେବ ମୋହ ନିଦ୍ରା ବିମଳ ପାହାନ୍ତିରେ ॥ ୬ ॥

## ସନ୍ଧ୍ୟା ପ୍ରତୀକ୍ଷା

ସଞ୍ଜ ସମୀରଣେ ମୃଦୁଳ କମ୍ପନେ ଆସ ଫୁଲେ ଫୁଲେ ବାସୀ ହେ
ମନ୍ଦିରେ ମନ୍ଦିରେ ହୃଦୟ-କନ୍ଦରେ ଖେଳାଇ ସୌରଭ ରାଶି ହେ ॥ ୦ ॥

କୁଟୀର ଦୁଆରୁ ଫିଟାଇ ଅର୍ଗଳି ପାତିଛି ଆସନ ଆସିବ ତ ବୋଲି
ଧୂପ, ଦୀପ, ଗନ୍ଧ, ଦୀନ ନଇବେଦ୍ୟ ପୂର୍ଣ୍ଣ କର ସବୁ ଆସି ହେ ॥ ୧ ॥

ଜୀବନ ଚହଳ ନୀରବ ହେଲାଣି ପୁରେ, ଗ୍ରାମେ, ଘରେ ଶାନ୍ତି ରାଜିଲାଣି
ସନ୍ଧ୍ୟା ବନ୍ଦନାର ଅନୁଷ୍ଟୁପ ଛନ୍ଦେ ଆସ ଓଁ କାରରେ ମିଶି ହେ ॥ ୨ ॥

ଭକତ ବତ୍ସଳ ବୋଲି ମୁଁ ତୃପତ ନୁହେଁ କେବେ ଦିନେ ହୋଇନାହିଁ ଭକ୍ତ
ପତିତପାବନ ରୂପେ ଆସ ତାରି ପତିତ ଜଗତବାସୀ ହେ ॥ ୩ ॥

କଳୁଷ କଳଙ୍କ ଗୋଟିଗୋଟି କରି ନିବେଦିବି ଆଗେ ଅନୁତାପ ଭରି
ପ୍ରାରବ୍ଧ ସଂଗତେ ତବ ଇଚ୍ଛା ଧରି ଆସ ଆଶିଷ ବରଷି ହେ ॥ ୪ ॥

ଜାଗରଣେ ଧ୍ୟାନ ସ୍ୱପନେ ସାଧନ ହୋଇ ଆସ ମୋର ନିଦ୍ରାରେ ଚେତନ
ଅନ୍ତର ବାହାର ସକଳ ସମାନ କର ଜ୍ୟୋତି ପରକାଶି ହେ ॥ ୫ ॥

# ସନ୍ଧ୍ୟା ପ୍ରତୀକ୍ଷା

ଫୁଲ ସଞ୍ଜବେଳେ ଶ୍ରୀଚରଣ ତଳେ ପ୍ରଣତି ଘେନ ଠାକୁର
ଅପରାଧୀ ଜନ କରୁଛି ଜଣାଣ ସବୁଦୋଷ କ୍ଷମାକର ॥ ୦ ॥

ନଜାଣେ ଭକତି ସହଜେ କୁମତି ଚଞ୍ଚଳ ମତି ମୋହର
ତୁମ୍ଭ ବିନେ ସତେ କିଏ ଏ ଜଗତେ ଚିତ୍ତ ମୋ କରିବ ସ୍ଥିର ॥ ୧ ॥

ମୋ ମନ କୁଟୀର ମୁକୁଳା ଦୁଆର ଅନାଇ ବାଟ ତୁମ୍ଭର
ପାତିଛି ଆସନ ଗୁନ୍ଥିଛି ସୁମନ ଗଳେ ଲମ୍ବାଇବି ହାର ॥ ୨ ॥

ଭବ ସାଗରେ ମୋ ତରୀ ଟଳମଳ ତୁମେ ନାଉରିଆ ତାର
ଷଡ଼ରିପୁ ଆସି ପିଟନ୍ତି ବତାସି ତୁମେ କରିବ ହେ ପାର ॥ ୩ ॥

ଜୀବନ ଆକାଶେ ବେଳ ବୁଡ଼ିଆସେ ତୁମେ ଏକା ଚାନ୍ଦ କର
ଦାସ ପଣେ ଘେନ କରୁଛି ଜଣାଣ କର ଭବନଦୀ ପାର ॥ ୪ ॥

# ଅଭିଳାଷ

ଥାପିଛି ଦେବତା ! ତୁମରି ମନ୍ଦିରେ ସେ ସିନା ତୁମରି ସୌମ୍ୟ ମୂରତି
ସଂଜ ସକାଳେ ସେହି ମୋ ସାଧନା ତୁମରି ବନ୍ଦନା ତୁମରି ଆରତି ॥ ୦ ॥

ସଂସାର ଜଞ୍ଜାଳେ କର୍ମ କୋଳାହଳେ କ୍ଷିପ୍ତ ସଦା ମନ ବିଷୟ ବିହ୍ୱଳେ
ଅବ୍ୟକ୍ତ ସାନ୍ତ୍ୱନା ପାଏଁ ଯାହା ତିଳେ ତାହାତ ତୁମରି ସ୍ନିଗ୍ଧ କୀରତି ॥ ୧ ॥

ଧାଇଁଥିଲି ଏକା ବନ୍ଧୁର ଏ ପଥେ, ଦୁଆରୁଁ ଦୁଆରେ ଘୂରି ଅବିରତେ
ମଝି ଯଉବନେ ହୃଦ ବାତାୟନେ ଫୁଟିଲା ତ ଯାହା ତମ ପ୍ରତିକୃତି ॥ ୨ ॥

ଭଙ୍ଗୁର ଖେଳଣା ଦେଖେ କେତେ ନିତି ଚାହାଁଣି ଲୋତକ ଅଭିମାନ ପ୍ରୀତି
ଘୂରିଯାଏ ମତି ଭଉଁରୀରେ ମାତି ଟାଣି ଆଣେ ଯାହା ତବ ପୁଣ୍ୟ ସ୍ମୃତି ॥ ୩ ॥

ପ୍ରଲୋଭନ ଜାଗେ ମଦିର ସଂଗୀତେ ମଧୁବାତ କି ସେ ପ୍ରାଣ ଥରା ଶୀତେ
ପଡୁ ପଡୁ ଧରା ମୋହନ ଆବର୍ତ୍ତେ ଚେତାଇ ଦିଏ ଯା ସେ ତ ତୁମ ପ୍ରୀତ ॥ ୪ ॥

ତୁମରି ସଂପଦେ ପରା ଅଧିକାରୀ ତୁମରି ପ୍ରସାଦେ ଆଜି ମୁଁ ଭିକାରି
ମାଗିବୁଲେ ଶତ ଭକତ ଦୁଆରେ ଭିଖ ଯାହା ତବ କରୁଣା ଶାଶ୍ୱତୀ ॥ ୫ ॥

ଏ ମଣି ମନ୍ଦିରେ ବାଜି ଉଠୁ ବାରେ ଆଗମନୀ ତବ ଅନାହତ ତାରେ
ଜାଳିଛି ଅଳିଭା ଦୀପାଳି ଜାଗରେ ପାଇବା ଆଶାରେ ତବ ସ୍ନିଗ୍ଧ ଜ୍ୟୋତି ॥ ୬ ॥

❀❀❀

# ଆରତି

# ମଙ୍ଗଳ ଆରତି

ଜୟଜୟ ଗୁରୁଦେବ ମଙ୍ଗଳ ଆରତି
ରତନ-ପ୍ରଦୀପେ ଜଳେ ସୁବାସିତ ବାତି ॥ ୧ ॥

ଶଙ୍ଖ ବାଜେ, ଘଣ୍ଟା ବାଜେ ବାଜେ କରତାଳ
ମଧୁର ମୃଦଙ୍ଗ ବାଜେ ଶୁନିତେ ରସାଳ ॥ ୨ ॥

ବିବିଧ କୁସୁମ ଦଲେ ବନମାଲା ଗଲେ
ପ୍ରେମେର ହିଲ୍ଲୋଲେ ମାଲା ନାଦୋଲାତେ ଦୋଲେ ॥ ୩ ॥

ବିଚିତ୍ର ଚାନ୍ଦୁଆ ଶୋହେ ରତନ ଝାଲର
ଦୁହୁଁ ପାଶେ ଶୋଭାକରେ ଧବଳ ଚାମର ॥ ୪ ॥

ଚନ୍ଦ୍ର, ସୂର୍ଯ୍ୟ ଜିନି ରୂପ ବରନ ଉଜ୍ଜ୍ୱଳ
ରକ୍ତ କୋକନଦ ଶୋହେ ଚରନ ଯୁଗଲ ॥ ୫ ॥

ହାସେ କାନ୍ଦେ ନାଚେ ଗାୟ, ଦିଏ କରତାଳି
ମାଟିତେ ଲୋଟାୟେ କେହୁ 'ଜୟଗୁରୁ' ବୋଲି ॥ ୬ ॥

ଜୟଗୁରୁ, ଜୟଗୁରୁ ରବେ ଭରିଲ ଭୁବନ
ମଙ୍ଗଳ ଆରତି କଲେ ମିଲି ଭକ୍ତଗନ ॥ ୭ ॥

## ମଙ୍ଗଳ ଆରତି

ନିତ୍ୟସ୍ଥଳୀ ମନୋହର ମନୋରମ ସ୍ଥାନ
ଦିବ୍ୟ ଚିନ୍ତାମଣିପୁର ଅତି ସୁଶୋଭନ ॥ ୧ ॥

ରତନ-ମନ୍ଦିରେ ଶୋଭେ କାଳିନ୍ଦୀର ନୀରେ
ରାଜହଂସ ସ୍ୱର୍ଣ୍ଣପଦ୍ମମଧ୍ୟେ କେଳି କରେ ॥ ୨ ॥

ପଦ୍ମୋପରି ରତ୍ନ ସିଂହାସନେ ପ୍ରିୟତମ
ଲାବଣ୍ୟ ମୂର୍ତ୍ତିରେ ବିରାଜିତ ଅନୁପମ ॥ ୩ ॥

ଅଷ୍ଟଦଳେ ଅଷ୍ଟଦଳ ପ୍ରେମିକ ଭକତ
ହାସ-ପରିହାସେ ନିତ୍ୟ ସେବାରେ ନିରତ ॥ ୪ ॥

ଲଳିତ ବଚନ ଭାଷି ତାମ୍ବୁଳେ କେ ଦିଏ
ସଖାଗଣ ବିଶେଷେ କେ ଚନ୍ଦନ ଯୋଗାଏ ॥ ୫ ॥

ଚିତ୍ର-ବିଚିତ୍ର ବସନ ଅଳଙ୍କାର ଘେନି
ଇନ୍ଦୁରେଖା ଅଙ୍କା ପଙ୍ଖା ଯୋଗାଏ କେ ପୁଣି ॥ ୬ ॥

ଚମ୍ପକଲତିକା-କାନ୍ତି ଚାମର ପକାଏ
ଉତ୍କଣ୍ଠାଭାବେ କେ ରଙ୍ଗ ଅଳତା ଲଗାଏ ॥ ୭ ॥

ଗୀତା ବିଦ୍ୟା ବାଦ୍ୟେ ତୁଙ୍ଗ ଅନୁରାଗୀ ଭକ୍ତ

ଗୀତ ବାଦ୍ୟ ନୃତ୍ୟ ରଙ୍ଗେ ମୋହେ ପ୍ରଭୁଚିତ୍ତ ॥ ୮ ॥
ସୁଦିବ୍ୟ ସୁବର୍ଣ୍ଣ କାନ୍ତି ପ୍ରବାଳବରଣ
ସୁମାନସେ ସ୍ୱଚ୍ଛନୀରେ ରଞ୍ଜେ ପ୍ରଭୁ-ମନ ॥ ୯ ॥

ଦେଖ ରଙ୍ଗେ ଘଣ୍ଟା ବାଜେ, ବାଜେ ଭେରୀ ତୁରୀ
ମଧୁର ମୃଦଙ୍ଗସ୍ୱନ ପଡୁଛି ଉଚ୍ଛୁଳି ॥ ୧୦ ॥

କେହୁ ନାଚେ କେହୁ ଗାଏ ଦେଇ କରତାଳି
ଉନମତ୍ତ ଭକ୍ତବୃନ୍ଦ ଜୟନାଦ କରି ॥ ୧୧ ॥

ଯା ଅଙ୍କେ ଶୋଭିତା ବିଶ୍ୱପିତା ଜଗନ୍ମାତା
ଯେ ସ୍ୱୟଂ ଅଟନ୍ତି ତ୍ରିଭୁବନତ୍ରାଣକର୍ତ୍ତା ॥ ୧୨ ॥

ଖଟୁଛନ୍ତି ଯା' ପୟରେ ଭାବୁକ ଭକତ
ପ୍ରେମେ ମୁଗ୍ଧ କରି ହରୁଛନ୍ତି ପ୍ରଭୁଚିତ୍ତ ॥ ୧୩ ॥

ନାହିଁ ଅଳକୂଳ ଏଥି ଦୀନଭକ୍ତଙ୍କର
କି ଅଛି କି ଅରପିବୁ ଶ୍ରୀପଦକମଳ ॥ ୧୪ ॥

ଏତିକି ମାତର ଜଣା ଅଛି ତୁମଠାରେ
ଅରପଣ କରୁଁ 'ମନ' ତବ ଶ୍ରୀପୟରେ ॥ ୧୫ ॥

# ସନ୍ଧ୍ୟା ଆରତି

ଦିଏ ମୁଁ ଆରତି ତୁମରି ମନ୍ଦିରେ ପ୍ରାଣପ୍ରିୟ ପିତା ମୋର
ଶଙ୍ଖ-ଘଣ୍ଟା ବାଦ୍ୟେ ମଧୁର ନିନାଦେ, ବିଜୟ ଗୀତିକା ସ୍ୱର ॥ ୦ ॥

ମିଳିତ କଣ୍ଠରେ ତୁମରି ବିଜୟ ଘୋଷନ୍ତି ଭକତବୃନ୍ଦ
ତାଳେତାଳେ ନାଚେ ଦେହ-ମନ-ପ୍ରାଣ, ତାଳେତାଳେ ଖେଳେ ଛନ୍ଦ ॥ ୨ ॥

ସେ ମଧୁ ଛନ୍ଦରେ ଧ୍ୱନିତ ମଧୁରେ 'ଜୟଗୁରୁ' ସିଦ୍ଧମନ୍ତ୍ର
ଖେଳାଏ କମ୍ପନ ଭାବନା-ଜଗତେ, ଭେଦି ବିଶ୍ୱମନ ଯନ୍ତ୍ର ॥ ୩ ॥

ସେ ଧ୍ୱନି ପରଶେ ନାଚନ୍ତି ହରଷେ, ସୁଦୂର ଗ୍ରହ ତାରକା
ଛାୟା ପଥ ପାରେ ଜୀବନ ସଞ୍ଚାରେ, ଭାସମାନ ନୀହାରିକା ॥ ୪ ॥

ପ୍ରତି ପରମାଣୁ ତୋଳେ ପ୍ରତିଧ୍ୱନି, ବିଶ୍ୱରେ ଖେଳେ ଚେତନା
ପ୍ରସାରିତ ଆତ୍ମା କରେ ଆସ୍ୱାଦନ, ଯହିଁ ତହିଁ ଉନ୍ମାଦନା ॥ ୫ ॥

ଲୋକୁ ଲୋକାନ୍ତରେ ବାଜେ ସପ୍ତଲୋକେ, ପ୍ରାଣ ମତାଣିଆ ନାମ
ଶୁଭ ଏ ଆରତି ପୂର୍ଣ୍ଣ କରି ଫୁଟୁ ତୁମରି ମୋହନ ଠାମ ॥ ୬ ॥

ଦେଉଛି ଇନ୍ଦ୍ରିୟ ମନ ଅର୍ଘ୍ୟ ନିଅ, ଦୀନବନ୍ଧୁ ଭକ୍ତବନ୍ଧୁ
ଜୟ ପ୍ରେମମୟ ନିଗମାନନ୍ଦ ! ଜୟ ଜୟ ପ୍ରେମସିନ୍ଧୁ ! ॥ ୭ ॥

# ସନ୍ଧ୍ୟା ଆରତି

ଦିଅ କୋଟି ହୃଦେ ଢ଼ାଳି ପ୍ରେମ ବିନ୍ଦୁ, ପ୍ରେମସିନ୍ଧୁ ! ॥ ୦ ॥

ବିନ୍ଦୁଏ ଭକତି ମୋର ବିନ୍ଦୁଏ ଲୋତକ
ପାଇବ କି ଶୋଭା ହୋଇ ଚରଣ ଉଦକ,
ମହେନ୍ଦ୍ର ତନୟା ନୀରେ ପଖାଳିବୁଁ ପାଦ ଧୀରେ
ପୋଛିବୁଁ ସକଳ ବ୍ୟଥା, ସୁଖେ ହୃଦୁଁ ॥ ୧ ॥

ନାହିଁ ତବ ବିଶେଷଣ ନାହିଁ ନାମ ଗୁଣ,
ଭକ୍ତି ଆକର୍ଷଣେ ଆସି ବୋଲାଅ ସୁଗୁଣ,
ନାହିଁ ମୋ ଭକତି ବଳ, ନିଜ ମନକୁ କେବଳ
ବନ୍ଧାଇବି ଭରି ତପ୍ତ ଅଶ୍ରୁବିନ୍ଦୁ ॥ ୨ ॥

ତବ ଆଗମନେ ଧରା ଉଠିବ ଉଲ୍ଲସି
ନାଚିବ ନିରସ ପ୍ରାଣ ଶିଶୁ ପରି ହସି
କର୍ମ କୋଳାହଳେ ପୂରି, ଅବସର ଚିନ୍ତା ଭରି
ପ୍ରେମ ପ୍ଲାବନରେ ଆସ ପ୍ରାଣବନ୍ଧୁ ॥ ୩ ॥

ରଚିବ ମରଣ କୋଳେ ଅମର ଜୀବନ
ସଞ୍ଚିବ ମରତେ ସୁଧାଭାଣ୍ଡ କରି ପୂର୍ଣ୍ଣ,
ସେ ଦେଶ ସନ୍ଦେଶ କହି ନିତ୍ୟ ପୀରତି ଚଖାଇ
ଘୁଞ୍ଚାଇବ ଦୀନ-କ୍ଷୁଧା ଦୀନବନ୍ଧୁ ! ॥ ୪ ॥

# ସନ୍ଧ୍ୟା ଆରତି

ମହୀରୁହ ରସୋତ୍ପନ୍ନ ସୁମନୋହର
ଦିବ୍ୟ ସଉରଭେ ଭରା ଧୂପ ରୁଚିର ॥ ୦ ॥
ତବ ଅର୍ଚ୍ଚନା ଆଶେ, ଦୀନ ସେବକବେଶେ
ଧୂପହସ୍ତେ ଉଭା ଦେବ ! କଲ୍ମଷ ହର ॥ ୧ ॥

ଧୂପ ଧୀରେ ପ୍ରସରି ରଙ୍ଗେ ଖେଳେ ଭଉଁରୀ
ନଭେ ମିଶି ନଶ୍ୱରତା କରେ ପ୍ରଚାର ॥ ୨ ॥

ହୈମ ବରଣ ଅଙ୍ଗ ନିନ୍ଦେ କୋଟି ଅନଙ୍ଗ
ଜ୍ୟୋତିର୍ମୟ ନଭେ ରାଜେ କି ପୂର୍ଣ୍ଣଚନ୍ଦ୍ର ॥ ୩ ॥

ଘଣ୍ଟା ଟଂ ଟଂ ଟଂ ବାଜେ ବୀଣା ରାଗିଣୀ ସାଜେ
ବାଜେ ତାକ୍ ଧିନି ମୃଦଙ୍ଗ ଗୁରୁଗମ୍ଭୀର ॥ ୪ ॥

ଦୁଃଖ ପାସୋରା ପଦ ଅବ୍ଜ ଶୋଭା ସମ୍ପଦ
ମନ ପ୍ରାଣ କିଣେ ନାଶି ଅହଂ ବିକାର ॥ ୫ ॥

ପ୍ରେମେ ବିଶ୍ୱ ବିଭୋର ଦେବ ! ହେ ନରାକାର !
ଅବତରି ବିତର ହେ କୃପାକୂପାର ॥ ୬ ॥

ମୋର ଏହି ମିନତି ଆଜ୍ଞା ହେଉ ହେ ଯତି !
ହୃଦଚିତ୍ରପଟେ ଫୁଟୁ ମୂର୍ତ୍ତି ତୁମର ॥ ୭ ॥

# ପୂଜାର୍ଚ୍ଚନା

# ପୂଜାର୍ଚ୍ଚନା

ଆଜି ସଜାଡ଼ ଦେବ ପୂଜାର ହେ, ଉପଚାର
ବରଷୁଁ ବରଷେ ଘୂରି ଅବଶେଷେ
ଭାଗ୍ୟେ ଆସିଛି ପୂର୍ଣ୍ଣିମା ଆଜି,
ଖୋଲ ଦୁଆର ହେ ॥ ୦ ॥

ଭକ୍ତିପୂତ ପୀଠେ ଜାଗିବେ ଦେବତା
ଦେଇଯିବେ ଗୁପ୍ତ ଜୀବନ ବାରତା,
ପୁଣ୍ୟ ଏ ମୁହୂର୍ତ୍ତେ, ସ୍ମର ନିତ୍ୟ କଥା
ହୁଅ ବିମଳ, ଜୀର୍ଣ୍ଣ ମନ୍ଦିର
କର ତିଆର ହେ ॥ ୧ ॥

ଭାର୍ଗବୀ ସଲିଳେ ପଖାଳ ଚରଣ
ମହୋଦଧି ଜଳେ କର ହେ ବନ୍ଦନ
କୁସୁମ ଭୂଷଣ, ଅଗୁରୁ ଚନ୍ଦନ
କର୍ପୂର ଧୂପ, ସୁବାସ ଦୀପ
ଦିଅ ପୂଜାର ହେ ॥ ୨ ॥

ଯାହା ରୁଚି ଦିଅ ନଇବେଦ୍ୟ ପାଇଁ
ଗ୍ରହଣ କରିବେ ଭକ୍ତମନ ଚାହିଁ
ଭକ୍ତର ଅଯୋଗ୍ୟ ଉପଚାର ନାହିଁ
ହୁଅ ନିଶ୍ଚଳ, ଦିଅ ନିର୍ମଳ
ପ୍ରେମ ରସାଳ ହେ ॥ ୩ ॥

ଦରଶନ କର ନୀରବ ଧ୍ୟାନରେ
ବସାଅ ଆନନ୍ଦେ ହୃଦ-ଆସନରେ
ରଖ ଜାଗରଣ ସୁପ୍ତି ସପନରେ
ଧନ୍ୟ ଏ ଯୁଗେ, ପୁଣ୍ୟ ସଂଯୋଗେ
ଏ ଲଗ୍ନ ସାର ହେ ॥ ୪ ॥

ଅନ୍ତହୀନ ପଥେ ଶରୀରେ ଅଙ୍କିତ
ଯୋଗ-ଜ୍ଞାନ-ଭକ୍ତି-ତପସ୍ୟା-ମଣ୍ଡିତ
ଜୀବନ ଦୁଆରେ ଲଗ୍ନ ଉପସ୍ଥିତ
କର ବରଣ, ଆଉ ନରଖ
ରଣ କାହାର ହେ ॥ ୫ ॥

# ପୂଜାର୍ଚ୍ଚନା

ଆସିଛନ୍ତି ଅବତରି ଚିନ୍ମୟ ରୂପ ଧରି ହୃଦୟ ଦେବତା ପରକାଶି
ସୁବାସିତ ଧୂପ ଧର, ରଙ୍ଗେ ଆବାହନ କର,
ବସାଅ ଆସନେ ମନ ତୋଷି
ପାଦାସନ ଦିଅ ଖଞ୍ଜି ପାଦପଦ୍ମ ଦିଅ ସାଜି ॥ ୧ ॥

ସୁବାସିତ ଜଳ ଘେନି ପଖାଳ ହେ ପାଦ ବେନି
ସୁଝିନ ବସନେ ଦିଅ ପୋଛି
ସୁବାସିତ ଜଳ ଦେଇ ମୁଖ ଧଉତ କରାଇ
ଦନ୍ତ ମାରଜନ ମନେଇଛି
କରାଇ ମୁଖ ଧଉତ, ବସନେ ପୋଛ ତୁରିତ
ସୁଗନ୍ଧ ତୈଳ ମର୍ଦ୍ଦନ, କର ହୋଇ ହୃଷ୍ଟ ମନ
ପାଇ ଚୁମ୍ବକ ପରଶ, ଖେଳାଅ ପରାଣେ ହର୍ଷ ॥ ୨ ॥

କର୍ପୂର ଅଗୁରୁ ଗୋଳି ସ୍ୱର୍ଣ୍ଣ କୁମ୍ଭେ ଢାଳ ଶ୍ରୀଅଙ୍ଗେ ଯତନେ
ଗାତ୍ର ମାରଜନ ପୁଣି ଜଳେ ସ୍ନାନ କରିଣ ପୋଛ ବସନେ
ପିନ୍ଧାଅ କୁଞ୍ଚି ବସନ, ଦିଅ ଉତ୍ତରୀ ସାଜିଣ
କେଶ ପ୍ରସାଧନ କର, ଦରପଣ ଧରି କର
ଅଗୁରୁ ଚନ୍ଦନ ଗୋଳି, ଶ୍ରୀଅଙ୍ଗରେ ଦିଅ ବୋଳି
ସୁଗନ୍ଧ ସୁମନ ହାର, ଭୂଷଣ ଖଞ୍ଜି ଆବର ॥ ୩ ॥

ସଜାଅ ଭୋଗ ଆସନ ନୈବେଦ୍ୟ ମିଷ୍ଟାନ୍ନ
ସଜାଅ ପାନୀୟ ଜଳ, ଧୂପେ ଆବାହନ

ଆସ ଆସ ମୋର ହୃଦୟେଶ୍ୱର
ଭୋଗ-ଆସନରେ ବିରାଜ କର
ଏଇ ନଇବେଦ୍ୟ ଗ୍ରହଣ କର
ଏ ଦୀନ ପରାଣୁଁ ସନ୍ତାପ ହର,
ବିଲୋକ ଦୀପ ଆଲୋକେ, ସଜାଇ ରଖିଛି ଯେତେ ॥ ୪ ॥

ଆଚମନ ଜଳ ଦେଇ ମିଷ୍ଟାନ୍ନ ଭୁଞ୍ଜାଅ
ପ୍ରୀତି କଥୋପକଥନେ ମନକୁ ରଞ୍ଜାଅ ।
ଭୋଜନାନ୍ତେ ତୁଷ୍ଟିକର ଦେଇଣ ପାନୀୟ
ବସନରେ ମୁଖ ପୋଛି ତାମ୍ବୁଳ ଯୋଗାଅ
ଦେଇ ଆଚମନ ନୀର, ଶ୍ରୀକର ପୋଛ ସତ୍ୱର
ବସାଅ ପୂର୍ବ ଆସନେ, ହୋଇ ହୃଷ୍ଟ ମନେ ପ୍ରାଣେ
ଏହି ନିବେଦନ କର, ପୁଷ୍ପାଞ୍ଜଳି ଧରି କର ॥ ୫ ॥

ଅତି ଅଭାଜନ ମୁହିଁ ନ ଜାଣେ ପୂଜନ
ନଜାଣଇ ଆବାହନ କିବା ବିସର୍ଜନ ହେ
କ୍ଷମା କର ପ୍ରାଣବନ୍ଧୁ, ଦୀନବନ୍ଧୁ ପ୍ରେମସିନ୍ଧୁ
ଏହି ନିବେଦନ ମୋର, ଘେନ ହେ ପରାଣେଶ୍ୱର
ଯହିଁ ଇଚ୍ଛା ତହିଁ ନିଅ, ପାଶେ ପାଶେ ରହିଥାଅ
ସ୍ୱର୍ଗେ ବା ନରକେ ନିଅ, ପାଶେ ପାଶେ ରହିଥାଅ
କି କହିବି ଆଉ ମୁହିଁ , କିବା ଅଜଣା ଅଛଇ ? ॥ ୬ ॥

# ପ୍ରାତଃ ବନ୍ଦନା

ବନ୍ଦଇ ଗୁରୁ ଚରଣ କମଳ ଯୁଗଳ
ଯୋଗୀଜନ ଧ୍ୟାନେ ଯାର ମଗ୍ନ ଅବିରଳ
ଭବ ପାରାବାର ସେତୁ
ସକଳ କଳୁଷ ହାରୀ ଭୁକ୍ତି ମୁକ୍ତି ହେତୁ ॥ ୧ ॥

ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁ ମହେଶ୍ୱର
ଗୁରୁ ସର୍ବ ତତ୍ତ୍ୱମୟ ଗୁରୁ ପରାତ୍ପର
ଗୁରୁ ସର୍ବଦେବ ମୟ
ଜଳ ସ୍ଥଳ ଅନ୍ତରୀକ୍ଷ ବିଶ୍ୱ ଗୁରୁମୟ ॥ ୨ ॥

ଧ୍ୟାନାତୀତ ଭାବାତୀତ ନିତ୍ୟ ନିରଞ୍ଜନ
ଗୁଣାତୀତ ଦ୍ୱନ୍ଦ୍ୱାତୀତ ସତ୍ୟ ସନାତନ
ଗୁରୁ ସଦା ସାକ୍ଷୀଭୂତ
ବିନ୍ଦୁନାଦ କଳାତୀତ ଗୁରୁ ବ୍ୟୋମାତୀତ ॥ ୩ ॥

ଗୁରୁ ହିଁ ସକଳ ମନ୍ତ୍ର ଗୁରୁ ସର୍ବ ଯନ୍ତ୍ର
ଗୁରୁ ହିଁ ସକଳ ତୀର୍ଥ ଗୁରୁ ସର୍ବ ବ୍ରତ
ଗୁରୁ ଇଷ୍ଟ ଗୁରୁ ବ୍ରହ୍ମ
ଗୁରୁ ବିରହିତ କର୍ମ ସ୍ୱଭାବେ ଅକର୍ମ ॥ ୪ ॥

ଅଜ୍ଞାନ ନାଶକ ଗୁରୁ ସ୍ୱରୂପ ପ୍ରାପକ
ଭାବ ନିୟାମକ ଗୁରୁ ଅଭାବ ନାଶକ
ଗୁରୁ ପ୍ରାରବ୍ଧ ରୋଧକ
ଅଗତି ଗତି ଦାୟକ ଶାନ୍ତି ବିଧାୟକ ॥ ୫ ॥

ଗୁରୁ ସମସ୍ତର ଆଦି ଅନାଦି ହିଁ ଗୁରୁ
କୁଣ୍ଡଳିନୀ ଜାଗରଣ ତାଙ୍କରି କୃପାରୁ
ହୃଦଗ୍ରନ୍ଥି ଭେଦକାରୀ
ତତ୍ତ୍ୱମସି ମୂର୍ତ୍ତିମନ୍ତ ରିପୁ ନାଶକାରୀ ॥ ୬ ॥

ଶମନ ଭୟ ବାରଣ ପତିତ ପାବନ
ଆତ୍ମାରାମ ଅଭିମାନ ପ୍ରଭାବ ଦହନ
ଅନୁକୂଳ ପ୍ରତିକୂଳ
କୃପାବଳେ ନିସ୍ତାରନ୍ତି ବଦ୍ଧ ଜୀବକୂଳ ॥ ୭ ॥

ପ୍ରେମ ପାରାବାର ଗୁରୁ କରୁଣା ସାଗର
ନିର୍ଗୁଣ ପରମବ୍ରହ୍ମ ପୂର୍ଣ୍ଣ ନିର୍ବିକାର
ଗୁରୁ ପରମ କାରଣ
ଧନ୍ୟ ହୁଏ ଶ୍ରୀଚରଣେ କରି ସମର୍ପଣ ॥ ୮ ॥

## ପ୍ରାତଃ ବନ୍ଦନା

ବନ୍ଦେ ଶ୍ରୀଗୁରୁ ପ୍ରେମ କଳ୍ପତରୁ ଚିଦାନନ୍ଦ ନିତ୍ୟ ବ୍ରହ୍ମ ସନାତନ
ପତିତ ପାବନ ଅନାଥ ଶରଣ ଅଜ୍ଞାନ-ତାମସ ନାଶନ ॥ ୦ ॥

ଗୁରୁ ବ୍ରହ୍ମା ବିଷ୍ଣୁ ଗୁରୁ ମହେଶ୍ୱର
ସର୍ବ ତତ୍ତ୍ୱମୟ ଗୁରୁ ପରାତ୍ପର
ଗୁରୁ ପରଂବ୍ରହ୍ମ, ଜ୍ଞାନ ଭାସ୍କର
ଭବସାଗର ତାରଣ ॥ ୧ ॥

ସ୍ଥାବର ଜଙ୍ଗମ ବିଶ୍ୱ ଚରାଚର
ସର୍ବ ବ୍ୟାପ୍ତ ସେଯେ ଛନ୍ତି ନିରନ୍ତର
ଚିନ୍ମୟ ସ୍ୱରୂପ, ନାହିଁ ନାମ ରୂପ
ଧ୍ୟାନାତୀତ ନିତ୍ୟ ନିରଞ୍ଜନ ॥ ୨ ॥

ବେଦାନ୍ତ ଭାସ୍କର ସର୍ବଶ୍ରୁତି ସାର
ବିତରେ ଅମୃତ କରୁଣା ଅପାର
ଚୈତନ୍ୟ ଶାଶ୍ୱତ ଜଗତର ନାଥ
ସ୍ମରରେ ହୃଦୟ ରଞ୍ଜନ ॥ ୩ ॥

ହୃଦୟ କନ୍ଦରେ ସେ ଯେ ଦିବାକର
ମଙ୍ଗଳଦାୟକ ସର୍ବ ମୂଳାଧାର
ଶୁଦ୍ଧ ଜ୍ଞାନମୟ ଆନନ୍ଦ ନିଳୟ
'ତତ୍ତ୍ୱମସି' ସେ ଯେ ମୂର୍ତ୍ତିମାନ ॥ ୪ ॥

ଭାବର ଅତୀତ ତ୍ରିଗୁଣ ରହିତ
ସଦା ସାକ୍ଷୀଭୂତ ଦ୍ୱନ୍ଦ୍ୱ ବିରହିତ
ମାୟାର ଅତୀତ ପରମ ସୁଖଦ
ଶମନ ଭୟ ବାରଣ ॥ ୫ ॥

ଆତ୍ମବଳି ଦିଅ ଶ୍ରୀଗୁରୁ ଚରଣେ
ତେବେ ତୁ ପାଇବୁ ସେ ପରମ ଧନେ
ଅଜ୍ଞାନ ଘୁଞ୍ଚିବ ଜ୍ଞାନର ଆଲୋକେ
ଭାତିବ ଏ ତୋର ପ୍ରାଣ ମନ ॥ ୬ ॥

ସେହି ଗୁରୁପଦେ ନେବାକୁ ଶରଣ
ଯଦିରେ 'ଯୋଗେନ୍ଦ୍ର' ଅଛି ତୋର ମନ
ଅହଂତ୍ୱ ବିନାଶୀ ଗୁରୁପଦେ ମିଶି
ବ୍ରହ୍ମାନନ୍ଦ ରସେ ହୁଅରେ ମଗନ ॥ ୭ ॥

## ସନ୍ଧ୍ୟା ବନ୍ଦନା

ଗୁରୁ ନାରାୟନ କରି ନିବେଦନ ଥାକେ ଯେନୋ ମନ ତବ ଶ୍ରୀ ଚରନେ
ଆମି ଅତି ଦୀନ ଭଜନ ବିହୀନ କ୍ରିପା କର ପ୍ରଭୁ! ତବ ନିଜ ଗୁନେ ॥ ୦ ॥

(ଥାକି) ଯେ ଭାବେ, ଯେ ଖାନେ, ଜୀବନେ ମରନେ
ମଜେ ଥାକି ଯେନୋ ତବ ଗୁନ ଗାନେ
(ତବ) ପ୍ରେମମୟ ମୂରତି ଯେନୋ ନିରବଧି
ଲେଗେ ଥାକେ ଆମାର୍ ଏ ଦୁଟି ନୟନେ ॥ ୧ ॥

(ଆମାର୍) ଦେହ ମନ ପ୍ରାନ୍, କରି ସମର୍ପନ
ଅବିଚାରେ କରି (ତବ) ଆଦେଶ ପାଳନ
(ତାତେ) ଯାୟ ଯାକ ପ୍ରାନ, ଓହେ ଭଗବାନ !
(ଯେନୋ) ଭୁଲି ନା ଭୁଲି ନା, ତୋମା ହେନ ଧନୋ॥ ୨ ॥

(ସଦା) ତବ ନାମ ଜପି ତବ ରୂପ ଦେଖି
ତୋମାରି ଆନନ୍ଦେ ଆନନ୍ଦେତେ ଥାକି
ତୋମାରି ସେବାୟ, ଯେନୋ ଦିନ ଯାୟ
(ଆମାର୍) ଅନ୍ୟ ଆଶା ଯେନୋ, ନା ଥାକେ ଜୀବନେ ॥ ୩ ॥

ସୁଧାମାଖା ନାମ ଯେନୋ, ମହାମନ୍ତ୍ର ସିଦ୍ଧନାମ, ଜୟଗୁରୁ ଜୟଗୁରୁ ନାମ, ଇହକାଲ ପରକାଲ, ଜନ୍ମଜନ୍ମାନ୍ତରେ ଯେନୋ, ପାତକୀ ତାରନ ନାମ, ବିପଦ ବାରନ ନାମ, ରୋଗେ ସୁଖେ ମହାଦୁଃଖେ, ସଂପଦେ ବିପଦେ ଯେନୋ, ଶୟନେ ସ୍ୱପନେ ଯେନୋ, ନିଦ୍ରାରେ ବା ଜାଗରନେ, କାମିନୀ କାଞ୍ଚନେ ଯେନୋ, ପ୍ରାନପ୍ରିୟ ପିତା ବୋଲି, ଶ୍ରୀରଙ୍ଗା ଚରନେ ଯେନୋ, ଯଖନ ଯେଖାନେ ଥାକି, ଜୟଗୁରୁ ଜୟଗୁରୁ ଡାକି ।
ନାମ, ସେବା, ପ୍ରୀତି, ପ୍ରେମ, ଭାବ ବିନେ ଅନ୍ୟ ଆଶା,

# ସ୍ତୋତ୍ରବନ୍ଦନା

## ଶ୍ରୀଶ୍ରୀଗୁରୁପ୍ରଣାମଃ

ଓଁ ବ୍ରହ୍ମାନନ୍ଦଂ ପରମସୁଖଦଂ କେବଳଂ ଜ୍ଞାନମୂର୍ତ୍ତିଂ
ଦ୍ୱନ୍ଦ୍ୱାତୀତଂ ଗଗନସଦୃଶଂ ତତ୍ତ୍ୱମସ୍ୟାଦିଲକ୍ଷମ୍
ଏକଂ ନିତ୍ୟଂ ବିମଳମଚଳଂ ସର୍ବଧୀ ସାକ୍ଷୀଭୂତଂ
ଭାବାତୀତଂ ତ୍ରିଗୁଣରହିତଂ ସଦ୍‌ଗୁରୁଂ ତଂ ନମାମି ||

## ଗୁର୍ବଷ୍ଟକମ୍

ଭବସାଗର ତାରଣ କାରଣ ହେ
ରବି ନନ୍ଦନ ବନ୍ଧନ ଖଣ୍ଡନ ହେ
ଶରଣାଗତ କିଙ୍କର ଭୀତମନେ
ଗୁରୁଦେବ ! ଦୟା କର ଦୀନଜନେ || ୧ ||

ହୃଦକନ୍ଦର-ତାମସ-ଭାସ୍କର ହେ
ତୁମେ ବିଷ୍ଣୁ ପ୍ରଜାପତି ଶଙ୍କର ହେ
ପରଂବ୍ରହ୍ମ ପରାପ୍ର ବେଦ ଭଣେ
ଗୁରୁଦେବ ! ଦୟା କର ଦୀନଜନେ || ୨ ||

ମନ ବାରଣ ଶାସନ ଅଙ୍କୁଶ ହେ
ନରତ୍ରାଣ ତରେ ହରି ଚାକ୍ଷୁସ ହେ
ଗୁଣଗାନ ପରାୟଣ ଦେବଗଣେ
ଗୁରୁଦେବ ! ଦୟା କର ଦୀନଜନେ || ୩ ||

କୁଳ କୁଣ୍ଡଳିନୀ ଘୁମଭଞ୍ଜକ ହେ
ହୃଦଗ୍ରନ୍ଥି ବିଦାରଣକାରକ ହେ
ମମ ମାନସ ଚଞ୍ଚଳ ରାତ୍ରଦିନେ
ଗୁରୁଦେବ ! ଦୟା କର ଦୀନଜନେ ॥ ୪ ॥

ରିପୁ ସୂଦନ ମଙ୍ଗଳ ନାୟକ ହେ
ସୁଖ ଶାନ୍ତି ବରାଭୟଦାୟକ ହେ
ତ୍ରୟ ତାପ ହରେ ତବ ନାମ ଗୁଣେ
ଗୁରୁଦେବ ! ଦୟା କର ଦୀନଜନେ ॥ ୫ ॥

ଅଭିମାନ ପ୍ରଭାବ ବିମର୍ଦ୍ଦକ ହେ
ଗତିହୀନ ଜନେ ତୁମେ ରକ୍ଷକ ହେ
ଚିତ୍ତ ଶଙ୍କିତ ବଞ୍ଚିତ ଭକ୍ତିଧନେ
ଗୁରୁଦେବ ! ଦୟା କର ଦୀନଜନେ ॥ ୬ ॥

ତବ ନାମ ସଦା ଶୁଭ ସାଧକ ହେ
ପତିତାଧମ ମାନବ ପାବକ ହେ
ମହିମା ତବ ଗୋଚର ଶୁଦ୍ଧ ମନେ
ଗୁରୁଦେବ ! ଦୟା କର ଦୀନଜନେ ॥ ୭ ॥

ଜୟ ସଦ୍‌ଗୁରୁ ଈଶ୍ୱର ପ୍ରାପକ ହେ
ଭବରୋଗ ବିକାର ବିନାଶକ ହେ
ମନ ଯେହ୍ନେ ରହେ ତବ ଶ୍ରୀଚରଣେ
ଗୁରୁଦେବ ଦୟା କର ଦୀନଜନେ ॥ ୮ ॥

# ଅଥ ଗୁରୁପ୍ରଣାମଃ

ଓଁ ଚୈତନ୍ୟଂ ଶାଶ୍ୱତଂ ଶାନ୍ତଂ ବ୍ୟୋମାତୀତଂ ନିରଞ୍ଜନମ୍
ବିନ୍ଦୁନାଦ କଳାତୀତଂ ତସ୍ମୈ ଶ୍ରୀଗୁରବେ ନମଃ ॥ ୧ ॥

ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁ ଗୁରୁର୍ଦେବୋ ମହେଶ୍ୱରଃ
ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ ॥ ୨ ॥

ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ ଶଳାକୟା
ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ॥ ୩ ॥

ଜ୍ଞାନଶକ୍ତି ସମାରୂଢଂ ତତ୍ତ୍ୱମାଳା ବିଭୂଷିତମ୍
ଭୁକ୍ତିମୁକ୍ତି ପ୍ରଦାତାରଂ ତସ୍ମୈ ଶ୍ରୀଗୁରବେ ନମଃ ॥ ୪ ॥

ସର୍ବଶ୍ରୁତି ଶିରୋରତ୍ନ ବିରାଜିତ ପଦାମ୍ବୁଜମ୍
ବେଦାନ୍ତାମ୍ବୁଜ-ସୂର୍ଯ୍ୟାୟ ତସ୍ମୈ ଶ୍ରୀଗୁରବେ ନମଃ ॥ ୫ ॥

ଅନେକଜନ୍ମସଂପ୍ରାପ୍ତ କର୍ମବନ୍ଧ ବିଦାହିନେ
ଆତ୍ମଜ୍ଞାନ ପ୍ରଦାନେନ ତସ୍ମୈ ଶ୍ରୀଗୁରବେ ନମଃ ॥ ୬ ॥

ସଂସାର-ବୃକ୍ଷମାରୂଢ଼ା ପତନ୍ତି ନରକାର୍ଣ୍ଣବେ
ଯେନୋଦ୍ଧୃତମିଦଂ ବିଶ୍ୱଂ ତସ୍ମୈ ଶ୍ରୀଗୁରବେ ନମଃ ॥ ୭ ॥

ଆବ୍ରହ୍ମ ସ୍ତମ୍ବପର୍ଯ୍ୟନ୍ତଂ ପରମାତ୍ମସ୍ୱରୂପକମ୍
ସ୍ଥାବର-ଜଙ୍ଗମଞ୍ଚୈବ ପ୍ରଣମାମି ଜଗନ୍ମୟମ୍ ॥ ୮ ॥

ବନ୍ଦେଽହଂ ସଚ୍ଚିଦାନନ୍ଦଂ ଭେଦାତୀତଂ ଜଗଦ୍‌ଗୁରୁମ୍
ନିତ୍ୟଂ ପୂର୍ଣ୍ଣଂ ନିରାକାରଂ ନିର୍ଗୁଣଂ ସ୍ୱାତ୍ମସଂସ୍ଥିତମ୍ ॥ ୯ ॥

ନଗୁରୋରଧିକଂ ତତ୍ତ୍ୱଂ ନଗୁରୋରଧିକଂ ତପଃ
ତତ୍ତ୍ୱଜ୍ଞାନାତ୍ ପରଂ ନାସ୍ତି ତସ୍ମୈ ଶ୍ରୀଗୁରବେ ନମଃ ॥ ୧୦ ॥

ଗୁରୁରାଦିରନାଦିଶ୍ଚ ଗୁରୁଃ ପରମଦୈବତଂ
ଗୁରୋଃ ପରତରଂ ନାସ୍ତି ତସ୍ମୈ ଶ୍ରୀଗୁରବେ ନମଃ ॥ ୧୧ ॥

ମନ୍ନାଥଃ ଶ୍ରୀଜଗନ୍ନାଥୋ ମଦ୍‌ଗୁରୁଃ ଶ୍ରୀଜଗଦ୍‌ଗୁରୁଃ
ମଦାତ୍ମା ସର୍ବଭୂତାତ୍ମା ତସ୍ମୈ ଶ୍ରୀଗୁରବେ ନମଃ ॥ ୧୨ ॥

ନିତ୍ୟଂ ଶୁଦ୍ଧଂ ନିରାଭାସଂ ନିରାକାରଂ ନିରଞ୍ଜନମ୍
ନିତ୍ୟବୋଧଂ ଚିଦାନନ୍ଦଂ ଗୁରୁବ୍ରହ୍ମ ନମାମ୍ୟହମ୍ ॥ ୧୩ ॥

ଭବପାଶ ବିନାଶାୟ ଜ୍ଞାନଦୃଷ୍ଟି ପ୍ରଦର୍ଶିନେ
ନମଃ ସଦ୍‌ଗୁରବେ ତୁଭ୍ୟଂ ଭୁକ୍ତି-ମୁକ୍ତି ପ୍ରଦାୟିନେ ॥ ୧୪ ॥

ନରାକାର ପରଂବ୍ରହ୍ମ ରୂପାୟାଽଜ୍ଞାନ ହାରିଣେ
ଆତ୍ମଜ୍ଞାନ ପ୍ରଦାନେନ ତସ୍ମୈ ଶ୍ରୀଗୁରବେ ନମଃ ॥ ୧୫ ॥

# ଶାନ୍ତିପାଠଃ

ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣ ମୁଦଚ୍ୟତେ
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣ ମେବା ବଶିଷ୍ୟତେ
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ହରି ଓଁ ତତ୍‌ସତ୍
ଯଦକ୍ଷରଂ ପରିଭ୍ରଷ୍ଟ ମାତ୍ରାହୀନଞ୍ଚ ଯଦ୍ ଭବେତ୍
ତତ୍‌ସର୍ବଂ କ୍ଷମ୍ୟତାଂ ଦେବ ପ୍ରସୀଦ ପରମେଶ୍ୱର
ଧ୍ୟାନମୂଳଂ ଗୁରୋର୍ମୂର୍ତ୍ତିଂ ପୂଜାମୂଳଂ ଗୁରୋର୍ପଦମ୍
ମନ୍ତ୍ରମୂଳଂ ଗୁରୋର୍ବାକ୍ୟଂ ମୋକ୍ଷମୂଳଂ ଗୁରୋର୍କୃପା

ତ୍ୱମେବ ମାତା ଚ ପିତା ତ୍ୱମେବ
ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ
ତ୍ୱମେବ ବିଦ୍ୟା ଦ୍ରବିଣଂ ତ୍ୱମେବ
ତ୍ୱମେବ ସର୍ବଂ ମମ ଦେବଦେବ ॥